## ସୁଧୀର ହତ୍ୟାକାଣ୍ଡରେ ୫ ପୋଲିସ ନିଲମ୍ବିତ

ଭୁବନେଶ୍ୱର/ଗଞ୍ଜାମ, ୨୫/୦୪ (ଜେଏନଏସ) : ସୁଧୀର ପାତ୍ର ହତ୍ୟାକାଣ୍ଡ ମାମଲାରେ କର୍ତ୍ତବ୍ୟରେ ଅବହେଳା ପାଇଁ ପୋଲିସ କର୍ମଚାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବ୍ରହ୍ମପୁର ଏସପି ସାର୍ଥକ ଷଡ଼ଙ୍ଗୀ ଏହି ମାମଲାରେ କାର୍ଯ୍ୟରେ ଗୁରୁତର ଅବହେଳା ପାଇଁ ୫ ଜଣ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରିଛନ୍ତି । ସୁଧୀର ପାତ୍ରଙ୍କ ହତ୍ୟା ପୂର୍ବରୁ ତାଙ୍କ ପରିବାର ପକ୍ଷରୁ ବିପଦ ଥିବା ନେଇ ବାରମ୍ବାର ଅଭିଯୋଗ କରାଯାଇଥିଲା। କିନ୍ତୁ ପୋଲିସ ଏହାକୁ ଗୁରୁତ୍ୱ ଦେଇନଥିବାରୁ ଏତେ ବଡ଼ ହତ୍ୟାକାଣ୍ଡ ଘଟିଥିଲା ବୋଲି ଅଭିଯୋଗ ହୋଇଛି। ନିଲମ୍ବିତ ହୋଇଥିବା କର୍ମଚାରୀଙ୍କ ମଧ୍ୟରେ ଜଣେ ଏସ୍ଆଇ ଏବଂ ଅନ୍ୟ ୪ ଜଣ କନେଷ୍ଟବଳ ସାମିଲ ଅଛନ୍ତି। ସେମାନଙ୍କ ବିରୋଧରେ ବିଭାଗୀୟ ତଦନ୍ତ ମଧ୍ୟ ଜାରି ରହିଛି। ସରକାର ଓ ଗୃହ ବିଭାଗ ଏହି ଘଟଣାକୁ ଗମ୍ଭୀରତାର ସହ ନେଇଛନ୍ତି ଏବଂ ତଦନ୍ତରେ ସ୍ୱଚ୍ଛତା ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।


# ଜନବାର୍ତ୍ତା

ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

(JANABARTTA SWABHIMANI ODIANKA SWARA)

PRGI NO-ORORI/26/A0341 ପ୍ରତିଷ୍ଠାତା - ବିଜୟ କୁମାର ପଟ୍ଟନାୟକ Weekly (ସାପ୍ତାହିକ)



ADVERTISEMENT TARIFF

| | |
|---|---|
| FULL PAGE FRONT | RS. 1,00,000.00 |
| FULL PAGE BACK | RS. 80,000.00 |
| FULL PAGE BACK COVER | RS. 80,000.00 |
| FULL PAGE FRONT INNER | RS. 80,000.00 |
| HALF PAGE FRONT/BACK | RS. 50,000.00 |
| QUARTER PAGE | RS. 25,000.00 |
| EAR PANEL FRONT | RS. 5,000.00 |
| EAR PANEL BACK | RS. 5,000.00 |



www.janabartta.com

VOL-1 | ISSUE-10 | BHUBANESWAR | April 26 to May 02, 2026 | Rs--8/- | ବର୍ଷ-୧ | ସଂଖ୍ୟା-୧୦ | ଭୁବନେଶ୍ୱର | ଅପ୍ରେଲ ୨୬ରୁ ମଇ ୦୨, ୨୦୨୬ | ପୃଷ୍ଠା-୮ | ମୂଲ୍ୟ-୮ଟଙ୍କା


# ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

ଗତ ସପ୍ତାହରେ ଆମେ ଗୋଟିଏ ପ୍ରସଙ୍ଗ ଆଲୋଚନା କରୁଥିଲେ, ପ୍ରଶାସନରୁ ଦୁର୍ନୀତି ଦୂର କରିବା ସମ୍ଭବ କି? ମୋର ଯୁକ୍ତି ହେଉଛି, ଏହା ସମ୍ଭବ ଯଦି ଜଣେ ମୁଖ୍ୟମନ୍ତ୍ରୀ ନିଜେ ବ୍ୟକ୍ତିଗତ ସ୍ତରରେ ସଚ୍ଚୋଟ ରୁହନ୍ତି । କେବଳ ସେତିକି ନୁହେଁ, ସେ ତାଙ୍କର ସହଯୋଗୀ ମନ୍ତ୍ରୀ ଓ ତାଙ୍କ ଅଧସ୍ତନ କର୍ମଚାରୀଙ୍କ କ୍ଷେତ୍ରରେ ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ଅବଲମ୍ବନ କରିବା ଉଚିତ । ଏହା ସଙ୍ଗେ ସଙ୍ଗେ ମନେ ରଖିବାକୁ ହେବ ଯେ, ଦୁର୍ନୀତୀର ଚେର ଏତେ ଗଭୀରକୁ ଯାଇଛି ଯେ ବେଳେ ବେଳେ ଜଣେ ମୁଖ୍ୟମନ୍ତ୍ରୀ ମଧ୍ୟ ତା ନିକଟରେ ହାର ମାନି ଯାଆନ୍ତି । ଯେତେବେଳେ ମହାଲେଖାଗାର ୨ଜି ସ୍ପେକଟ୍ରମ ଆବଣ୍ଟନରେ ଲକ୍ଷାଧିକ କୋଟି ଟଙ୍କାର ଦୁର୍ନୀତି ବିଷୟରେ ବିଶାଳ ଅଭିଯୋଗ ଆଣିଲେ, ସେତେବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହ ତାଙ୍କର ଅସହାୟତା ପ୍ରକାଶ କରି କହିଥିଲେ ଯେ, ସେ ମିଳିତ ସରକାରର ରାଜଧର୍ମରେ ବନ୍ଧା । ଅବଶ୍ୟ ପରେ ଏହି ଅଭିଯୋଗ ଅତିରଞ୍ଜିତ ପ୍ରମାଣିତ ହେଲା । କିନ୍ତୁ ଜଣେ ପ୍ରଧାନମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଆବଶ୍ୟକ ସଂଖ୍ୟା ଗରିଷ୍ଠତା ଥିଲେ ସେ ନିଶ୍ଚିତ ଭାବରେ ଦୁର୍ନୀତି ବିରୋଧରେ ଏକ କଡ଼ା ଆଭିମୁଖ୍ୟ ଗ୍ରହଣ କରି ପାରିବେ ।

ଏହି ଆଭିମୁଖ୍ୟର ପ୍ରଥମ ପଦକ୍ଷେପ ହେଉଛି ଉତ୍ତରଦାୟିତ୍ୱ ନ୍ୟସ୍ତ କରିବା । ବେସରକାରୀ ସଂସ୍ଥାମାନଙ୍କରେ କୌଣସି ସ୍ଥାନରେ ବିଫଳତା ପରିଲକ୍ଷିତ ହେଲେ ପ୍ରଥମେ ତାହାର ମୁଖ୍ୟଙ୍କୁ ଦାୟୀ କରାଯାଏ । ନିକଟ ଅତୀତରେ ବିମାନ ଦୁର୍ଘଟଣା ଯୋଗୁଁ ଏକ ପ୍ରଖ୍ୟାତ କମ୍ପାନୀର ମୁଖ୍ୟଙ୍କୁ କାର୍ଯ୍ୟରୁ ବିଦାୟ କରି ଦିଆଯାଇଥିଲା । ଅନେକ ବର୍ଷ ପୂର୍ବେ ଏକ ରେଳ ଦୁର୍ଘଟଣା ଯୋଗୁଁ ତତ୍କାଳୀନ ରେଳମନ୍ତ୍ରୀ ସ୍ୱର୍ଗତ ଲାଲ ବାହାଦୁର ଶାସ୍ତ୍ରୀ ଇସ୍ତଫା ଦେଇଥିବା ଘଟଣା ସମସ୍ତଙ୍କର ମନେ ଅଛି । ଆଜି ମଧ୍ୟ କୌଣସି ଅଘଟଣ ଘଟିଲେ ବିରୋଧୀ ଦଳ ବିଭାଗୀୟ ମନ୍ତ୍ରୀଙ୍କର ଇସ୍ତଫା ଦାବି କରନ୍ତି । କିନ୍ତୁ ଉକ୍ତ ଦାବି ଏକ ରାଜନୈତିକ ତାମସା ପରି ମନେ ହୁଏ । ନା ସରକାରୀ ଦଳ ନା ବିରୋଧୀ ଦଳ କାହାରି ଆନ୍ତରିକତା ଥିବା ପରି ମନେ ହୁଏ ନାହିଁ ସମସ୍ୟାର ସମାଧାନ ପାଇଁ ବା ଘଟଣାର ପୁନରାବୃତ୍ତି ନ ହେବା ପାଇଁ । ଯେଉଁ କେତେକ ଘଟଣାରେ ମନ୍ତ୍ରୀମାନେ ଇସ୍ତଫା ଦେଇଛନ୍ତି ତାହା ପରେ ମଧ୍ୟ ଅବସ୍ଥାରେ କୌଣସି ସୁଧାର ଆସି ନାହିଁ । କେବଳ ଜଣେ ଯାଇଛନ୍ତି ଓ ଆଉ ଜଣେ ଆସିଛନ୍ତି । ନୂଆ ବୋତଲ କିନ୍ତୁ ମଦ ପୁରୁଣା ।

ପ୍ରଶାସନରୁ ଦୁର୍ନୀତି ଦୂର କରିବାକୁ ହେଲେ ପ୍ରଥମେ ବ୍ୟବସ୍ଥାଗତ ଡାଞ୍ଚାକୁ ବୁଝିବାକୁ ହେବ । ଡାଞ୍ଚା ଭିତରେ ଯେଉଁ ସବୁ ବ୍ୟବସ୍ଥା ଅଛି ତାକୁ ଠିକ ଭାବରେ ପ୍ରୟୋଗ କଲେ ଦୁର୍ନୀତି ଅନେକଟା କମି ଯିବ । ସରକାର ହେଉଛି ଏକ ବିରାଟ କଳ । ତଳୁ ଉପର ପର୍ଯ୍ୟନ୍ତ ଏହାର ପାହାଚ ଲମ୍ବିଯାଇଛି । ବ୍ରିଟିଶ ସମୟରେ ତିଆରି ହୋଇଥିବା ଏହି ଡାଞ୍ଚା ଅନୁଯାୟୀ ଉପର ପାହାଚର ତଳ ପାହାଚ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିବା ଉଚିତ ଯେଉଁଳିକି ସେନାରେ ଥାଏ । ସାଧାରଣ ସୈନିକମାନଙ୍କ ଉପରେ ଜଣେ ସୁବେଦାରର କର୍ତ୍ତୃତ୍ୱକୁ ମଧ୍ୟ ସମ୍ପୂର୍ଣ୍ଣ ମାନ୍ୟତା ଦିଆଯାଏ, ତାକୁ କ୍ଷୁର୍ଣ୍ଣ କରାଯାଏ ନାହିଁ । କିନ୍ତୁ ରାଜ୍ୟ ସରକାରଙ୍କ କ୍ଷେତ୍ରରେ ଲକ୍ଷ୍ୟ କରାଯାଏ ଯେ, ଜଣେ ଥାନା ବାବୁର ମଧ୍ୟ ସିଧା ସଳଖ ସମ୍ପର୍କ ଥାଏ ମୁଖ୍ୟମନ୍ତ୍ରୀଙ୍କ ସହ ବା ତାଙ୍କର ଦପ୍ତର ସହ । ଯଦି ଜଣେ ଥାନା ବାବୁ ତାହାର ଦୈନନ୍ଦିନ କାର୍ଯ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ନିଏ ତେବେ ସେ ଏସପିଙ୍କୁ ମାନିବ କାହିଁକି? ସବୁ ବିଭାଗରେ ଅନୁରୂପ ବ୍ୟବସ୍ଥା । ବିଭିନ୍ନ ବିଭାଗରେ ଅଫିସରମାନେ କୁହନ୍ତି, 'ସିଏ ପରା ମନ୍ତ୍ରୀଙ୍କ ଲୋକ ବା ସଚିବଙ୍କ ଲୋକ, ତାକୁ ଛୁଇଁବ କିଏ?' ଉପରିସ୍ଥ ଶାସକ ବା ପ୍ରଶାସକ ଏହିଭଳି କେତେକ ମାର୍କାମରା ଅଧସ୍ତନ କର୍ମଚାରୀଙ୍କ ମାଧ୍ୟମରେ କାମ କରାନ୍ତି । ଜନସାଧାରଣ ମଧ୍ୟ ସେଇ କରିତକର୍ମା ଅଧସ୍ତନ କର୍ମଚାରୀଙ୍କୁ ଖୋଜି ବୁଲୁଥାନ୍ତି, ଯାହାଙ୍କୁ ଧରିଲେ କାମଟା ହେବ । ଫଳରେ ସଚ୍ଚୋଟ କର୍ମଚାରୀମାନେ ନିରୁତ୍ସାହିତ ହୁଅନ୍ତି । ଜଣେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ କାମ ହେଲା ଏହି ବୁଢ଼ିଆଣୀ ଜାଲକୁ ପ୍ରଥମେ ହଟାଇବା, ଉପରିସ୍ଥ କର୍ମଚାରୀଙ୍କୁ ସଠିକ ଉପାୟରେ କାମରେ ଲଗାଇବା, ତାଙ୍କୁ ଉତ୍ତରଦାୟୀ କରିବା । ତହସିଲ ଅଫିସରେ ବା କୃଷି ଅଫିସରେ ଯଦି ଦୁର୍ନୀତି ହୁଏ ତେବେ ଜଣେ କିରାଣୀ ବା ତଳିଆ କର୍ମଚାରୀକୁ ନିଲମ୍ବିତ କରିବା ପୂର୍ବରୁ ଉକ୍ତ ଅଫିସର ମୁଖ୍ୟଙ୍କୁ ଦାୟୀ କରିବା ଉଚିତ । ତାହା ହେଲେ ପ୍ରଶାସନିକ କଳ ସୂଚାରୁ ରୂପେ କାମ କରିବ ।

ଦୈନନ୍ଦିନ କାର୍ଯ୍ୟରୁ ଦୁର୍ନୀତି ଦୂର କରିବାରେ ଅଭିଯୋଗ ଶୁଣାଣୀର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କେଉଁ ବିଭାଗରେ କିଭଳି ଦୁର୍ନୀତି ଚାଲିଛି ଓ କେଉଁମାନେ ଏଥି ସହ ସମ୍ପୃକ୍ତ ତାହାର ଖବର ତୁରନ୍ତ ମିଳିଯାଏ ଯଦି ଜଣେ ଜିଲ୍ଲାପାଳ ନିୟମିତ ଭାବରେ ଅଭିଯୋଗ ଶୁଣନ୍ତି । ସେହିଭଳି ଭାବରେ ବିଭାଗମାନଙ୍କର ଉପରିସ୍ଥ କର୍ମଚାରୀମାନେ ନିରନ୍ତର ଭାବରେ ଗସ୍ତ କରି ଲୋକଙ୍କ କଥା ଶୁଣିଲେ ଅନେକ ଘଟଣା ପଦାକୁ ଆସିଯାଇ ପାରିବ । ଅଭିଯୋଗ ଶୁଣାଣିର ଅର୍ଥ ନୁହେଁ ଅଭିଯୋଗ ପ୍ରକୋଷ୍ଠରେ ସପ୍ତାହକୁ ଥରେ ଅଭିଯୋଗ ଗ୍ରହଣ କରିବା। ଅନେକ ସମୟରେ ଦେଖାଯାଇଛି ଯେ, ଅଭିଯୋଗ ଶୁଣାଣି ଏକ ଔପଚାରିକତାରେ ପରିଣତ ହୋଇଯାଇଛି । ଅଭିଯୋଗ ପତ୍ର ଗ୍ରହଣ କରାଯାଉଛି ଏବଂ ତାହାକୁ ନିର୍ଦ୍ଦିଷ୍ଟ ଅଫିସକୁ ପଠାଇ ଦେଲେ ତାହାର ଫଇସଲା ହୋଇଗଲା ବୋଲି ରିପୋର୍ଟ କରାଯାଉଛି । ପ୍ରକୃତରେ ଅଭିଯୋଗକାରୀ ନ୍ୟାୟ ପାଇଲା କି ନାହିଁ ତାହା ଅନୁଧ୍ୟାନ କରାଯାଉନାହିଁ । ଅଭିଯୋଗ ଶୁଣାଣି ଓ ତାହାର ସମାଧାନ ତାହାର ଉତ୍ପତ୍ତି ସ୍ଥଳରେ ହିଁ ହେବା ଉଚିତ । ଉଦାହରଣ ସ୍ୱରୂପ, ଯଦି ଜଣେ ବ୍ୟକ୍ତିର ତହସିଲ ଅଫିସରେ କାମ ହୁଏ ନାହିଁ ତେବେ ସେ ପ୍ରଥମେ ତହସିଲଦାରଙ୍କୁ ଦେଖା କରିବା ଉଚିତ । ଯଦି ତହସିଲଦାର ତାକୁ ନ୍ୟାୟ ଦେଲେ ନାହିଁ ତେବେ ସେ ତାଙ୍କ ଉପରିସ୍ଥ ଅଫିସରଙ୍କୁ ତାଙ୍କର ଗସ୍ତ ସମୟରେ ଦେଖା କରି ଅଭିଯୋଗ କରିବା ଉଚିତ । ସେ ସମୟରେ ଉପରିସ୍ଥ ଅଫିସର ଜଣକ ତହସିଲଦାରଙ୍କ ଦ୍ୱାରା କାହିଁକି ସେ କାମ ହୋଇ ପାରିଲା ନାହିଁ ତାହା ପ୍ରଶ୍ନ କରିବା ଉଚିତ । ଦୁର୍ନୀତିର ଏକ ଉତ୍ସ ହେଲା ବିଳମ୍ବ । ବାରମ୍ବାର ଅଫିସ ନ ଦୌଡ଼ିବା ପାଇଁ ଲୋକେ ଲାଞ୍ଚ ଯାଚନ୍ତି । ଯଦି ଜନସାଧାରଣଙ୍କର ଦୈନନ୍ଦିନ ଆବଶ୍ୟକତା ଯଥା ବିଭିନ୍ନ ସାର୍ଟିଫିକେଟ ପାଇବା, ଜମି ମ୍ୟୁଟେସନ କରିବା ଆଦି ସହଜରେ ମିଳିଯାଏ ଓ ଏହା ନିୟମିତ ଭାବରେ ଚାଲେ ତେବେ ଦୁର୍ନୀତି ଅନେକ ମାତ୍ରାରେ କମିଯିବ ।



ବିଜୟ କୁମାର ପଟ୍ଟନାୟକ

ଦୁର୍ନୀତି ହ୍ରାସ କରିବା ପାଇଁ ଦୁଇଟି ଆଇନର ଅବତାରଣା କରାଯାଇପାରେ । ଗୋଟିଏ ହେଲା ସୂଚନା ଅଧିକାର ଆଇନ ଓ ଅନ୍ୟଟି ହେଲା ସାଧାରଣ ସେବା ଯୋଗାଣ ଆଇନ । ସୂଚନା ଅଧିକାର ଆଇନ ବିଷୟରେ ଜନସାଧାରଣ ଅଳ୍ପେ ବହୁତେ ଜାଣିଲେଣି । ସରକାରୀ ନଥିପତ୍ରରେ ଥିବା ଅଧିକାଂଶ ବିଷୟରେ ଜାଣିବାର ଅଧିକାର ଏଇ ଆଇନ ବଳରେ ଲୋକେ ପାଇଛନ୍ତି । ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଅନେକ ସୂଚନା ଅଧିକାର କର୍ମୀ ଗାଁ ଗଣ୍ଡାରେ ରହିଛନ୍ତି । କିନ୍ତୁ ଏଇ ଆଇନ ପଥରେ ଦୁଇଟି ଅନ୍ତରାୟ ରହିଛି । ପ୍ରଥମଟି ହେଲା ଅଫିସ ଗୁଡ଼ିକର ସମ୍ବେଦନଶୀଳ ତଥ୍ୟ ପ୍ରଦାନରେ ଚରମ ବିମୁଖତା । ବିଭିନ୍ନ ଆଳରେ ତଥ୍ୟ ଦେବାକୁ ମନା କରିବା ଅନେକ ଅଫିସର ଏକ ଅଭ୍ୟାସରେ ପରିଣତ ହୋଇଗଲାଣି । ଯଦି କୌଣସି କ୍ଷେତ୍ରରେ ତଥ୍ୟ ମନା କରି ଦିଆଯାଏ, ତେବେ ତାହା ବିରୁଦ୍ଧରେ ଅପିଲ କରିବା ହିଁ ଏକ ମାତ୍ର ଉପାୟ । ଅପିଲ ଏକ ବିଳମ୍ବିତ ପ୍ରକ୍ରିୟା । ବେଳେ ବେଳେ ଘଟଣାଟି ସୂଚନା ଅଧିକାର କମିଶନ ପର୍ଯ୍ୟନ୍ତ ଯାଏ । ଯଦି କମିଶନରେ ଅଧ୍ୟକ୍ଷ ବା ସଭ୍ୟ ନ ଥାଆନ୍ତି ତେବେ ବିଳମ୍ବର ଅନ୍ତ ନାହିଁ । ତାହା ଛଡା କମିଶନ ଗୁଡ଼ିକରେ ଏତେ ମାମଲା ପଡ଼ି ରହିଛି ଯେ, ଜଣେ ବ୍ୟକ୍ତି ଶ୍ୱାସରୁଦ୍ଧ ହୋଇ ଯାଇପାରେ । ଏତେ ଗୁଡିଏ ମାମଲା ପଡି ରହିବାର ଅନ୍ୟ ଏକ କାରଣ ହେଲା ତଳ ସ୍ତରରେ ତଥ୍ୟ ନ ଦିଆଯିବା । ଯଦି ତଳ ସ୍ତରରେ ତଥ୍ୟ ମିଳି ଯାଉଥାନ୍ତା ତାହା ହେଲେ ଲୋକେ ଖର୍ଚ୍ଚାନ୍ତ ହୋଇ କମିଶନ ପର୍ଯ୍ୟନ୍ତ ଆସନ୍ତେ ନାହିଁ । ସୂଚନା ଅଧିକାର କ୍ଷେତ୍ରରେ ଥିବା ଦ୍ୱିତୀୟ ଅନ୍ତରାୟଟି ହେଉଛି କେତେକ ସୂଚନା ଅଧିକାର କର୍ମୀଙ୍କର ଅନୈତିକ କାର୍ଯ୍ୟକଳାପ । ଅବଶ୍ୟ ସବୁ ବର୍ଗରେ କେହି ନା କେହି ବ୍ୟତିକ୍ରମ ଥାଆନ୍ତି । କିନ୍ତୁ ସେମାନଙ୍କ ଯୋଗୁଁ ଅଫିସ ଗୁଡ଼ିକ ସୂଚନା ଦେବାକୁ ବିରୋଧ କରନ୍ତି । କର୍ମୀ ଓ ସୂଚନା ପ୍ରଦାନକାରୀଙ୍କ ମଧ୍ୟରେ ତିକ୍ତତା ବଢ଼ିଲେ ଘଟଣାଟି ମୁକାବିଲା ଆଡ଼କୁ ଚାଲିଯାଏ । ଉଦ୍ଦେଶ୍ୟ ସଫଳ ହୁଏ ନାହିଁ । କିନ୍ତୁ ଏହା ସ୍ୱୀକାର କରିବାକୁ ହେବ ଯେ, ସୂଚନା ଅଧିକାର ଆଇନ ଯୋଗୁଁ ସ୍ୱେଚ୍ଛାଚାରିତା ନିୟନ୍ତ୍ରିତ ହୋଇଛି । ସରକାର ଏହାକୁ ଏକ ଅନଧିକାର ଚର୍ଚ୍ଚା ବୋଲି ନ ଭାବି ନିଜର ଭାବମୂର୍ତ୍ତି ବର୍ଦ୍ଧନ ପାଇଁ ଏକ ଅସ୍ତ୍ର ବୋଲି ବିଚାର କରନ୍ତି ତାହା ହେଲେ ଗଣତନ୍ତ୍ର ବଳିଷ୍ଠ ଓ ସ୍ୱଚ୍ଛ ହୋଇପାରିବ ।

ପ୍ରଶାସନରୁ ଦୁର୍ନୀତି ଦୂର କରିବା ପାଇଁ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଆଇନ ହେଲା ଲୋକ ସେବା ଯୋଗାଣ ଆଇନ । ଏ ଆଇନ ବିଷୟରେ ଅନେକ ବ୍ୟକ୍ତିଙ୍କର ଧାରଣା ନ ଥାଏ । ବିଭିନ୍ନ ଅଫିସରେ ମିଳୁଥିବା ସେବା କେତେ ଦିନରେ ମିଳିବ ତାହା ଉକ୍ତ ଆଇନରେ ଉଲ୍ଲିଖିତ ଅଛି । ଉଦାହରଣ ସ୍ୱରୂପ, ତହସିଲ ଅଫିସରେ ମ୍ୟୁଟେସନ କେସ କେତେ ଦିନରେ ଫଇସଲା ହେବ, ଜାତି ସାର୍ଟିଫିକେଟ କେତେ ଦିନରେ ମିଳିବ ଇତ୍ୟାଦି ଅନେକ ସେବା ବିଷୟରେ ଉଲ୍ଲିଖିତ ଅଛି । ଯଦି ଉକ୍ତ ସେବା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନ ମିଳେ ତେବେ ସେଥିପାଇଁ ସମ୍ପୃକ୍ତ ଅଫିସର କେତେ ଜରିମାନା ଦେବେ ତାହା ମଧ୍ୟ ଉଲ୍ଲିଖିତ ଅଛି। ଯଦି ମୁଖ୍ୟମନ୍ତ୍ରୀ ଚାହିଁବେ ତେବେ ଏଇ ନିୟମକୁ କଡ଼ାକଡ଼ି ଭାବରେ ପାଳନ କରାଇ ପାରିବେ । ତାହା କରାଗଲେ ଅନେକ ଅଭିଯୋଗର ଆପେ ଆପେ ସମାଧାନ ହୋଇପାରିବ । ଲୋକମାନେ ଭୁବନେଶ୍ୱର ନ ଦଉଡ଼ି ସମ୍ପୃକ୍ତ ଅଫିସରେ ହିଁ ଆବଶ୍ୟକ ସେବା ପାଇ ପାରିବେ । ତାହା ହେଲେ ଭିଜିଲାନ୍ସ ସଂସ୍ଥାର ଭୂମିକା କଅଣ ? ତାହା ଆସନ୍ତା ସପ୍ତାହରେ ଆଲୋଚନା କରିବା ।

ପୂର୍ବତନ ମୁଖ୍ୟ ଶାସନ ସଚିବ
ଓଡ଼ିଶା ସରକାର, ଭୁବନେଶ୍ୱର

ଗଣତନ୍ତ୍ର ମନ୍ତ୍ର ଦୁର୍ବଳ ହୋଇଛି
ରାଜନୀତି ଏଠି ହୀନ
ଆଦର୍ଶ କଥା ପ୍ରଚାର କରନ୍ତି
ଭୋଟ ପାଇ ଭୁଲିଥାନ୍ତି ମହାମାନ୍ୟ
ରାଜନୀତିର ଆଦର୍ଶ ଖୋଜିବା
ଏବେ ହୋଇଅଛି ସ୍ୱପ୍ନ
ଆବଶ୍ୟକ ସ୍ଥଳେ ଆଦର୍ଶ ପଡ଼ଇ ବଳି
କ୍ଷମତା ପାଇ ନିଜକୁ କରନ୍ତି ଧନ୍ୟ

### ବ୍ୟଙ୍ଗ ପ୍ରହାର: ପ୍ରମାଦ




# ମହାମାନ୍ୟ ଲିଗାସୀରୁ ପରିବାରବାଦ

## ରାଜନୀତିରେ ପରିବାର ନୁହେଁ ପରଫମାନ୍ସ ଦରକାର



ଭୁବନେଶ୍ୱର, ୨୫/୦୪ (ପ୍ରମୋଦ ସାମନ୍ତରାୟ) : ଭାରତ ଏକ ଗଣତାନ୍ତ୍ରିକ ଦେଶ । ଏଠି ସରକାର ଗଠନରୁ ନେଇ ନୀତି ନିର୍ଦ୍ଧାରଣ ଯାଏଁ ସବୁ କିଛି ଭୋଟରଙ୍କ ଉପରେ ନିର୍ଭର କରିଥାଏ। ସେଥିପାଇଁ ଭାରତୀୟ ରାଜନୀତିକୁ ଭୋଟକେନ୍ଦ୍ରିକ ରାଜନୀତି ବୋଲି କୁହାଯାଏ। ଭାରତୀୟ ଗଣତନ୍ତ୍ରରେ ଭୋଟ ହିଁ ସର୍ବସ୍ୱ। ଏହା ଯୋଗୁଁ ନେତା ଜନତାଙ୍କ ଆଗରେ ମୁଣ୍ଡ ନୁଆଁନ୍ତି କିନ୍ତୁ ଏହି ଭୋଟ ପାଇଁ ହିଁ ଅନେକ ସମୟରେ ଭଲ ନୀତି ବଦଳରେ ଲୋକପ୍ରିୟ ନେତାଙ୍କ ଆଦର୍ଶକୁ ପାଥେୟ କରି ରାଜନୀତି କରାଯାଇଥାଏ। ଭାରତୀୟ ରାଜନୀତିରେ ଲିଗାସୀ ସବୁଠାରୁ ସତ୍ୟ ଓ ଶକ୍ତିଶାଳୀ। କିନ୍ତୁ ଗଣତନ୍ତ୍ରର ମୂଳମନ୍ତ୍ର ହେଉଛି ଯୋଗ୍ୟ ଲୋକ ଆଗକୁ ଆସିଲେ ଦେଶର ସର୍ବାଙ୍ଗୀନ ଉନ୍ନତି ସମ୍ଭବ ହେବ।

ଭାରତୀୟ ରାଜନୀତିରେ ବିଶେଷ କରି ନାମର ବ୍ରାଣ୍ଡଭ୍ୟାଲୁ ଏବଂ ପରିବାର ଲିଗାସୀକୁ ନେଇ ନେତୃତ୍ୱ ନେବା ଏକ ସାଧାରଣ ଚିତ୍ର ପାଲଟିଛି। ଭାରତରେ ଜନ୍ମ ନେଇଥିବା ଅନେକ ବିଶିଷ୍ଟ ରାଜନୈତିକ ବ୍ୟକ୍ତିଙ୍କ ଲିଗାସୀକୁ ନେଇ ବିଭିନ୍ନ ରାଜନୈତିକ ଦଳ ରାଜନୀତିରେ ସଫଳତା ହାସଲ କରିଛନ୍ତି। ତେବେ ଦେଶ ସ୍ୱାଧିନ ହେବାର ୭୯ ବର୍ଷ ଅତିବାହିତ କରିଥିବା ବେଳେ ଆଦର୍ଶ ବ୍ୟକ୍ତିଙ୍କୁ ଆଳ କରି ଯେଉଁମାନେ ରାଜନୈତିକ ସଫଳତା ପାଇଲେ ସେମାନେ ଦେଶକୁ ଦେଇଛନ୍ତି କ'ଣ ତାହା ଏବେ ମୁଖ୍ୟ ପ୍ରସଙ୍ଗ ହୋଇ ରହିଛି। ଜାତୀୟସ୍ତରରେ କଂଗ୍ରେସର ମହାତ୍ମା ଗାନ୍ଧୀଙ୍କ ଠାରୁ ଆରମ୍ଭ କରି ଜବହାର ଲାଲ ନେହୁର, ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀଙ୍କ ଅବଦାନ ଓ ଆଦର୍ଶକୁ ନେଇ ଭାରତରେ ରାଜନୈତିକ ସଫଳତା ହାସଲ କରିବାରେ ସମର୍ଥ ହୋଇଛି। ଦଳ ଲିଗାସିକୁ ନେଇ ଯେତିକି ଲାଭବାନ ହୋଇଛି, ତଦନୁଯାୟୀ ସାଧାରଣ ଲୋକଙ୍କ ବିଶ୍ୱାସ ଓ ସମର୍ଥନ ପାଇ ୬୦ ବର୍ଷ ଶାସନ କ୍ଷମତାରେ ରହିଛି। ପ୍ରଥମ ପ୍ରଧାନମନ୍ତ୍ରୀ ନେହୁରଙ୍କ ପରେ କଂଗ୍ରେସ ଲାଲବାହାଦୁର ଶାସ୍ତ୍ରୀ, ଗୁଲଜାର ନନ୍ଦା, ପି ଭି ନରସିଂହ ରାଓ ଓ ମନମୋହନ ସିଂକୁ ଯଦିବା ପ୍ରଧାନମନ୍ତ୍ରୀ ଭାବେ ଅଧିଷ୍ଠିତ କରାଇଥିଲେ କିନ୍ତୁ ଗାନ୍ଧୀ ପରିବାର ହାତରେ କ୍ଷମତା ସର୍ବାଧିକ ସମୟ ରହିଛି। ସେହିଭଳି ବିଜେପି ଶ୍ୟାମ ପ୍ରସାଦ ମୁଖାର୍ଜିଙ୍କ ରାଜନୈତିକ ଆଦର୍ଶ ଓ ରାଷ୍ଟ୍ରୀୟ ଚେତନାକୁ ନେଇ ରାଜନୀତିରେ ପାଦ ଦେଇଥିଲା। ପରବର୍ତ୍ତୀ ସମୟରେ ଆର୍ଏସ୍ଏସ୍ର ଆଭିମୁଖ୍ୟକୁ ନେଇ ବିଜେପି ଏବେ ଜାତୀୟ ଦଳ ଭାବେ ଶକ୍ତିଶାଳୀ ହୋଇଛି। ସେହିଭଳି ଅନେକ ଆଞ୍ଚଳିକ ଦଳ ମହାନ ବ୍ୟକ୍ତିଙ୍କ ପରଲୋକ ପରେ ସେମାନଙ୍କ ଲିଗାସୀକୁ ନେଇ ଅଦ୍ୟବଧି ରାଜନୈତିକ ସଂଗ୍ରାମ ଜାରୀ ରଖିଛନ୍ତି। ନିକଟରେ ବିଜୁ ଲିଗାସୀ ଓ ଜାନକୀଙ୍କ ଲିଗାସୀକୁ ନେଇ ରାଜନୈତିକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇଛି। ବିଜୁ ବାବୁଙ୍କ ଭଲ ପାଇବା ପଛରେ ବିଜେଡ଼ି ବିଜୁ ବାବୁଙ୍କ ଅଧୁରା ସ୍ୱପ୍ନ ସାକାର କରିବା ନାଁରେ ନବୀନ ପଟ୍ଟନାୟକ ୨୪ ବର୍ଷ ଓଡ଼ିଶା ଶାସନ କ୍ଷମତାରେ ରହିଲେ। ଯେଉଁମାନେ ନବୀନଙ୍କ ଦ୍ୱାରା ପ୍ରତ୍ୟାକ୍ଷୀତ ଏବେ ସେମାନେ ବିଜୁ ଲିଗାସୀକୁ ନେଇ ରାଜନୈତିକ ଭବିଷ୍ୟତ ଗଢ଼ିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ବିଜୟ ମହାପାତ୍ର, ଦିଲ୍ଲୀପ ରାୟ, ପ୍ରଭାତ ତ୍ରୀପାଠୀ, ଅମର ଶତପଥି, ରବି ପାଣି ଓ ସୋମ୍ୟ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଏବେ ବିଜୁ ଲିଗାସୀ ସହ ଆଳକ୍ଷରେ ଜାନକୀ ବଲ୍ଲଭଙ୍କ ଲିଗାସୀକୁ ନେଇ ନୂଆ ରାଜନୈତିକ ଭାବନାର ଜାଲ ଓଡ଼ିଶାରେ ପକାଇଛନ୍ତି। ଜାତୀୟସ୍ତରରେ ନାସନାଲ କନଫରେନସର ଶେଖ ଅବଦୁଲାଙ୍କ ପରିବାର ଏବେ ବି ଜମ୍ମୁ-କାଶ୍ମୀରରେ ରାଜନୈତିକ କ୍ଷମତା ବଜାୟ ରଖିଛନ୍ତି। ଆନ୍ଧ୍ର ପ୍ରଦେଶରେ ଏନ୍ ଟି ରାମାରାଓଙ୍କ ପରେ ତେଲୁଗ ଦେଶମ୍ ପାର୍ଟି ଏବେ ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

## ପ୍ରେମ ପାଇଁ ସୁଧୀରକୁ ହତ୍ୟା

ଗଞ୍ଜାମ, ୨୫/୪ (ଜେଏନ୍ଏସ୍) : ଗଞ୍ଜାମ ଜିଲ୍ଲା ଗୋପାଳପୁରର ଜମି ବ୍ୟବସାୟୀ ସୁଧୀର ପାତ୍ରଙ୍କ ଅପହରଣ ଓ ହତ୍ୟା ମାମଲାରେ ନୂଆ ଟ୍ୱିଷ୍ଟ। ୨ କୋଟି ଟଙ୍କା କିମ୍ବା ପାରିବାରିକ ବିବାଦ ନୁହେଁ, ବରଂ ଆଉ ଏକ ଭିନ୍ନ କାରଣ ପାଇଁ ତାଙ୍କୁ କରାଯାଇଛି ନିର୍ମମ ଭାବେ ହତ୍ୟା। ମୁଖ୍ୟ ଅଭିଯୁକ୍ତ ସୁଧୀରଙ୍କ ଝିଅାରୀ ହିଁ ପୂରା ଘଟଣାର ମାଷ୍ଟରମାଇଣ୍ଡ। ସେ ସମ୍ପତ୍ତି ପାଇଁ ନିଜ ଦାଦାଙ୍କୁ ପ୍ରେମିକ ଓ କିଛି ଭଡ଼ାଟିଆ ଗୁଣ୍ଡା ସହାୟତାରେ ହତ୍ୟା କରିଥିବା ପ୍ରଥମେ କୁହାଯାଇଥିଲା। କିନ୍ତୁ ବାସ୍ତବରେ ଝିଆରୀ ନିବେଦିତା ଭିନ୍ନ ଜାତିର ହୋଇଥିବା ନିଜ ପ୍ରେମିକ ବିବାହ କରିବାକୁ ଚାହୁଁଥିଲା। ଏହାକୁ ଦାଦା ସୁଧୀର ପାତ୍ର ବିରୋଧ କରିଥିଲେ। ବାସ୍ ଏଥିପାଇଁ ପ୍ରେମିକ ସହ ମିଶି ନିବେଦିତା ତାଙ୍କୁ ଅପହରଣ ପରେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ହତ୍ୟାର ଶିକାର ହୋଇଥିବା ସୁଧୀର ପାତ୍ରଙ୍କ ବାପା, ମା' ଓ ଝିଅ ଏଭଳି ଅଭିଯୋଗ ଆଣିଛନ୍ତି। ସେମାନେ ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...



## ଆପ୍ ଛାଡ଼ିଲେ ୭ ସାଂସଦ

ନୂଆଦିଲ୍ଲୀ, ୨୫/୦୪ : ଆମ ଆଦମୀ ପାର୍ଟିକୁ ବଡ଼ ଝଟକା ଲାଗିଛି । ରାଜ୍ୟସଭା ସାଂସଦ ରାଘବ ଚଡ୍ଡ଼ା, ଅଶୋକ ମିତ୍ତଲ ଏବଂ ସନ୍ଦୀପ ପାଠକ ଆପରୁ ଇସ୍ତଫା ଦେଇଛନ୍ତି । ଏହା ସହ ସେମାନେ ବିଜେପିରେ ଯୋଗ ଦେଇଥିବା ନେଇ ଘୋଷଣା କରିଛନ୍ତି ରାଘବ ଚଡ୍ଡ଼ା । ସନ୍ଦୀପ ପାଠକ ଏବଂ ଅଶୋକ ମିତ୍ତଲଙ୍କ ସହ ଏକ ସାମ୍ବାଦିକ ସମ୍ମିଳନୀରେ ରାଘବ ଚଡା କହିଛନ୍ତି, 'ରାଜ୍ୟସଭାରେ ଆପର ଦୁଇ ତୃତୀୟାଂଶ ସଦସ୍ୟ ଭାରତର ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ବିଜେପିରେ ଯୋଗ ଦେବାକୁ ସ୍ଥିର କରିଛୁ ।' ରାଘବ ଚଡା କହିଛନ୍ତି ଯେ, ଆମ ଆଦମୀ ପାର୍ଟି ଦେଶ ପାଇଁ ନୁହେଁ, ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କାମ କରୁଛି। ଦୁର୍ନୀତି ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...



### କେଜ୍ରିୱାଲଙ୍କ ଉପରେ ବର୍ଷିଲେ ସ୍ୱାତୀ

ନୂଆଦିଲ୍ଲୀ: ଆମ୍ ଆଦମୀ ପାର୍ଟିର ୧୦ରୁ ୭ ସାଂସଦ ଇସ୍ତଫା ଦେଇଛନ୍ତି । ରାଘବ ଚଡା, ସନ୍ଦୀପ ପାଠକ ଏବଂ ଅଶୋକ ମିତ୍ତଲ ଏକ ସାମ୍ବାଦିକ ସମ୍ମଳନୀ କରି ଇସ୍ତଫା ସଂପର୍କରେ ଘୋଷଣା କରିଥିଲେ । ଏହା ସହ ସେମାନେ ବିଜେପିରେ ମଧ୍ୟ ଯୋଗ ଦେଇଛନ୍ତି । ଅନ୍ୟ ୪ ଆପ୍ ସାଂସଦଙ୍କ ମଧ୍ୟରେ, ହରଭଜନ ସିଂହ, ରାଜେନ୍ଦ୍ର ଗୁପ୍ତା, ବିକ୍ରମଜିତ ସିଂହ ସାହାନୀ ଏବଂ ସ୍ୱାତୀ ମାଲିୱାଲ ଅଛନ୍ତି । ଏକାଥରେ ୭ ସାଂସଦ ଦଳ ଛାଡ଼ିଦେବା ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

# ରହସ୍ୟ ଘେରରେ 'ବ୍ଲାକ୍‌ରୋଜ୍'

- ବିଜେପି ଓ ବିଜେଡି ଏକାଠି, କଂଗ୍ରେସ ନିରବ
- ବେଆଇନ ଲୁହାପଥର ଚୋରା ଚାଲାଣ

## ସିବିଆଇ ତଦନ୍ତ କେବେ ?



ଭୁବନେଶ୍ୱର, ୨୫/୪ (ଜେଏନ୍ଏସ୍) : ୨୦୦୯ ମସିହାରେ ବୁଡ଼ିଥିବା 'ବ୍ଲାକ୍ ରୋଜ୍' ଜାହାଜଟି ଆଜିକୁ ୧୭ ବର୍ଷ ପରେ ବି ପାରାଦୀପ ତଟରେ ପଡ଼ି ରହିଛି। ଉଦ୍ଧାର ଖର୍ଚ୍ଚ ଓ ଦାୟିତ୍ୱ ବିବାଦ ଯୋଗୁଁ ବ୍ଲାକ୍ ରୋଜ୍ ଜାହାଜଟିକୁ ସେଠାରୁ ହଟାଯାଇ ପାରୁନି। ଫଳରେ ଏହା ଏବେ ମତ୍ସ୍ୟଜୀବୀ ଓ ପରିବେଶ ପାଇଁ ବିପଦ ସୃଷ୍ଟି କରିଛି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ପାରାଦୀପ ପୋର୍ଟ ଟ୍ରଷ୍ଟ ଦେଇଥିବା ରିପୋର୍ଟ ମୁତାବକ ବୋଝେଇ ହେଇଥିବା ଲୁହାପଥର ଏ ବି ମିନେରାଲ୍ସ ଏବଂ ରେକ୍ଟର ମାଇନ୍ସ ଓ ମିନେରାଲ୍ସ ଦୁଇଟି କମ୍ପାନୀର। ଏହି ଦୁଇ ସଂସ୍ଥାର ମାଲିକ ହେଉଛନ୍ତି ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ଓରଫ ବବି ଦାସ। ସିଆଇଡି ଦ୍ୱାରା ଘଟଣାର କୌଣସି ନିର୍ଣ୍ଣାୟକ ତଦନ୍ତ ନ ହେବା ଯୋଗୁଁ ୨୦୧୯ ମସିହାରେ କେନ୍ଦ୍ର ଜାହାଜ ମନ୍ତ୍ରାଳୟ ସିବିଆଇକୁ ତଦନ୍ତ ଭାର ଅର୍ପଣ କଲେ । ସିବିଆଇ ବାରମ୍ବାର ଚିଠି ଲେଖି ରାଜ୍ୟର ଅନୁମତି ଲୋଡ଼ିଲା, କିନ୍ତୁ ତତ୍କାଳୀନ ନବୀନ ସରକାର ଶାସନରୁ ଯିବା ଯାଏଁ ସିବିଆଇକୁ ଅନୁମତି ଦେଲେ ନାହିଁ। ତେଣୁ ଏଠାରେ ପ୍ରଶ୍ନ ଉଠେ, ସ୍ୱଚ୍ଛତାର ଡିଣ୍ଡିମ ପିଟୁଥିବା ନବୀନ ବାବୁ ଓଡ଼ିଶାର ଖଣିଜ ସମ୍ପଦର ତସ୍କରୀ, ବେଆଇନ, ବେଧଡ଼କ, ଚୋରା ଚାଲାଣ କରୁଥିବା ଲୋକକୁ ସୁରକ୍ଷା ଦେବାକୁ ସମସ୍ତ ସୀମା କେମିତି ଉଲଘଂନ କଲେ। ରାଜ୍ୟ ସାରା ବୁଲି ଚାରିଆଡ଼େ ଆଦର୍ଶର ଭାଷଣ ଦେଉଥିବା ବବିଙ୍କୁ ସାଧାରଣ ଲୋକେ ଥରେ ଖାଲି ଆଇନା ଦେଖେଇବା ଆବଶ୍ୟକ। ବ୍ଲାକ୍ ରୋଜର ଭଗ୍ନ ଅଂଶ ଏବଂ ସେଥିରେ ଥିବା ଇନ୍ଧନକୁ ସମୁଦ୍ରରୁ ଉଦ୍ଧାର ପାଇଁ ରାଜ୍ୟ ସରକାର ରାଜ୍ୟ ରାଜକୋଷରୁ ପ୍ରାୟ ୧୭ କୋଟି ଓ ଖଣି ରୟାଲଟି ବାବଦକୁ ପ୍ରାୟ ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କଲେ । ତେବେ ପ୍ରଶ୍ନ ଉଠେ, ବବିଙ୍କ ବାପା ସ୍ୱର୍ଗତ ଅଶୋକ ଦାସଙ୍କୁ କିଛି ଯାଚିଲେ ସେ ମନା କରୁଥିଲେ, ଆଉ ପୁଅ ବିନା ଯାଚିବାରେ ସବୁ ନେଇଯାଇଥିବା ଦେଖିବାକୁ ମିଳିଛି। ବବି ଦାସ ଯେଉଁ କଳା ସମ୍ରାଜ୍ୟର ବାଦଶାହ ବନିକି ବସିଛନ୍ତି, ତାଙ୍କୁ କାଠଗଡ଼ାରେ ପହଞ୍ଚେଇବାକୁ ହେଲେ ବିଜେପି ସରକାରକୁ ବାକ୍ୟବୀର ନ ହୋଇ ତୁରନ୍ତ ସିବିଆଇକୁ ଅନୁମତି ଦେବା ଦରକାର, ଯାହା ନୂଆ ସରକାର ଆସିବାର ଦୁଇ ବର୍ଷ ହୋଇଗଲା, ତାହା ହୋଇପାରିଲା ନାହିଁ। ତେଣୁ ଏହି ନିକମା ବିଜେପି, ଓଡ଼ିଆ ଅସ୍ମିତାର ପାଠ ପଢ଼େଇ ସରକାରକୁ ଆସିଲା ପରେ ତାର ଅସଲ ମୁଖା ଖୋଲି ଯାଇଛି । ସବୁ ଅଣ ଓଡ଼ିଆଙ୍କୁ ପ୍ରାଧାନ୍ୟ ଦେଇ ସ୍ୱାଭିମାନୀ ଓଡ଼ିଆମାନଙ୍କୁ ଧୋକା ଦେଇ ଚାଲିଛି ଏହି ବିଜେପି ସରକାର। ତେଣୁ ନୈତିକତା ଦୃଷ୍ଟିରୁ ବିଜେପି-ବିଜେଡ଼ି ଓ କଂଗ୍ରେସ ସମସ୍ତେ ସମାନ। ତେଣୁ ଓଡ଼ିଶାବାସୀଙ୍କୁ ଏକ ବିକଳ୍ପ ପାଇଁ ଏକାଠି ହେବାର ଆବଶ୍ୟକତା ରହିଛି। ପ୍ରକାଶ ଥାଉ କି, ୨୦୦୯ ମସିହା ସେପ୍ଟେମ୍ବର ୯ ତାରିଖ ସନ୍ଧ୍ୟା ୬ଟାରେ ମଙ୍ଗୋଲିଆନ୍ ଜାହାଜ ଏମ୍ଭି ବ୍ଲାକ୍‌ରୋଜ୍ ପାରାଦୀପ ବନ୍ଦରଠାରୁ ପ୍ରାୟ ୬ କିମି ଦୂରେ ବଙ୍ଗୋପସାଗରେ ବୁଡିଗଲା। ଜାହାଜରେ ୨୩,୮୪୭ ଟନ୍ ଲୁହାପଥର ବୋଝେଇ କରିବା ପରେ ବଳକା ୧୨,୬୦୦ ଟନ ଲୋଡିଙ୍ଗ ପାଇଁ ଅପେକ୍ଷା କରିଥିବା ସମୟରେ ସନ୍ଦେହଜନକ ଭାବରେ ୧୫ ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

## ହଳ କଲେ, ବିହନ ବୁଣିଲେ ମୁଖ୍ୟମନ୍ତ୍ରୀ

କଟକ, ୨୫/୦୪ (ଜେଏନଏସ) : ବୈଶାଖ ଶୁକ୍ଳପକ୍ଷ ତୃତୀୟାକୁ ଅକ୍ଷୟ ତୃତୀୟା ବୋଲି କୁହାଯାଏ। ଉକ୍ତ ଦିନ ଯେକୌଣସି କାର୍ଯ୍ୟକଲେ ଶୁଭ ହୋଇଥାଏ। ପରମ୍ପରା ଅନୁସାରେ ଉକ୍ତ ଦିନଠାରୁ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ରଥ ନିର୍ମାଣ କାର୍ଯ୍ୟକୁ ଅନୁକୂଳ ହୋଇଥାଏ। ଏହି ଅବସରରେ ଆଜି କଟକର ସିଆରଆରଆଇଠାରେ ଅଖିମୁଠି ଅନୁକୂଳ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ତାଙ୍କ ସହ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି କନକବର୍ଦ୍ଧନ ସିଂଦେଓ, କଟକ ସାଂସଦ ଭର୍ତ୍ତୃହରି ମହତାବ, ଜଗତସିଂହପୁର ସାଂସଦ ବିଭୁ ତରାଇ ମଧ ଉପସ୍ଥିତ। ସେପଟେ ଆଜି ରାଜ୍ୟ ସ୍ତରୀୟ କୃଷକ ଦିବସ ଉତ୍ସବ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଏମ କିଷାନର ସହାୟତା ରାଶି ଚାଷୀଙ୍କୁ ପ୍ରଦାନ କରିବେ। ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ପାଖାପାଖି ୧ ହଜାର କୋଟି ଟଙ୍କାର ସହାୟତା ରାଶି ବାଣ୍ଟିବେ ମୁଖ୍ୟମନ୍ତ୍ରୀ। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦବୋଧନ ମଧ୍ୟ ଦେବେ। ନାମମାତ୍ର, କ୍ଷୁଦ୍ର ଏବଂ ଭୂମିହୀନ ଚାଷୀଙ୍କ ଖାତାକୁ ସିଏମ କିଷାନ ଟଙ୍କା ପଠାଇବେ। ଏକ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଆସିବ। ଏହି କାର୍ଯ୍ୟକ୍ରମରେ ଅନ୍ୟ ନେତା ମଧ୍ୟରେ ଉପସ୍ଥିତ ରହିବେ।

## ଖଇରିଆ ପୋଷାକ ତ୍ୟାଗ କରି ବବିଙ୍କ ଉପରେ ବର୍ଷିଲେ ପ୍ରଭାତ ବିଶ୍ୱାଳ

ଭୁବନେଶ୍ୱର, ୨୫/୦୪ (ଜେଏନଏସ) : ଦୀର୍ଘଦିନ ପରେ ଖଇରିଆ ପୋଷାକ ତ୍ୟାଗ କରି ଧଳା ପୋଷାକ ପିନ୍ଧିଛନ୍ତି ପୂର୍ବତନ ଚୌଦ୍ୱାର କଟକ ବିଧାୟକ ପ୍ରଭାତ ବିଶ୍ୱାଳ। କାମାକ୍ଷା ମନ୍ଦିର ଓ କନ୍ୟାକୁମାରୀ ପରିଦର୍ଶନ ସାରି ସେଠାରେ ଖଇରିଆ ପୋଷାକ ପିନ୍ଧିଛନ୍ତି ପ୍ରଭାତ। ତେବେ ଏହାକୁ ନେଇ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଖଇରିଆ ପୋଷାକ ପିନ୍ଧିବାର ରହସ୍ୟ କହିବା ସହ ବିଜୁ ଜନତା ଦଳ ଉପରେ ପ୍ରବଳ ବର୍ଷିଛନ୍ତି। ଦଳର ପୂର୍ବତନ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ୫ଟି ସଚିବ ତଥା ଦଳର ଦ୍ୱିତୀୟ କ୍ଷମତା କେନ୍ଦ୍ର କୁହାଯାଉଥିବା ଭିକେ ପାଣ୍ଡିଆନ ଓ ଅତନୁ ସବ୍ୟସାଚୀଙ୍କ ଉପରେ ମଧ ବର୍ଷିଛନ୍ତି ପ୍ରଭାତ। ଏମାନଙ୍କ ପାଇଁ ସେ ଫସିଥିବା ଓ ପରେ ମା କାମାକ୍ଷା ଦେବୀଙ୍କ ପାଖରେ ମାନସିକ ରଖି ଖଇରିଆ ପୋଷାକ ପିନ୍ଧିଥିବା କହିଛନ୍ତି ପ୍ରଭାତ। ମାନସିକ ପୂରଣ ପରେ ଖଇରିଆ ପରିତ୍ୟାଗ କରି ଧଳା ପୋଷାକ ପିନ୍ଧିଥିବା କହିଛନ୍ତି। ବବିଙ୍କ ଉପରେ ବର୍ଷି କୃତଘ୍ନ ଉପାଖ୍ୟାନ ଓ ବବିଙ୍କ ନିଶାଣର ପାଲଟା ଜବାବ ଦେଇ କହିଛନ୍ତି ଯେ,ବବି ଅହଙ୍କାରୀ। କ୍ଷମତା ଯେଉଁଠି ବବି ସେଇଠି। ମୋତେ ଗୁରୁ ଭଳି ମାନୁଥିଲେ ବବି। ମୋ ଦ୍ୱାରକୁ ୫ଶହ ଥର ଯାଇଥିବେ ବବି। ବେଆଇନ ଭାବେ ନିଜ ସମ୍ପତ୍ତି ବଢ଼ାଇଛନ୍ତି। ବବି ୩-୪ କୋଟି ଟଙ୍କାର ଗାଡ଼ି ଚଳାଉଛନ୍ତି ଚଢୁଛନ୍ତି କେମିତି ବୋଲି ପ୍ରଶ୍ନ କରିଛନ୍ତି। ଆହୁରି କହିଛନ୍ତି, ବବି ସରକାରୀ ଜମି ମାଡ଼ି ବସି ସାମ୍ରାଜ୍ୟ ବିସ୍ତାର କରିଛନ୍ତି। ଅଶୋକ ଦାସଙ୍କ ମୃତ୍ୟୁ ପରେ ତାଙ୍କୁ ରାଜନୀତିକୁ ମୁଁ ଆଣିଥିଲି। ମୋତେ କହିଲେ ଶକ୍ତି ମନ୍ତ୍ରୀ ହେବେ କିନ୍ତୁ ନିଜେ ହୋଇଗଲେ। ବବି ଭାରି ଡେଞ୍ଜରିୟସ। ନିଜ ସିଟ୍ ରେ ନିଜେ ରହିପାରିଲେ ନାହିଁ ସେ ପୁଣି ଟିକେଟ କଣ ବାଣ୍ଟିବେ ? ତାଙ୍କ ଅବସ୍ଥା କଣ ? ମୁଁ ତାଙ୍କ ପାଖକୁ ଟିକେଟ ପାଇଁ ଯିବି ବୋଲି କହିଛନ୍ତି। ବବିଙ୍କ ସହ ଯାଜପୁର ବିଜେଡିର ୩ ଯୁବ ନେତୃତ୍ୱ ତଥା ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଓ ପ୍ରିତିରଞ୍ଜନ ଘଡ଼ାଇଙ୍କ ଉଦାହରଣ ଦେଇଛନ୍ତି। ୩ ଜଣଙ୍କ ନାର ପ୍ରଥମ ଅକ୍ଷର ଅନୁସାରେ ସେମାନଙ୍କୁ ବିଜେଡି ଡାକୁଥିବା କଥା କହିଛନ୍ତି। ସେ କହିଛନ୍ତି ମୋ ସରକାରୀ କ୍ୱାର୍ଟରରେ ବସି ତାଙ୍କୁ ବିଜୁ ବାବୁଙ୍କ ବିଷୟରେ ବୁଝାଇଥିଲି। ବିଧାନସଭା ଲାଇବ୍ରେରୀକୁ ନେଇ ବିଜୁ ପଟ୍ଟନାୟକଙ୍କ ବିଷୟରେ ବହୁ ତଥ୍ୟ ଦେଉଥିଲି। ଏହାସହ ବିଜେଡି ଶାସନ ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପେଟ୍ରୋଲିୟମ ମନ୍ତ୍ରୀ ଥିବା ସମୟରେ ତାଙ୍କ ଭାଇଙ୍କ ବିରୁଦ୍ଧରେ ବିଜେଡି କରିଥିବା ଗ୍ୟାସ ସିଲିଣ୍ଡର ଓ ପେଟ୍ରୋଲ ପମ୍ପ ଦୁର୍ନିତି ଅଭିଯୋଗର ବଡ଼ ପର୍ଦ୍ଦାଫସ କରିଛନ୍ତି। ସେ କହିଛନ୍ତି ନବୀନ ବାବୁ କଲ୍ କରି ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୁଦ୍ଧରେ ଧାରଣା କରିବାକୁ ବାଧ୍ୟ କଲେ। କିନ୍ତୁ ପ୍ରମାଣ ନଥିବାରୁ ମୁଁ ମନାକରି କହିଥିଲେ ଏପରି ନକରିବାକୁ। କିନ୍ତୁ କେହି ରାଜି ହୋଇନଥିଲେ। ଧର୍ମେନ୍ଦ୍ର ପ୍ରଧାନ ଓ ତାଙ୍କ ଭାଇଙ୍କ ବିରୁଦ୍ଧରେ ମିଥ୍ୟା ଗ୍ୟାସ ସିଲିଣ୍ଡର ଓ ଷ୍ଟେସନ୍ କଥା କହି ବବି କେସ କରାଇଥିଲେ। ନବୀନ ପଟ୍ଟନାୟକ ଧାରଣା ଦେବାକୁ ଅର୍ଡର ଦେଇ ଫୋନ୍ କାଟିଦେଲେ। ଏହାସହ ତାଙ୍କ ବିରୁଦ୍ଧରେ ଦାୟର ହୋଇଥିବା ସିବିଆଇ ମାମଲା ଉପରେ ଉତ୍ତର ରଖି କହିଛନ୍ତି ଯେ, ଡୁପ୍ଲିକେଟ ଷ୍ଟାମ୍ପ ଓ ସିଲ୍ ବ୍ୟବହାର କରି ମୋତେ ସିବିଆଇ ଦ୍ୱାରା ଗିରଫ କରାଇଦେଲେ।

## ମଇ ପହିଲା ପୂର୍ବରୁ ଯୁଦ୍ଧ ଶେଷ କରିବ ଆମେରିକା

ୱାଶିଂଟନ,୨୫।୪: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ, ମେ ୧ ବଡ଼ ଚିନ୍ତାର କାରଣ ପାଲଟିବାକୁ ଯାଉଛି। ଆମେରିକାରେ ଏକ ଦୀର୍ଘକାଳୀନ ଆଇନ ଅଛି



ଯାହା ଅନୁସାରେ କୌଣସି ରାଷ୍ଟ୍ରପତି କଂଗ୍ରେସର ଅନୁମୋଦନ ବିନା ୬୦ ଦିନରୁ ଅଧିକ ସମୟ ପାଇଁ ବିଦେଶୀ ମାଟିରେ ସାମରିକ ଅଭିଯାନ କରିପାରିବେ ନାହିଁ। ବର୍ତ୍ତମାନ, ଏହି ୬୦ ଦିନର ସୀମା ଶେଷ ହେବା ସହିତ, ଟ୍ରମ୍ପଙ୍କ ଉପରେ ଚାପ ତୀବ୍ର ହୋଇଛି। ଇରାନ ସହିତ ଏହି ସଂଘର୍ଷ ସମୟରେ – ଯାହା ପ୍ରାୟ ଆଠ ସପ୍ତାହ ଧରି ଜାରି ରହିଛି – ଆମେରିକା କଂଗ୍ରେସର ରିପବ୍ଲିକାନ ନେତାମାନେ ଡେମୋକ୍ରାଟଙ୍କ ପ୍ରୟାସକୁ ବାରମ୍ବାର ଅବରୋଧ କରିଛନ୍ତି। ଡେମୋକ୍ରାଟମାନେ ଏହି ସାମରିକ ଅଭିଯାନକୁ ବନ୍ଦ କରିବାକୁ ଏବଂ ଟ୍ରମ୍ପଙ୍କୁ କଂଗ୍ରେସ ସହିତ ପରାମର୍ଶ କରିବାକୁ ବାଧ୍ୟ କରିବାକୁ ଚେଷ୍ଟା କରିଥିଲେ, ଯୁକ୍ତି ଦେଇଥିଲେ ଯେ ସେ ଉପଯୁକ୍ତ ଅନୁମତି ବିନା ସଂଘର୍ଷ ଆରମ୍ଭ କରିଥିଲେ; ତଥାପି, ଏକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ସମୟସୀମା ନିକଟତର ହେବା ସହିତ ପରିସ୍ଥିତି ଏବେ ପରିବର୍ତ୍ତନ ହେବାକୁ ପ୍ରସ୍ତୁତ ହୋଇପାରେ। ୧୯୭୩ର ଯୁଦ୍ଧ କ୍ଷମତା ପ୍ରସ୍ତାବକୁ ଉଦ୍ଧୃତ କରି, ଡେମୋକ୍ରାଟମାନେ ଏହି ସଂଘର୍ଷକୁ ଚ୍ୟାଲେଞ୍ଜ କରିବା ପାଇଁ ଅନେକ ଚେଷ୍ଟା କରିଛନ୍ତି, ତଥାପି ପ୍ରତ୍ୟେକ ଥର ସେମାନେ ପରାଜୟର ସମ୍ମୁଖୀନ ହୋଇଥିଲେ। ଅତି ନିକଟରେ, ସେନେଟରେ ରିପବ୍ଲିକାନମାନେ ଏପରି ଏକ ପ୍ରସ୍ତାବକୁ ଅବରୋଧ କରିଥିଲେ। ତଥାପି, ଆଇନରେ ନିର୍ଦ୍ଦିଷ୍ଟ ସମୟ ସୀମା ରହିଛି – ସମୟସୀମା ଯାହାର ପ୍ରଭାବ ଏବେ ପ୍ରକାଶ ପାଇବା ଆରମ୍ଭ ହୋଇପାରେ। ଯେତେବେଳେ ଆମେରିକା, ଇସ୍ରାଏଲ ସହିତ ମିଶି ଫେବୃଆରୀ ୨୮ ରେ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କଲା, ଟ୍ରମ୍ପ ଦାବି କଲେ ଯେ ସେ ଆମେରିକାର ସ୍ୱାର୍ଥକୁ ସୁରକ୍ଷା ଦେବା ଏବଂ ଆଞ୍ଚଳିକ ସହଯୋଗୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ କମାଣ୍ଡର-ଇନ-ଚିଫ ଭାବରେ ତାଙ୍କ କ୍ଷମତା ଅଧୀନରେ ଏହି ପଦକ୍ଷେପ ନେଇଛନ୍ତି। ତଥାପି, ଅନେକ ଡେମୋକ୍ରାଟ ଏହି ପଦକ୍ଷେପକୁ ପ୍ରଶ୍ନ କରିଥିଲେ, ଏହି ନିଷ୍ପତ୍ତିକୁ ବେଆଇନ ବୋଲି ଯୁକ୍ତି ଦେଇଥିଲେ। ଟ୍ରମ୍ପ ପ୍ରଶାସନ ମାର୍ଚ୍ଚ ୨ରେ ଏହି କାର୍ଯ୍ୟାନୁଷ୍ଠାନ ବିଷୟରେ କଂଗ୍ରେସକୁ ଆନୁଷ୍ଠାନିକ ଭାବରେ ସୂଚିତ କରିଥିଲା। ସେହି ତାରିଖରୁ ୬୦ ଦିନର ବୈଧାନିକ ଘଣ୍ଟା ଆରମ୍ଭ ହୋଇଥିଲା ଏବଂ ଏହା ମେ ୧ ରେ ଶେଷ ହେବାକୁ ଯାଉଛି। ଏହି ଆଇନର ବ୍ୟବସ୍ଥା ଅନୁଯାୟୀ, ରାଷ୍ଟ୍ରପତି କଂଗ୍ରେସ ଅନୁମୋଦନ ବିନା ସର୍ବାଧିକ ୬୦ ଦିନ ପାଇଁ ଆମେରିକୀୟ ସେନାକୁ ଯୁଦ୍ଧରେ ନିୟୋଜିତ ରଖିବାକୁ ଅଧିକାରପ୍ରାପ୍ତ। ଅନେକ ରିପବ୍ଲିକାନ ନେତା ମଧ୍ୟ ସଙ୍କେତ ଦେଇଛନ୍ତି ଯେ ସେମାନେ ଏପରି ଅନୁମତି ବିନା ୬୦ ଦିନ ଅତିକ୍ରମ କରି ସଂଘର୍ଷ ଜାରି ରଖିବାକୁ ସମର୍ଥନ କରିବେ ନାହିଁ।

# ଜନଗଣନା କର୍ମଚାରୀଙ୍କୁ ଖରାପ ବ୍ୟବହାର କଲେ ଜେଲ୍



ଭୁବନେଶ୍ୱର, ୨୫/୦୪ (ଜେଏନଏସ) : ରାଜ୍ୟର ବିଭିନ୍ନ ସ୍ଥାନରେ ଜନଗଣନା ଚାଲିଥିବା ବେଳେ କର୍ମଚାରୀଙ୍କ ଉପରେ ହେଉଥିବା ଆକ୍ରମଣ ଓ ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଆଜି ଏହି ଏସଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର) ଜାରି ହୋଇଛି। ରାଜ୍ୟରେ ଜାରି ରହିଥିବା ଜନଗଣନା କାର୍ଯ୍ୟକୁ ସୁରୁଖୁରୁରେ ଶେଷ କରିବା ପାଇଁ ରାଜ୍ୟ ସରକାର ଆଜି ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ବା ଏସଓପି ଜାରି କରିଛନ୍ତି। ବିଭିନ୍ନ ସ୍ଥାନରେ ଜନଗଣନା କର୍ମଚାରୀଙ୍କ ଉପରେ ହେଉଥିବା ଆକ୍ରମଣ ଓ ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଆଜି ଏହି ଏସଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର) ଜାରି ହୋଇଛି। ଜନଗଣନା କର୍ମଚାରୀଙ୍କୁ ଦୁର୍ବ୍ୟବହାର କଲେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାର ସତର୍କ କରାଇ ଦେଇଛନ୍ତି। ଦୁର୍ବ୍ୟବହାରକାରୀଙ୍କୁ ଉଭୟ ଜେଲ୍ ଓ ଜୋରିମାନା ଭୋଗିବାକୁ ପଡ଼ିବ। ଏହାସହିତ ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଜନଗଣନା କାର୍ଯ୍ୟକୁ ସ୍ଥଗିତ ରଖିବା ନିମନ୍ତେ ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଫିଲଡରେ କାମ କରୁଥିବା ଜନଗଣନା କର୍ମଚାରୀମାନଙ୍କୁ ଓଆରଏସ୍ ଓ ପାନୀୟ ଜଳ ଭଳି ପ୍ରାଥମିକ ଆବଶ୍ୟକତାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଛି କି ନାହିଁ ତାହା ବ୍ୟକ୍ତିଗତ ଭାବେ ତଦାରଖ କରିବାକୁ ମଧ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ଅଂଶୁଘାତ ଏଡ଼ାଇବା ପାଇଁ ସମସ୍ତ ପ୍ରକାରର ପ୍ରତିଷେଧକମୂଳକ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଅରବିନ୍ଦ ପାଢ଼ୀଙ୍କ ଦ୍ୱାରା ଜନଗଣନା କାର୍ଯ୍ୟ ପାଇଁ ଜାରି ଏସଓପିକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସମସ୍ତ ଜିଲ୍ଲାପାଳ, ମହାନଗର ନିଗମର କମିଶନର ଓ ପୋଲିସ ଏସପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏପଟେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଧ ଜନଗଣନା କର୍ମଚାରୀଙ୍କ ସୁରକ୍ଷା, ନିରାପତ୍ତା ଓ ସୁବିଧାକୁ ନେଇ ସରକାର ପ୍ରତିଶ୍ରୁତିବଦ୍ଧ ଥିବା ସ୍ପଷ୍ଟ କରିଛନ୍ତି । ସରକାରଙ୍କ ଦ୍ୱାରା ଜାରି ଏହି ଏସଓପି ଅନୁଯାୟୀ, କର୍ମଚାରୀମାନେ ନିଜର ପରିଚୟ ପତ୍ର ଓ ନିଯୁକ୍ତି ପତ୍ର ସର୍ବଦା ପାଖରେ ରଖିବେ। ସମ୍ବେଦନଶୀଳ ଅଂଚଳରେ ପୁଲିସ ସୁରକ୍ଷା ମଧ୍ୟରେ ତଥ୍ୟ ସଂଗ୍ରହ କରାଯିବ ଓ କୌଣସି ପ୍ରକାର ଉତ୍ତେଜନାମୂଳକ ପରିସ୍ଥିତି ଦେଖାଦେଲେ ସେଠାରେ ଯୁକ୍ତିତର୍କ ନକରି ତୁରନ୍ତ ଫେରିଆସିବାକୁ କର୍ମଚାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ସମ୍ବେଦନଶୀଳ ଅଂଚଳରେ ଜନଗଣନା କର୍ମଚାରୀ ଓ ସୁପରଭାଇଜରଙ୍କ ସହ ଜଣେ ପୋଲିସ କର୍ମୀ ମଧ ରହିବେ। ଏସବୁ ବ୍ୟବସ୍ଥା ଦାୟିତ୍ୱରେ ଥିବା ଅଧିକାରୀ ସୁନିଶ୍ଚିତ କରାଇବେ। ଜନଗଣନା କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ସ୍ଥାନୀୟ କମ୍ୟୁନିଟି ଲିଡରଙ୍କ ସହ ଜନଗଣନା କର୍ମଚାରୀ ଯୋଗାଯୋଗ କରି ସେମାନଙ୍କର ଉପସ୍ଥିତି ଓ ସହଯୋଗ ମଧ ଲୋଡ଼ିବେ। ଏପରିକି ସମ୍ବେଦନଶୀଳ ସ୍ଥାନରେ ଜନଗଣନା କର୍ମଚାରୀମାନେ ଯୋଡ଼ି ହୋଇ କାର୍ଯ୍ୟ କରିବେ ଓ ସୁପରଭାଇଜର ପ୍ରତି ଘଣ୍ଟାରେ ସେମାନଙ୍କ ସ୍ଥିତି ଯାଂଚ କରିବେ। ସ୍ଥାନୀୟ ପ୍ରଶାସନ ଓ ପୋଲିସ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି ଅଭିଯାନକୁ ମଇ ୧୫ ତାରିଖ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଜନଗଣନା କର୍ମଚାରୀଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ଜାରି ଏସଓପିରେ ସରକାର କଠୋର ଆଭିମୁଖ୍ୟ ପୋଷଣ କରିଛନ୍ତି। ଯେଉଁମାନେ ସରକାରୀ କାର୍ଯ୍ୟ(ଜନଗଣନା)ରେ ବାଧା ସୃଷ୍ଟି କରୁଛନ୍ତି କିମ୍ବା ଶିକ୍ଷକ ଓ ଅନ୍ୟ ଜନଗଣନା କର୍ମଚାରୀଙ୍କୁ ଆକ୍ରମଣ ଓ ଦୁର୍ବ୍ୟବହାର କରୁଛନ୍ତି, ସେମାନଙ୍କ ବିରୋଧରେ ଜନଗଣନା ଆଇନ-୧୯୪୮ ଅନୁଯାୟୀ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିପାଇଁ ଜୋରିମାନା ସହ ୩ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡର ବ୍ୟବସ୍ଥା ରହିଛି। ଏପଟେ ଜନଗଣନା କାର୍ଯ୍ୟରେ ନିୟୋଜିତ ଶିକ୍ଷକମାନଙ୍କ ଉପରେ ହେଉଥିବା ଆକ୍ରମଣକୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । କାମାକ୍ଷାନଗରରେ ଜନଗଣନା କର୍ମଚାରୀଙ୍କ ଉପରେ ଆକ୍ରମଣ କରିଥିବା ବ୍ୟକ୍ତିମାନଙ୍କୁ ଗିରଫ କରାଯାଇଛି । ତଥ୍ୟ ସଂଗ୍ରହ ପାଇଁ ଘରକୁ ଯାଉଥିବା ଜନଗଣନା କର୍ମଚାରୀମାନଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଜାତୀୟ କାର୍ଯ୍ୟରେ ସହଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି । ଉଲ୍ଲେଖଯୋଗ୍ୟ, ଏହି ବୃହତ ଅଭିଯାନରେ ୩୧୨ ଜଣ ଇନଚାର୍ଜ ଅଫିସରଙ୍କ ସମେତ ପ୍ରାୟ ଏକ ଲକ୍ଷରୁ ଅଧିକ କର୍ମଚାରୀ ନିୟୋଜିତ ଅଛନ୍ତି, ଯେଉଁଥିରେ ଅଧିକାଂଶ ସ୍କୁଲ ଶିକ୍ଷକ ଅଛନ୍ତି ।

# ବେଙ୍ଗଲରେ ଖେଳ କରୁଛନ୍ତି ଓଡ଼ିଶାର ଟିମ୍ ଧୁରନ୍ଧର



କୋଲକତା, ୨୫/୦୪ : ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପ୍ରଚାରରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି ଓଡ଼ିଶାର ସାଂସଦ ଓ ବିଧାୟକମାନେ। ନନ୍ଦିଗ୍ରାମଠାରୁ ଆରମ୍ଭ କରି ଖଡ଼ଗପୁର ଯାଏଁ ଏବେ ଓଡ଼ିଆଙ୍କ ରଣନୀତିରେ ବିଜେପି ଆଙ୍କୁଛି ବିଜୟର ମଡ଼େଲ। ଖେଲା ହବେ। ପଶ୍ଚିମବଙ୍ଗରେ ବିଜେପି ଏବଂ ତୃଣମୂଳ କଂଗ୍ରେସ ମଧ୍ୟରେ ଜୋରଦାର ଫାଇଟ। ଏଥର ଦିଦିଙ୍କ ଏରା ଖତମ ହୋଇଯିବା ଭଳି ଲାଗୁଛି। ତେବେ ଦିଦିଙ୍କ ସପକ୍ଷରେ ସଂଖ୍ୟାଲଘୁ ସଂପ୍ରଦାୟ ଥିବା ବେଳେ, ବିଜେପି ସପକ୍ଷରେ ରହିଛି ହିନ୍ଦୁ ଭୋଟ ବ୍ୟାଙ୍କ। ନିର୍ବାଚନ ଜିତିବା ପାଇଁ ସବୁପ୍ରକାର ରଣନୀତି ଆପଣାଇଛି ବିଜେପି। ଯେପରି ଗୋଟିଏବି ଭୋଟ ଟିଏମସିକୁ ନଯାଏଁ ସେଥିପାଇଁ ଦଳର ଛୋଟବଡ଼ ନେତାଙ୍କୁ ଦାୟିତ୍ୱ ବଣ୍ଟନ ହୋଇଛି। ନିର୍ବାଚନ ପ୍ରଚାରରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି ଓଡ଼ିଶାର ସାଂସଦ ଓ ବିଧାୟକମାନେ। ନନ୍ଦିଗ୍ରାମଠାରୁ ଆରମ୍ଭ କରି ଖଡ଼ଗପୁର ଯାଏଁ ଏବେ ଓଡ଼ିଆଙ୍କ ରଣନୀତିରେ ବିଜେପି ଆଙ୍କୁଛି ବିଜୟର ମଡ଼େଲ। ବିଜେପିର ଫୋକସରେ କୋଲକାତା ସହରରେ ରହୁଥିବା ପ୍ରବାସୀ ଓଡ଼ିଆ ନେତା। ଯେମିତି ସବୁ ଓଡ଼ିଆ ଭୋଟ ବିଜେପି ଖାତାକୁ ଆସିବ ସେଥିପାଇଁ ଦାୟିତ୍ୱ ମିଳିଛି ଆମ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଧର୍ମଶାଳା ବିଧାୟକ ହିମାଂଶୁ ସାହୁଙ୍କୁ। ଉତ୍ତର ଏବଂ ଦକ୍ଷିଣ କୋଲକାତାରେ ଥିବା ସବୁନିର୍ବାଚନ ମଣ୍ଡଳିରେ ପ୍ରବାସୀ ଓଡ଼ିଆଙ୍କ ଦାୟିତ୍ୱ ଏବେ ଏହି ଦୁଇଜଣଙ୍କ ଉପରେ। ସୁରଜଙ୍କୁ ବାରାନଗର ଦାୟିତ୍ୱ ମିଳିଥିବା ବେଳେ ହିମାଂଶୁ ସାହୁଙ୍କୁ ମିଳିଛି ଚୌରାଙ୍ଗୀ ନିର୍ବାଚନମଣ୍ଡଳି ଦାୟିତ୍ୱ। କୋଲକାତା ସହରରେଥିବା ସବୁ ପ୍ରବାସୀ ଓଡ଼ିଆଙ୍କ ପାଖରେ ହିମାଂଶୁ ଏବଂ ସୂରଜଙ୍କୁ ପହିଞ୍ଚିବା ପାଇଁ ପାର୍ଟିର ନିର୍ଦ୍ଦେଶ ରହିଛି। ସହରରେ ଥିବା ସବୁ ନିର୍ବାଚନ ମଣ୍ଡଳିରେ ଥିବା ଓଡ଼ିଆଙ୍କ ପାଖରେ ପହଞ୍ଚିବା ପାଇଁ ରାଜ୍ୟ ବିଜେପିର ଯୁବ ନେତାଙ୍କୁ ଦାୟିତ୍ୱ ମିଳିଛି। ସେପଟେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ନନ୍ଦିଗ୍ରାମ ସମେତ ପ୍ରାୟ ୨ରୁ ୩ଟି ଜିଲ୍ଲାର ଦାୟିତ୍ୱ ମିଳିଛି। ନନ୍ଦିଗ୍ରାମରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଏବଂ ଭୁବନେଶ୍ୱର ବିଧାୟକ ବାବୁ ସିଂହ ରହି କ୍ୟାମ୍ପେନ କରୁଛନ୍ତି। ଗତଥର ଏହି ନନ୍ଦିଗ୍ରାମ ଆସନରୁ ଶୁଭେନ୍ଦୁ ଅଧିକାରୀ ବିଜୟୀ ହୋଇଥିଲେ। ଏଥର ମଧ ଶୁଭେନ୍ଦୁ ନନ୍ଦିଗ୍ରାମରୁ ନିର୍ବାଚନ ଲଢୁଛନ୍ତି। ଶୁଭେନ୍ଦୁଙ୍କୁ ଜିତାଇବାରୁ ଦାୟତ୍ୱ ଏବେ ଓଡ଼ିଆ ନେତାଙ୍କ କାନ୍ଧରେ। ସେହିପରି ଖଡ଼ଗପୁରରେ ଥିବା ଦୁଇଟି ନିର୍ବାଚନମଣ୍ଡଳିରେ ପ୍ରଚାର କାର୍ଯ୍ୟରେ ଲାଗିଛନ୍ତି ବାଲେଶ୍ୱର ବିଧାୟକ ମାନସ ଦତ୍ତଏବଂ ନିଳିଗିରି ବିଧାୟର ସନ୍ତୋଷ ଖଟୁଆ। ଏଠାରେ ଅନେକ ପ୍ରବାସୀ ଓଡ଼ିଆ ରହୁଛନ୍ତି। ତେବେ ଅଧିକରୁ ଅଧିକ ଭୋଟ ଯେଉଁଭଳି ବିଜେପି ସପକ୍ଷରେ ଯିବ ସେଥିପାଇଁ ଲାଗି ପଡ଼ିଛନ୍ତି ଓଡ଼ିଶାର ବିଧାୟକ ଏବଂ ନେତାମାନେ। ପଞ୍ଚାୟତରାଜ ମନ୍ତ୍ରୀ ରବି ନାୟକ ତାଲଡଙ୍ଗରା ନିର୍ବାଚନ ମଣ୍ଡଳିରେ ରହି କାମକରୁଛନ୍ତି। ଗାଁକୁ ଗାଁ ବୁଲୁଛନ୍ତି, ରାତିରେ ଜନସଭା କରୁଛନ୍ତି। ପ୍ରବାସୀ ଓଡ଼ିଆଙ୍କୁ ବିଜେପି ସପକ୍ଷରେ ଭୋଟ ଦେବା ପାଇଁ କହୁଛନ୍ତି। ନଗରଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଝାଡ଼ଗ୍ରାମ ନିର୍ବାଚନ ମଣ୍ଡଳିରେ ରହି ପ୍ରଚାର କରୁଛନ୍ତି। ଘରକୁ ଘର ବୁଲି ଭୋଟ ଭିକ୍ଷା କରିବା ସହ ପ୍ରବାସୀ ଓଡ଼ିଆଙ୍କୁ ସାକ୍ଷାତ କରୁଛନ୍ତି। ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସାଦ ନାୟକ କାନ୍ତିର ଭଗବାନପୁର ନିର୍ବାଚନମଣ୍ଡଳିରେ ରହି ପ୍ରଚାର କାର୍ଯ୍ୟ ଜାର ରଖିଛନ୍ତି। ଏଠାରେ ବି ଦୁର୍ଗାଙ୍କ ଟାର୍ଗେଟରେ ପ୍ରବାସୀ ଓଡ଼ିଆ ଏବଂ ବେଙ୍ଗଲୀ ଭୋଟର। ପଶ୍ଚିମବଙ୍ଗର ପୂର୍ବ ମେଦିନପୁରସ୍ଥିତ ଉତ୍ତରକାନ୍ତିରେ ପ୍ରଚାର କାର୍ଯ୍ୟରେ ଲାଗିଛନ୍ତି ବଡ଼ଚଣା ବିଧାୟକ ଅମର ନାୟକ। ବିଜେପି ପ୍ରାର୍ଥୀ ସୁମିତା ସିହ୍ନା ଯେଉଁଭଳି ବିଜୟୀ ହେବେ ସେଥିପାଇଁ ପ୍ରଚାର କାର୍ଯ୍ୟରେ ଲାଗିଛନ୍ତି ଅମର। ସେହପରି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏବଂ ଶିଳ୍ପମନ୍ତ୍ରୀ ସଂପଦ ସ୍ୱାଇଁ ମଧ ପ୍ରବାସୀ ଓଡ଼ିଆ ରହୁଥିବା ନିର୍ବାଚନମଣ୍ଡଳି ବୁଲି ପ୍ରଚାର କରିଛନ୍ତି। ପଶ୍ଚିମବଙ୍ଗ ନିର୍ବାଚନରେ ଷ୍ଟାର କ୍ୟାମ୍ପେନର ଥିବା ଆମ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବୀରଭୂମରେ ପ୍ରଚାର କରିଥିଲେ। କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଯାଜପୁର ସାଂସଦ ରବି ବେହେରାଙ୍କୁ ପଶ୍ଚିମବଙ୍ଗର ନିର୍ବାଚନ ମଣ୍ଡଳିରେ ପ୍ରଚାର ଦାୟିତ୍ୱ ମିଳିଛି। ଓଡ଼ିଶାକୁ ଲାଗିଥିବା ପୂର୍ବ ମେଦିନାପୁର ଏବଂ ପଶ୍ଚିମ ମେଦିନାପୁର ଦାୟିତ୍ୱ ବାଲେଶ୍ୱର, ମୟୂରଭଞ୍ଜର ସବୁ ବିଧାୟକ ଏବଂ ସାଂସଦଙ୍କ ସହ ଓଡ଼ିଶାର ନେତାଙ୍କୁ ମିଳିଛି। ପଶ୍ଚିମବଙ୍ଗ ଆସନ୍ତା ୨୩ରେ ପ୍ରଥମ ପର୍ଯ୍ୟାୟ ଏବଂ ୨୯ରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ହେବ। ପଶ୍ଚିମବଙ୍ଗରବିଜେପି ଷ୍ଟାର କ୍ୟାମ୍ପେନର ତାଲିକାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ରେ ପ୍ରଧାନ ରହିଛନ୍ତି। ତେବେ ଦିଦିଙ୍କ ଗଡ଼ ଧ୍ୱଂସ କରିବାରେ ଏମାନେ କେତେ ସକ୍ଷମ ହେଉଛନ୍ତି ତାହା ଦେଖିବାର କଥା।

## ବିଜୟ କହିଲେ, ନବୀନଙ୍କ ପାଇଁ ସତର୍କ କରାଇଥିଲେ ଜାନକୀ

ଭୁବନେଶ୍ୱର, ୨୫/୦୪ (ଜେଏନଏସ) : ଆଜି ହେଉଛି ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପୁଣ୍ୟ ତିଥି। ଏହି ଅବସରରେ ରାଜଧାନୀ ଭୁବନେଶ୍ୱରରେ ଓଡ଼ିଶା ନାଗରିକ ମଞ୍ଚ ଦ୍ୱାରା ଅୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଏକ ବଡ଼ କଥା କହିଛନ୍ତି ଏହାର ଆବାହକ ତଥା ବରିଷ୍ଠ ରାଜନେତା ବିଜୟ ମହାପାତ୍ର। ଆଜି ହେଉଛି ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପୁଣ୍ୟ ତିଥି। ଏହି ଅବସରରେ ରାଜଧାନୀ ଭୁବନେଶ୍ୱରରେ ଓଡ଼ିଶା ନାଗରିକ ମଞ୍ଚ ଦ୍ୱାରା ଅୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଏକ ବଡ଼ କଥା କହିଛନ୍ତି ଏହାର ଆବାହକ ତଥା ବରିଷ୍ଠ ରାଜନେତା ବିଜୟ ମହାପାତ୍ର। ନବୀନ ପଟ୍ଟନାୟକଙ୍କୁ ନେଇ ବିଜୁ ଜନତା ଦଳ ଗଠନ କଲେ ତାଙ୍କର ହିଁ କ୍ଷତି ହେବ ବୋଲି ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ ତାଙ୍କୁ ସତର୍କ କରାଇ ଦେଇଥିଲେ। କିନ୍ତୁ ସେ ଜାନକୀଙ୍କ କଥାକୁ ଶୁଣି ନଥିଲେ ବୋଲି କହିଛନ୍ତି ବିଜୟ। ସେ କହିଛନ୍ତି, ଜାନକୀ ବାବୁ ସରକାରରେ ଥିଲେ। ଆମେ ବିରୋଧୀ ଦଳରେ ଥିଲୁ। ଆମେ ସେତେବେଳେ ବିଜୁ ଜନତା ଦଳ ଗଠନ କରୁଥିଲୁ। ପୂର୍ବତନ ବିଧାୟକ ସ୍ୱର୍ଗତ ଅରୁଣ ଦେ'ଙ୍କୁ ଜାନକୀ ବଲ୍ଲଭ ପଟ୍ଟନାୟକ କହିଥିଲେ, 'ବିଜୟ ବିଜୁ ଜନତା ଦଳ ନାଁରେ ନୂଆ ପାର୍ଟି ତିଆରି କରୁଛି କି ?' ଅରୁଣ ଦେ ହଁ କହିଥିଲେ। ଦଳ ସେତେବେଳକୁ ତିଆରି ହୋଇ ନଥିଲେ। ଦଳ ଗଢ଼ିବା କାମରେ ଆମେ ସମସ୍ତଙ୍କୁ ନିୟୋଜିତ କରିଥାଉ। ଅରୁଣ ଦେ' ଯେହେତୁ ମୋର ଘନିଷ୍ଠ ଥିଲେ, ତେଣୁ ସେ ମୋତେ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ତୁମ ସହିତ କଥା ହେବାକୁ ଚାହୁଁଛନ୍ତି। ମୁଁ କଥା ହୋଇପାରିବନି ବୋଲି କହିଥିଲି। ମୁଁ ବ୍ୟସ୍ତ ଅଛି ବୋଲି କହିଥିଲି। ପ୍ରାୟ ଦୁଇ ଚାରି ଥର ଅରୁଣ ଦେ ମୋତେ ଅନୁରୋଧ କରିଥିଲେ। ସେ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ନିଜଆଡୁ ତୁମ ସହିତ କଥା ହେବାକୁ ଚାହୁଁଛନ୍ତି। ତଥାପି ମୁଁ ମନା କରି ଦେଇଥିଲି। ବିଜୟ କହିଛନ୍ତି, ଅରୁଣ ଦେ ଯାଇ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ କହିଥିଲେ ଯେ ବିଜୟ କଥା ହେବାକୁ ଚାହୁଁନି। ତା'ପରେ ସେ ଟେଲିଫୋନ୍‌ରେ କଥା ହେବାକୁ ଚାହିଁଥିଲେ। ତାହା ବି ସମ୍ଭବ ନୁହେଁ ବୋଲି ମୁଁ କହିଥିଲି। ଏହା ପରେ ସେ ଅରୁଣ ଦେ'ଙ୍କୁ କହିଥିଲେ, 'ତୁମେ ତାଙ୍କୁ ଗୋଟିଏ କଥା କହି ଦେବ। ସେ ଦଳ ତିଆରି କରନ୍ତୁ। ମୋର ସେଥିରେ କିଛି ପ୍ରତିବାଦ କରିବାର ନାହିଁ। କିନ୍ତୁ ତାଙ୍କୁ କହିଦେବ ସେ ନିଜେ ଦଳ ତିଆରି କରନ୍ତୁ। ଓଡ଼ିଶାର ଯେଉଁ ନେତାମାନେ ଅଛନ୍ତି, ତାଙ୍କୁ ନେଇ ଦଳ ତିଆରି କରନ୍ତୁ। ଯଦି ସିଏ (ନବୀନ ପଟ୍ଟନାୟକ) ଆସିବେ, ତା'ହେଲେ ବିଜୟଙ୍କର ବହୁତ କ୍ଷତି ହେବ। ତାଙ୍କୁ (ନବୀନ ପଟ୍ଟନାୟକ) ଛାଡ଼ି ଦଳ ଗଠନ କରନ୍ତୁ। ସେ (ନବୀନ ପଟ୍ଟନାୟକ) ସଂସଦରେ ଅଛନ୍ତି। ସେ ସେଠାରେ ଥାଆନ୍ତୁ।' ଜାନକୀ ବଲ୍ଲଭ ପଟ୍ଟନାୟକ ଜଣେ ଜ୍ୟୋତିଷ ଭଳିଆ ଏ କଥା କହିଥିଲେ। ସୂଚନାଯୋଗ୍ୟ, ସେତେବେଳେ ନବୀନ ଜନତା ଦଳ ଟିକେଟ୍‌ରେ ଆସ୍କା ଆସନରୁ ଜିତି ଲୋକସଭାକୁ ଯାଇଥିଲେ। ସେ ଆହୁରି କହିଛନ୍ତି, ୨୦୦୪ ବେଳକୁ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସହିତ ମୋର ବ୍ୟକ୍ତିଗତ ସଂପର୍କ ବହୁତ ଘନିଷ୍ଠ ହୋଇଯାଇଥିଲା। ଦିନେ ତାଙ୍କୁ କହିଥିଲି ଯେ ଆପଣ ଯାହା କହିଥିଲେ ତାହା ହିଁ ହେଲା। ଓଡ଼ିଶାରେ ଅନ୍ୟ କୌଣସି ବ୍ୟକ୍ତିତ୍ୱ ମୋତେ ଏକଥା କହି ନଥିଲେ। ଆପଣ ଏକମାତ୍ର ବ୍ୟକ୍ତିତ୍ୱ ଯିଏ କି ସ୍ପଷ୍ଟ ଭାବେ କହି ଦେଇଥିଲେ। ଆଉ ଯାହା କହିଥିଲେ ତାହା ଅକ୍ଷରେ ଅକ୍ଷରେ ଘଟିଲା। ସେଥିପାଇଁ ମୁଁ ତାଙ୍କୁ ଧନ୍ୟବାଦ ଦେଉଛି।

# ଶାଗର କୁଟୀର ଶିଳ୍ପ - ଜରାସିଂହା

ଅନୁଗୁଳ, ୨୫/୦୪(ବିଜୟ କୁମାର ସ୍ୱାଇଁ) : ପୁରାଣର କଥା ବସ୍ତୁର ଭଗବାନ ଶ୍ରୀକୃଷ୍ଣ ଦୁର୍ଯ୍ୟୋଧନର ଛପନ ପ୍ରକାର ବ୍ୟଂଜନରୁ ମୁହଁ ଫେରାଇ ନେଇ ବିଦୂର ଘରେ ଶାଗ ଭଜା ଖାଇ ସଂତୁଷ୍ଟ ହୋଇଥିଲେ । ପ୍ରସଙ୍ଗ କ୍ରମେ ଓଡିଆର ପଖାଳ କଂସା ଅଥବା ନିତି ଦିନର ଭାତ ଥାଳିରେ ଶାଗର ଆଦର ଅନୁଭବ ହୋଇ ଥାଏ। ଧନୀ ଗରୀବ ସମସ୍ତଙ୍କ ଘରେ ଶାଗର ଆଦର ରହିଛି । ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନଙ୍କ ମତରେ ଶାଗରେ ଭରପୁର ଭିଟାମିନ ଏବଂ ଲୌହସାର ରହିଛି ଯାହାକି ଆମ ଶରୀର ପାଇଁ ଉପଯୋଗୀ ଅଟେ । ବର୍ଷସାରା ଅନୁଗୁଳ ସହର ବାସୀଙ୍କ ଶାଗର ଚାହିଦା ପୁରଣ କରିବାରେ ସହର ତଳି ଜରାସିଂହା ଗାଁ ର ଶାଗ ସବୁ ବେଳେ ଚର୍ଚ୍ଚାରେ ରହି ଆସିଛି । ସହର ବାସୀଙ୍କ ସମୁଦାୟ ଚାହିଦାର ପ୍ରାୟ ପଚାସ ପ୍ରତିଶତରୁ ବେଶୀ ଜରାସିଂହା ରେ ଚାଷ ହେଉଥିବା ଶାଗ ପୁରଣ କରିଥାଏ। ସହର ଠାରୁ, ମାତ୍ର ଚାରି କିମି ଦୂରତାରେ ଥିବା ଜରାସିଂହା ଗାଁ ବେଶ ପରିଚିତ । ଗ୍ରାମର ପରିବେଶକୁ ନିରିଖି ଦେଖିଲେ ଚାରି ଆଡେ ଥିବା ଶାଗ କିଆରୀର ମନ ଲୋଭା ପରିବେଶ କୁଟୀର ଶିଳ୍ପର ଭ୍ରମ ସୃଷ୍ଟି କରିଥାଏ । ବର୍ଷ ସାରା ଏଠାକାର ଗ୍ରାମ ବାସୀ ବିଭିନ୍ନ ପ୍ରକାର ଶାଗ ଉତ୍ପାଦନ କରିଥାନ୍ତି । ଗ୍ରାମବାସୀଙ୍କ ଦ୍ୱାରା ଚାଷ ହେଉଥିବା କୋଶଳା, ଲେଉଟିଆ, ଖଡା, ପାଳଙ୍ଗ, ପୋଇ, ସହିତ କଖାରୁ , ସଜନା ଶାଗ ଅନୁଗୁଳ ସହର ବଜାରର ଆବଶ୍ୟକତାକୁ ପୁରଣ କରେ । ବର୍ଷ ତମାମ ଏମିତି ଶାଗ ଅନୁଗୁଳ ସହର ବାସୀଙ୍କୁ ମିଳିବାରେ ଅସୁବିଧା ନଥାଏ । ଏହି ଗ୍ରାମରେ ଜନ୍ମିତ ସୁପୁତ୍ର ସ୍ୱର୍ଗତ ହୃଷିକେଶ ପ୍ରଧାନ ଜଣେ ସ୍ୱାଧିନତା ସଂଗ୍ରାମୀ ଓ ଜଣେ କମୁନିଷ୍ଟ ନେତାଙ୍କ ପାଇଁ ଗାଁର ସ୍ୱତନ୍ତ୍ର ପରିଚୟ ରହିଛି । ସେହିପରି ଭାରୀ ଜଳରୁ ପରମାଣୁ ବୋମାରେ ବ୍ୟବହୃତ ଏକ ପ୍ରକାର ରାସାୟନିକ ପଦାର୍ଥର ଆବିଷ୍କାରକ ବୈଜ୍ଞାନିକ ଡ଼ ଦୋଳ ଗୋବିନ୍ଦ ପ୍ରଧାନ ମଧ୍ୟ ଭାରତ



ବର୍ଷର ଆଣବିକ ଶକ୍ତି କ୍ଷେତ୍ରରେ ବେଶ ଜଣା ଶୁଣା ଥିଲେ । ଜରାସିଂହାର ପ୍ରତିଟି ଗ୍ରାମବାସୀଙ୍କ ଘର ଅଗଣା ହେଉ ଅବା ବଗିଚାରେ ହେଉ ସବୁ ଠାରେ ଶାଗ କିଆରୀ ଦେଖିବାକୁ ମିଳେ । ଭଳିକି ଭଳି ଶାଗ କିଆରୀ ଗୁଡିକ ବେଶ ମନଲୋଭା ହୋଇଥାଏ । ଅନୁଗୁଳ ସହରରେ ରାତି ପାହିଲେ ଗଳି କନ୍ଦିରେ ଶୁଭୁ ଥିବା ଶାଗ ବାଲାର ଡାକ ମଧ୍ୟରୁ ଅଧିକାଂଶ ଜରାସିଂହା ନିବାସୀ ଅଟନ୍ତି। ଡେଲି ମାର୍କେଟ କିମ୍ବା ଗଳି କନ୍ଦିରେ ବିକ୍ରୀ ହେଉଥିବା ଶାଗ ବିକାଳିଙ୍କ ମଧ୍ୟରୁ ଅନେକେ ସେହି ଏକା ଚର୍ଚ୍ଚିତ ଗାଆଁରୁ ଯାଇଥାନ୍ତି । ଏମିତିକି କିଛି ବାବୁ ଭାୟାଙ୍କ ବରାଦ ମୁତାବକ ଘରକୁ ପ୍ରତିଦିନ ଶାଗ ପହଂଚାଇବା ପାଇଁ ଏମିତି କିଛି ଆଗରୁ ବରାଦି ହୋଇଥାଏ। ସକାଳେ ବଜାରରେ ଶାଗ କିଣିବା ବେଳେ ଜରାସିଂହା ନାଆଁ ଟା ସମସ୍ତଙ୍କ ମନରେ ଆସିଥାଏ । ପ୍ରତିଦିନ ସକାଳେ ଅନୁଗୁଳ ସହରର ଡେଲି ମାର୍କେଟ ଅଥବା ରାସ୍ତା କଡରେ ଭଳିକି ଭଳି ଶାଗର ପସରା ପାଖରେ କିଣିବା ବାଲାଙ୍କ ଭୀଡ ଦେଖିବାକୁ ମିଳେ । ଅଳ୍ପ ଦରରେ ଶାଗ ମିଳୁ ଥିବାରୁ ଗରୀବର ପଖାଳ କଂସାରେ ଏହାର ଚାହିଦା ଅଧିକ ରହିଛି । ଧନୀ ଗରୀବ ସମସ୍ତଙ୍କ ଘରେ ଶାଗ ଲୋଡା ହୁଏ । ଘର ପାଖରେ ବଜାର ସୁବିଧା ସହିତ ଗ୍ରାହକଙ୍କ ଚାହିଦା ଜରାସିଂହାର ଅନେକ ବ୍ୟକ୍ତି ଶାଗ ଚାଷ କରି ସେମାନଙ୍କ ରୋଜଗାର ବୃଦ୍ଧି କରିପାରିଛନ୍ତି । ଅଳ୍ପ ପରିଶ୍ରମ ଓ କମ ଯାଗାରେ ବର୍ଷ ତମାମ ଶାଗ ଚାଷ ଗ୍ରାମର ଅନେକ ବ୍ୟକ୍ତି ସେମାନଙ୍କ ଆର୍ଥିକ କ୍ଷେତ୍ରରେ ବେଶ ସ୍ୱଚ୍ଛଳ ହେବାର ଦୃଷ୍ଟାନ୍ତ ଅନେକ । ଅନ୍ୟୁନ ଚାରି ଡେସିମିଲ ଜମି ଥିବା ବ୍ୟକ୍ତିର ଘରେ ବସିଥିବା ମହିଳା ମାନେ ଶାଗ କିଆରି କରି ଅର୍ଥ ରୋଜଗାର କରି ପାରିଛନ୍ତି । ଗାଆଁର ଚାରିଆଡେ ସୃଷ୍ଟି ହୋଇଥିବା ଶାଗ କିଆରୀ ଗୁଡିକ କୁଟୀରଶୀଳ୍ପର ଦୃଶ୍ୟ ବହନ କରୁଛି ।

# ମହିଳା ପ୍ରାର୍ଥୀ ଦେବାରେ ପଛରେ ଭାଜପା-କଂଗ୍ରେସ

ନୂଆଦିଲ୍ଲୀ, ୨୫/୦୪: ଦେଶବ୍ୟାପୀ ଏବେ ଲୋକ ସଭା ଆସନ ବୃଦ୍ଧି ଓ ମହିଳା ସଂରକ୍ଷଣ ଆଇନ ସମ୍ପର୍କରେ ଆଲୋଚନା ତେଜିଛି। ଏପରି ପ୍ରଚ୍ଛଦପଟରେ ୨୦୨୩ରେ ମହିଳା ସଂରକ୍ଷଣ ଆଇନ ସଂସଦରେ ଗୃହୀତ ହୋଇସାରିଥିଲା। ତଥାପି ଦେଶର ଅଧିକାଂଶ ରାଜନୈତିକ ଦଳରୁ ମହିଳା ପ୍ରାର୍ଥୀମାନଙ୍କ ସଂଖ୍ୟା ଦେଖିଲେ ୨୦୨୪ ନିର୍ବାଚନର ଉଦାହରଣ ନୈରାଶ୍ୟଜନକ ବୋଲି କହିହେବ। ବିଶେଷକରି ୨ଟି ଜାତୀୟ ଦଳ- ଭାଜପା ଓ କଂଗ୍ରେସ ମହିଳା ପ୍ରାର୍ଥୀ ଦେବାରେ, ଅନ୍ୟ ଆଞ୍ଚଳିକ ଦଳ ତୁଳନାରେ ଯଥେଷ୍ଟ ପଛରେ ରହିଥିବା ତଥ୍ୟ ଦର୍ଶାଉଛି।

ଭାରତର ନିର୍ବାଚନ କମିଶନ(ଇସିଆଇ) ଓ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ତଥ୍ୟ ଅନୁଯାୟୀ, ୨୦୨୪ ଲୋକ ସଭା ନିର୍ବାଚନରେ ୫୪୩ ଆସନ ପାଇଁ ସମୁଦାୟ ୮,୩୩୭ ପ୍ରାର୍ଥୀ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ। ସେମାନଙ୍କ ମଧ୍ୟରୁ ବିଭିନ୍ନ ଦଳର ମହିଳା ପ୍ରାର୍ଥୀ ଥିଲେ ମାତ୍ର ୭୯୭। ଅର୍ଥାତ୍ ୯.୫୫ ପ୍ରତିଶତ ମହିଳା ପ୍ରତିଦ୍ୱନ୍ଦ୍ୱିତା କରିବାର ସୁଯୋଗ ପାଇଥିଲେ। ଭାଜପା ୪୪୦ ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ସେଥିମଧ୍ୟରୁ ୬୯ ଜଣ ମହିଳା ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଅର୍ଥାତ୍ ଭାଜପା ୧୫.୬୮ ପ୍ରତିଶତ ମହିଳାଙ୍କୁ ପ୍ରାର୍ଥୀ ହେବାର ସୁଯୋଗ ଦେଇଥିଲା। ଅନୁରୂପ ଭାବେ କଂଗ୍ରେସ ୩୨୭ ସିଟ୍‌ରେ ପ୍ରାର୍ଥୀ ଦେଇଥିବା ବେଳେ ମହିଳା ଥିଲେ ୪୧, ଯାହା ୧୨.୫୩ ପ୍ରତିଶତ। ଆଞ୍ଚଳିକ ରାଜନୈତିକ ଦଳ ବିଜୁ ଜନତା ଦଳ (ବିଜେଡି) ଓଡ଼ିଶାର ୨୧ ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ସେଥିରୁ ୭ ଜଣ ମହିଳାଙ୍କୁ ଟିକେଟ ଦେଇଥିଲା। ଅର୍ଥାତ୍ ୩୩.୩୩ ପ୍ରତିଶତ ମହିଳା ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ। ଅବଶ୍ୟ କେହି ଲୋକ ସଭାରେ ଖାତା ଖୋଲିପାରି ନ ଥିଲେ। ଉଲ୍ଲେଖ କରାଯାଇପାରେ ଯେ, ରାଜ୍ୟରେ ଭାଜପା ଏହି ୨୧ ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪ ଜଣ ମହିଳା ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଅର୍ଥାତ୍ ଏମାନଙ୍କ ପ୍ରତିଶତ ଥିଲା ୧୯.୦୪। ସେହିଭଳି କଂଗ୍ରେସ ୨୦ ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ମହିଳାଙ୍କ ସଂଖ୍ୟା ଥିଲା ୩, ଯାହାର ପ୍ରତିଶତ ୧୫। କଂଗ୍ରେସର ମେଣ୍ଟ ଭାବେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍‌ଏମ୍) ଓଡ଼ିଶାରେ ଜଣେ ପ୍ରାର୍ଥୀଙ୍କୁ ଛିଡ଼ା କରାଇଥିଲା। ତେବେ ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ (ଏଆଇଟିସି/ଟିଏମ୍‌ସି) ୪୨ ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ୧୨ ଜଣ ମହିଳାଙ୍କୁ ସୁଯୋଗ ଦେଇଥିଲା, ଯାହାର ପ୍ରତିଶତ ହେଉଛି ୨୮.୬। ଏହି ୧୨ ଜଣଙ୍କ ମଧ୍ୟରେ ୧୧ ଜଣ ନିର୍ବାଚନରେ ବିଜୟଲାଭ କରିଥିଲେ। ବର୍ତ୍ତମାନ ୩୩ ପ୍ରତିଶତ ମହିଳାଙ୍କୁ ସଂରକ୍ଷଣ ଦେବା ନେଇ 'ଘୋ' ଚାଲିଛି। ଜେଏମ୍‌ଏମ୍ ୬ ପ୍ରାର୍ଥୀ ଦେଇଥିବାବେଳେ ସେମାନଙ୍କ ମଧ୍ୟରେ ୨ ଜଣ ମହିଳା ଥିଲେ, ଯାହା ୩୩.୩୩%। ଲୋକ ଜନଶକ୍ତି ପାର୍ଟି (ଏଲଜେପି) ୫ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣ ମହିଳା ପ୍ରାର୍ଥୀ ଥିଲେ। ଏମାନଙ୍କ ପ୍ରତିନିଧିତ୍ୱ ୪୦ ପ୍ରତିଶତ ଥିଲା। ସଂଯୁକ୍ତ ଜନତାଦଳ(ଜେଡିୟୁ) ୧୬ ପ୍ରାର୍ଥୀ ଦେଇଥିବା ବେଳେ ୨ ଜଣ ମହିଳା ଥିଲେ, ଯାହା ୧୨.୫ % ଥିଲା। ସମାଜବାଦୀ ପାର୍ଟି (ଏସ୍‌ପି)ର ୭୧ ସମୁଦାୟ ପ୍ରାର୍ଥୀଙ୍କ ମଧ୍ୟରୁ ମହିଳା ପ୍ରାର୍ଥୀ ଥିଲେ ୧୪, ଯାହାର ପ୍ରତିଶତ ହେଉଛି ପ୍ରାୟ ୨୦। ଡିଏମ୍‌କେ ୨୨ ଜଣଙ୍କୁ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ଟିକେଟ ଦେଇଥିବା ବେଳେ ସେଥିମଧ୍ୟରେ ୩ ଜଣ ଥିଲେ ମହିଳା(୧୩.୬୩%)। ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ମୋଟ ୨୩ ପ୍ରାର୍ଥୀଙ୍କ ମଧ୍ୟରୁ ୬ ମହିଳାଙ୍କୁ ଟିକେଟ ଦେଇଥିଲା, ଯାହା ୨୬%। ସବୁଠାରୁ କୌତୂହଳ କଥା ଯେ, ଆମ୍ ଆଦ୍‌ମୀ ପାର୍ଟି(ଏଏପି) ଦିଲ୍ଲୀ, ପଞ୍ଜାବ, ହରିୟାଣା ଓ ଗୁଜରାଟରେ ୨୨ ଜଣ ପ୍ରାର୍ଥୀ ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ହେଲେ ମହିଳା ପ୍ରାର୍ଥୀ ନ ଥିବା ଜଣାପଡ଼ିଛି।

ନିର୍ବାଚନ କମିଶନଙ୍କ ସୂତ୍ରରୁ ଦର୍ଶାଯାଇଛି ଯେ, ୨୦୨୪ ମହିଳା ପ୍ରାର୍ଥୀ ଭରିଥିବା ଦଳଗୁଡ଼ିକ ମଧ୍ୟରେ 'ନାମ୍ ତାମିଲାର କାଚ୍‌ଚି' ୫୦%, ଏଲ୍‌ଜେପି (ରାମ୍‌ବିଳାସ) ୪୦%, ବିଜେଡି ଓ ଜେଏମ୍‌ଏମ୍ ୩୩% ଲେଖାଏ, ଆର୍‌ଜେଡି ୨୬%, ଟିଏମ୍‌ସି ୨୮.୫୭% ଓ ଏସ୍‌ପି ୨୦ ପ୍ରତିଶତ ପାର୍ଟି ଭିତରେ ଲିଙ୍ଗଗତ ପ୍ରତିନିଧିତ୍ୱ କରିଥିଲେ। ୨୦୨୪ ଲୋକ ସଭା ନିର୍ବାଚନ ସହିତ ୧୪୭ ଆସନ ବିଶିଷ୍ଟ ଓଡ଼ିଶା ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ମହିଳାଙ୍କ ପ୍ରତିନିଧିତ୍ୱ ଦେଖିଲେ ବିଜେଡି ୩୩ ଜଣ ମହିଳାଙ୍କୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ଦେଇଥିଲା, ଯାହାର ପ୍ରତିଶତ ଦେଖିଲେ ଥିଲା ୨୨.୪୪। ସେହିପରି ଭାଜପା ୧୨(୮.୧୬%) ଜଣ ମହିଳାଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ୨୦ (୧୩.୬୦%) ଜଣ ମହିଳାଙ୍କୁ ଟିକେଟ ଦେଇଥିଲା। ଲୋକ ସଭା ଭଳି ରାଜ୍ୟ ବିଧାନସଭାରେ ଆଞ୍ଚଳିକ ଦଳ ବିଜେଡି ଜାତୀୟ ଦଳ ଭାଜପା ଓ କଂଗ୍ରେସଠାରୁ ଆଗରେ ରହିଥିଲା।

## ଝାଲମୁଢ଼ି ଖାଇଲେ ମୋଦୀ ଦୋକାନୀ କହିଲେ ରହିଗଲା ଅବଶୋଷ



ନୂଆଦିଲ୍ଲୀ, ୨୫/୦୪: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପ୍ରଚାର ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଝାଡ଼ଗ୍ରାମରେ "ଝାଲମୁଢ଼ି" ଖାଇବା ପାଇଁ ଅଟକିଥିବାର ଫଟୋ ଏବଂ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। କିନ୍ତୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ "ଝାଲମୁଢ଼ି" ଖୁଆଇଥିବା ବ୍ୟକ୍ତି ଏବେ କିଛି ଆଶ୍ଚର୍ଯ୍ୟଜନକ କଥା ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଝାଲମୁଢ଼ି ତିଆରି କରିଥିବା ବିକ୍ରମ ଶଙ୍କ ଠାରୁ ଝାଲମୁଢ଼ି ଖାଇଥିଲେ। ଏବଂ ଖୁବ୍ ପ୍ରଶଂସା ମଧ୍ୟ କରିଥିଲେ। ଏପରିକି ମୋଦୀ ବିକ୍ରମଙ୍କୁ ତାଙ୍କ ପରିବାର ଲୋକଙ୍କ ବିଷୟରେ ମଧ୍ୟ ପଚାରିଥିଲେ। ଏହି ଦୃଶ୍ୟ ଦେଖିଥିବା ସବୁ ଲୋକ ଆଶ୍ଚର୍ଯ୍ୟ ଏବଂ ଆନନ୍ଦିତ ହୋଇଥିଲେ। ସବୁକିଛି ଏତେ ସୁନ୍ଦର ଥିଲା ଯେ ତାଙ୍କ ଚାରିପାଖରେ ଥିବା ଲୋକମାନେ ତାଳି ମାରିବାକୁ ଲାଗିଥିଲେ। କିନ୍ତୁ ଯେତେବେଳେ ପ୍ରଧାନମନ୍ତ୍ରୀ ଚାଲିଗଲେ। ବିକ୍ରମ ଅନୁଭବ କଲେ ଯେ ସେ ସବୁଠାରୁ ବଡ଼ ସୁଯୋଗ ହରାଇଛନ୍ତି। ଯାହା ଆଉ କେବେ ଆସିବ ନାହିଁ। ମୁଁ ପ୍ରଧାନମନ୍ତ୍ରୀଙ୍କ ଅଟୋଗ୍ରାଫ୍ ନେଇପାରିଲି ନାହିଁ । ବର୍ତ୍ତମାନ ଏହି ଅନୁତାପ ତାଙ୍କ ଜୀବନର ଏକ ଅଂଶ ହୋଇଗଲା।

## ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଲେ ଦୁର୍ବୃତ୍ତ

ନୂଆଦିଲ୍ଲୀ, ୨୫/୦୪: କର୍ଣ୍ଣାଟକର ହାଭେରୀ ସହରରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗି ଦିଆଯାଇଛି। ଯାହା ଫଳରେ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଘଟଣାଟି ମହାତ୍ମା ଗାନ୍ଧୀ ରୋଡରେ ଘଟିଛି। ଗତକାଲି ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ପ୍ରତିମୂର୍ତ୍ତିକୁ କ୍ଷତି ପହଞ୍ଚାଇଛନ୍ତି। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ହାଭେରୀ ପୁଲିସ୍ ଅଧୀକ୍ଷକ ଏବଂ ଏକ ପୁଲିସ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଯାଞ୍ଚ କରିଛନ୍ତି। ଏବଂ ୨ ଫୁଟ ଉଚ୍ଚତା ବିଶିଷ୍ଟ କ୍ଷତିଗ୍ରସ୍ତ ପ୍ରତିମାକୁ ଜବତ କରି ଅଧିକ ତଦନ୍ତ ପାଇଁ ଥାନାକୁ ନେଇଛି। ପୁଲିସ୍ ଏହି ଘଟଣାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଖୋଜାଖୋଜି ଆରମ୍ଭ କରିଛି। ତଦନ୍ତ ପାଇଁ ସହରର ବିଭିନ୍ନ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି। ଘଟଣା ଘଟିଥିବା ସ୍ଥାନରେ କ୍ୟାମେରା ବନ୍ଦ ଥିବା ଜଣାପଡିଛି।

## ଇଡିରେ ପହଞ୍ଚିଲେ ପୂର୍ବତନ ଟିଏମସି ସାଂସଦ

କଲକତା, ୨୫/୦୪ : କଲକତା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟାଳୟରେ ପହଞ୍ଚିଲେ ପୂର୍ବତନ ଟିଏମସି ସାଂସଦ ତଥା ବଙ୍ଗୀୟ ଅଭିନେତ୍ରୀ ନୁସରତ ଜାହାନ। ରାସନ ଦୁର୍ନୀତି ସହ ମନି ଲଣ୍ଡରିଂ ମାମଲାରେ ଗତ ୨୦ ତାରିଖରେ ତାଙ୍କୁ ଇଡି ସମନ ଜାରି କରିଛି। ୨୦୨୦ ରାସନ ଚୋରା ଚାଲାଣ ମାମଲାର ତଦନ୍ତ ପାଇଁ ସଲ୍‌ଟ ଲେକ୍ ଇଡି କାର୍ଯ୍ୟାଳୟରେ ନୁସରତ ପହଞ୍ଚିଛନ୍ତି। ସମନ ସମୟରେ ବିଦେଶରେ ଛୁଟିରେ ଥିବାରୁ ସେ ନୂଆଦିଲ୍ଲୀସ୍ଥିତ ଇଡି ମୁଖ୍ୟାଳୟରେ ହାଜର ହେବାକୁ ଅନୁରୋଧ କରିଥିଲେ। କିନ୍ତୁ ଏହା ଖାରଜ ହେବ ପରେ ଆଜି ସେ କଲକତା ଇଡି କାର୍ଯ୍ୟାଳୟରେ ପହଞ୍ଚିଛନ୍ତି। ଅଭିଯୋଗ ଅନୁସାରେ କୋଭିଡ୍-୧୯ ଲକଡାଉନ୍ ସମୟରେ, ବାଂଲାଦେଶକୁ ଗହମ ଏବଂ ଚାଉଳ ଚୋରା ଚାଲାଣ ଅଭିଯୋଗରେ ବସିରହାଟର ସୀମାବର୍ତ୍ତୀ ଅଞ୍ଚଳରେ ଅନେକ ଟ୍ରକ ଜବତ କରାଯାଇଥିଲା। ନୁସରତ ସେତେବେଳେ ବସିରହାଟ ସାଂସଦ ଥିଲେ। ଘୋଟାଲାର ତଦନ୍ତ ସମୟରେ ଅନେକ ନାମ ସାମ୍ନାକୁ ଆସିଥିଲା। ନୁସରତଙ୍କୁ ଏହି ମାମଲାରେ ପଚରାଉଚରା ପାଇଁ ସମନ କରାଯାଇଛି।

## ରାହୁଲ ଗାନ୍ଧୀଙ୍କ ବାସଭବନ ଆଗରେ କୁଶ ପୁତ୍ତଳିକା ଦାହ କଲା ବିଜେପି

ନୂଆଦିଲ୍ଲୀ, ୨୫/୦୪: ଲୋକସଭାରେ ସମ୍ବିଧାନ ସଂଶୋଧନ ବିଲ୍ ପାସ୍ କାଟ ଖାଇବା ପରେ ବିଜେପି ମହିଳା ମୋର୍ଚ୍ଚା କଂଗ୍ରେସ ବିରୋଧରେ ପ୍ରତିବାଦ କରିଛି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବାସଭବନ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ ସହ କୁଶପୁତ୍ତଳିକା ଦାହ କରିଛି ମହିଳା ମୋର୍ଚ୍ଚା। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସମେତ ବିଜେପିର ମହିଳା ସାଂସଦ, ବିଧାୟିକା ଓ ପ୍ରମୁଖ ନେତ୍ରୀ ଏବଂ କର୍ମୀ ରାହୁଲ ଗାନ୍ଧୀଙ୍କ ବାସଭବନ ଅଭିମୁଖେ ଶୋଭାଯାତ୍ରା କରିଥିଲେ। ସୁରକ୍ଷା ଦୃଷ୍ଟିରୁ ରାହୁଲ ଗାନ୍ଧୀଙ୍କ ବାସଭବନ ବାହାରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ରାହୁଲ ଗାନ୍ଧୀଙ୍କ ବାସଭବନ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ ସହ ତାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ତେବେ ଘଟଣାରେ କେନ୍ଦ୍ର ମନ୍ତ୍ରୀ ରକ୍ଷା ଖଡସେ, ସାଂସଦ ବାଂସୁରି ସ୍ୱରାଜ ଏବଂ କମଲଜିତ ସେହରାୱତଙ୍କ ସମେତ ଅନେକ ମହିଳା ମୋର୍ଚ୍ଚା କର୍ମୀଙ୍କୁ ପୋଲିସ ଅଟକ ରଖିଛି। ବିଜେପି ସାଂସଦ ହେମା ମାଳିନୀ ଘଟଣାରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ସେମାନେ ବିଲ୍ ପାସ୍ ହେବାକୁ ଦେଇ ନଥିଲେ। ତେଣୁ ଆମେ ସମସ୍ତେ ଏଠାରେ ପ୍ରତିବାଦ କରୁଛୁ। ସାରା ଦେଶରେ ମହିଳାମାନେ ଏହି ଅଭିଯାନ କରୁଛନ୍ତି। ବାଂସୁରି ସ୍ୱରାଜ କହିଛନ୍ତି ସମଗ୍ର ବିରୋଧୀ ଦଳ ଏବଂ ରାହୁଲ ଗାନ୍ଧୀ ଗତକାଲି ଏହି ଦେଶର ମହିଳାମାନଙ୍କୁ ବିଶ୍ୱାସଘାତକତା କରିଛନ୍ତି। ସେମାନେ ମହିଳାଙ୍କ ପଛପଟେ ଛୁରା ମାରିଛନ୍ତି। ସେମାନେ ଚାହୁଁଛନ୍ତି ଯେ ମହିଳାଙ୍କ ଭୂମିକା କେବଳ ଭୋଟ କେନ୍ଦ୍ର ପର୍ଯ୍ୟନ୍ତ ସୀମିତ ରହୁ। ରାଜନୈତିକ ପ୍ରତିନିଧିତ୍ୱର କଥା ଆସିଲେ ସେମାନେ ନିଜର ସ୍ୱାର୍ଥକୁ ପ୍ରାଥମିକତା ଦେଇଥିଲେ ଏବଂ ମହିଳାମାନଙ୍କ କ୍ରୋଧର ପାତ୍ର ହୋଇଥିଲେ। ସେମାନେ ମହିଳାମାନଙ୍କ ପ୍ରତି ବିଶ୍ୱାସଘାତକତା କରିଛନ୍ତି।"

## ରାଘବ ଚଡ୍ଢାଙ୍କ ସମେତ ଆପ୍ ଛାଡ଼ିଥିବା ଏମ୍‌ପିଙ୍କ ଉପରେ ବର୍ଷିଲେ ଭଗବନ୍ତ ମାନ

ନୂଆଦିଲ୍ଲୀ,୨୫।୪: ରାଘବ ଚଡା ଏବଂ ଆମ ଆଦମୀ ପାର୍ଟିର ଅନ୍ୟ ଛଅ ଜଣ ଏମ୍‌ପିଙ୍କ ଭାଜପାରେ ଯୋଗଦାନ ଉପରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ କଡ଼ା ପ୍ରତିକ୍ରିୟା ଦେଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଭାଜପା ସେମାନଙ୍କୁ ପଞ୍ଜାବରେ ଭଲ କାମ କରିବାରୁ ବାରଣ କରିଛି। ପଞ୍ଜାବର ରାଜ୍ୟ ସଭା ଏମ୍‌ପିଙ୍କୁ ନିଜ ପକ୍ଷକୁ ଆଣି ଭାଜପା ରାଜ୍ୟ ସହିତ ବିଶ୍ୱାସଘାତକତା କରିଛି। ପଞ୍ଜାବରେ ଭାଜପାର କୌଣସି ସ୍ଥିତି ନାହିଁ। ସେ ଆହୁରି କହିଛନ୍ତି, "ଭାଜପାର ଏଠାରେ ନିଜର କିଛି ନାହିଁ। ଭାଜପା ଚାଲ୍ କରୁଛି, କିନ୍ତୁ ଏହା ପଞ୍ଜାବକୁ ଜିତିପାରିବ ନାହିଁ। ସେମାନେ ସମସ୍ତେ ନିଜ ଜୀବନ ବଞ୍ଚାଇବା ପାଇଁ ଭାଜପାରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ କହିଛନ୍ତି, "ଭାଜପାରେ ଯୋଗ ଦେଇଥିବା ସାତ ଜଣ ଲୋକ ପଞ୍ଜାବର ଦେଶଦ୍ରୋହୀ। ଭାଜପା ସବୁବେଳେ ପଞ୍ଜାବକୁ ବିଶ୍ୱାସଘାତକତା କରିଛି। ଭାଜପା ପ୍ରକୃତରେ ଏକ ଦଳ ଯାହା ଇଡି, ସିବିଆଇ ଏବଂ ଆୟକର ବଳରେ ଚାଲିଥାଏ। ପଞ୍ଜାବରେ ଭାଜପାର ନିଜସ୍ୱ କୌଣସି ଆଧାର ନାହିଁ, ତେଣୁ ଏହା ନେତାମାନଙ୍କୁ ନିଜ ପକ୍ଷକୁ ଆଣିବା ପାଇଁ ଏହି ପଦ୍ଧତି ବ୍ୟବହାର କରୁଛି।" ଯଦି ଭାଜପା ପଞ୍ଜାବରେ ଏତେ ଶକ୍ତିଶାଳୀ, ତେବେ ଏଠାରୁ ବିଧାୟକମାନଙ୍କୁ ନିର୍ବାଚିତ କରି ଏବଂ ସେମାନଙ୍କ ମଧ୍ୟରୁ ରାଜ୍ୟ ସଭାକୁ ନିବାଚିତ କରି ଏହା ଦେଖାଇବା ଉଚିତ୍।

## ଏମ୍‌କେ ଷ୍ଟାଲିନ ଓ ଡିଏମ୍‌କେ ପ୍ରତି ପ୍ରଧାନମନ୍ତ୍ରୀଙ୍କ କଟୁ ସମାଲୋଚନା

ନୂଆଦିଲ୍ଲୀ, ୨୫/୦୪: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ତାମିଲନାଡୁର ଶାସକ ଡିଏମ୍‌କେକୁ ଟାର୍ଗେଟ୍ କରି ଅଭିଯୋଗ କରିଛନ୍ତି ଯେ ଏହାର ଶାସନ ମଡେଲ 'ପରିବାର ଦ୍ୱାରା, ପରିବାର ପାଇଁ' ଏବଂ 'ଲୁଟ୍ କରିବା' ପାଇଁ ପରିବାର ମଧ୍ୟରେ ଏକ ପ୍ରତିଯୋଗିତା ଚାଲିଛି ବୋଲି ଦାବି କରିଛନ୍ତି। ଏନ୍‌ଡିଏର ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ମୋଦୀ କହିଛନ୍ତି ଯେ, ଗତ ପାଞ୍ଚ ବର୍ଷ ମଧ୍ୟରେ ତାମିଲନାଡୁରେ ଦୁଇଟି ଜିନିଷ ରେକର୍ଡ ସ୍ତରକୁ ବୃଦ୍ଧି ପାଇଛି। ଗୋଟିଏ ପରିବାରର ସମ୍ପତ୍ତି ଏବଂ ରାଜ୍ୟର ଋଣ। ତାମିଲନାଡୁର ପ୍ରତ୍ୟେକ ବ୍ୟକ୍ତିଙ୍କ ଉପରେ ଋଣ ବଢ଼ିବାରେ ଲାଗିଥିବା ବେଳେ ଡିଏମ୍‌କେର ଶୀର୍ଷ ପରିବାର ଧନୀ ହେବାରେ ଲାଗିଛନ୍ତି। ଡିଏମ୍‌କେର ନୀତି ହେଉଛି 'ପରିବାର ଦ୍ୱାରା, ପରିବାରର ଓ ପରିବାର ପାଇଁ'। ମୁଖ୍ୟମନ୍ତ୍ରୀ ହୁଅନ୍ତୁ, ଉପମୁଖ୍ୟମନ୍ତ୍ରୀ ହୁଅନ୍ତୁ, ଦିଲ୍ଲୀର ଜଣେ ପ୍ରମୁଖ ସାଂସଦ ହୁଅନ୍ତୁ, ସମସ୍ତେ ଗୋଟିଏ ପରିବାରରୁ ଆସିଥାନ୍ତି। ଏପରିକି ଫିଲ୍ମ ଇଣ୍ଡଷ୍ଟ୍ରି ଓ ମିଡିଆ ହାଉସ୍ ଗୋଟିଏ ପରିବାର ଦ୍ୱାରା ନିୟନ୍ତ୍ରିତ। ଡିଏମ୍‌କେର ବରିଷ୍ଠ ନେତାମାନଙ୍କୁ ମଧ୍ୟ ସେହି ପରିବାରର ଯୁବ ସଦସ୍ୟଙ୍କ ପାଇଁ ପଦପଦବୀ ଛାଡିବାକୁ ପଡିବ ବୋଲି ସେ କହିଛନ୍ତି। ସେ ଅଭିଯୋଗ କରିଛନ୍ତି, ଯେତେବେଳେ ବି ମୁଁ ତାମିଲନାଡୁର ଲୋକଙ୍କୁ ଭେଟିଥାଏ, ସେମାନେ ମୋତେ କୁହନ୍ତି ଯେ କିଏ ଅଧିକ ଲୁଟ୍ କରିବ ସେ ନେଇ ପରିବାର ମଧ୍ୟରେ ଏକ ପ୍ରତିଯୋଗିତା ଅଛି। ସେ ଆହୁରି କହିଛନ୍ତି ଯେ, ରାଜ୍ୟକୁ ଶାସନରେ ଦୂରଦୃଷ୍ଟି ଆବଶ୍ୟକ, ପୁଅ କିମ୍ବା ଜ୍ୱାଇଁଙ୍କ ଦ୍ୱାରା ପରିଚାଳିତ ରାଜନୀତି ନୁହେଁ। ଏକ ସମାନ୍ତରାଳ ଚିତ୍ର ଆଙ୍କି ମୋଦୀ କହିଛନ୍ତି ଯେ ଦିଲ୍ଲୀରେ ଡିଏମ୍‌କେ ଓ ଏହାର ସହଯୋଗୀଙ୍କ ମଧ୍ୟରେ ସମାନତା ରହିଛି ଏବଂ ଉଭୟ ଜ୍ୱାଇଁର ପ୍ରଭାବ ଦ୍ୱାରା ଚିହ୍ନିତ। ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନଙ୍କ ଉଦାହରଣ ଦେଇ ମୋଦୀ କହିଛନ୍ତି ଯେ କୌଣସି ରାଜନୈତିକ ପୃଷ୍ଠଭୂମି ନ ଥିବା ସତ୍ତ୍ୱେ ସେ ସଚ୍ଚୋଟତା ଓ କଠିନ ପରିଶ୍ରମ ମାଧ୍ୟମରେ ଉଠିଛନ୍ତି। କତା ବୋର୍ଡରେ ରାଧାକ୍ରିଷ୍ଣନଙ୍କ କାର୍ଯ୍ୟକାଳ ସମୟରେ ରପ୍ତାନି ରେକର୍ଡ ସ୍ତରରେ ପହଞ୍ଚିଥିଲା। ଏକ ପ୍ରମୁଖ ଅଭିବୃଦ୍ଧି ଇଞ୍ଜିନ ଭାବେ ତାମିଲନାଡୁର ଭୂମିକା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ରାଜ୍ୟର ବିକାଶରେ କେନ୍ଦ୍ରର ଅବଦାନ ଉପରେ ଆଲୋକପାତ କରିଥିଲେ। ସେ କହିଛନ୍ତି ଯେ, ଗତ ୧୧ ବର୍ଷ ମଧ୍ୟରେ କେନ୍ଦ୍ର ଟିକସ ବିନିଯୋଗ, ଭିତ୍ତିଭୂମି ଓ କଲ୍ୟାଣକାରୀ ଯୋଜନା ମାଧ୍ୟମରେ ତାମିଲନାଡୁକୁ ୧୪ ଲକ୍ଷ କୋଟିରୁ ଅଧିକ ଟଙ୍କା ପ୍ରଦାନ କରିଛି।

## ସଂସ୍କୃତ ଭାରତର ଆତ୍ମା ସବୁ ଲୋକଙ୍କୁ ଶିଖିବା ଜରୁରୀ



ନୂଆଦିଲ୍ଲୀ, ୨୫/୦୪: ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ମୁଖ୍ୟ ମୋହନ ଭାଗବତ ଆଜି ସଂସ୍କୃତ ଶିଖିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ ଏହାକୁ ଭାରତର ଆତ୍ମା ଏବଂ ଦେଶର ସଭ୍ୟତା ନିରନ୍ତରତା ପାଇଁ ଏକ ଅତ୍ୟାବଶ୍ୟକୀୟ ଉପାଦାନ ଭାବରେ ବର୍ଣ୍ଣନା କରିଛନ୍ତି। ସେ ଦିଲ୍ଲୀରେ ସଂସ୍କୃତ ଭାରତୀର କେନ୍ଦ୍ରୀୟ କାର୍ଯ୍ୟାଳୟର ଉଦଘାଟନ ଉତ୍ସବରେ ଯୋଗଦେଇ ଏହା କହିଥିଲେ। ଏହି କାର୍ଯ୍ୟକ୍ରମରେ ସଂସ୍କୃତକୁ ଏକ ଆଧୁନିକ ଯୋଗାଯୋଗ ମାଧ୍ୟମ ଭାବରେ ବ୍ୟବହାର କରିବା ପାଇଁ ଚାଲିଥିବା ପ୍ରୟାସ ଉପରେ ଆଲୋକପାତ କରାଯାଇଥିଲା। ସମାବେଶକୁ ସମ୍ବୋଧିତ କରି ଭାଗବତ କହିଥିଲେ, "ସଂସ୍କୃତ କେବଳ ଏକ ଭାଷା ନୁହେଁ, ଭାରତରେ ସଂସ୍କୃତ ହେଉଛି ଜାତିର ଆତ୍ମା । କାରଣ ଏହା ଚିନ୍ତାଧାରା, ଜୀବନ ଏବଂ ସଂସ୍କୃତିର ସବୁଠାରୁ ପ୍ରାଚୀନ ପରମ୍ପରା। ଏକ ପରମ୍ପରା ଯାହା ଆଜି ମଧ୍ୟ ଜୀବିତ, ଯାହା ଭାରତରେ ବିଦ୍ୟମାନ। ଯେତେବେଳେ ମୋତେ ପିଲାବେଳେ ସ୍କୁଲରେ ସଂସ୍କୃତ ପଢ଼ାଯାଉଥିଲା। ଏହା କଷ୍ଟକର ମନେ ହେଉଥିଲା। ପାଠ୍ୟକ୍ରମରେ ଶ୍ଲୋକଗୁଡ଼ିକୁ ମନେ ରଖିବା ଆବଶ୍ୟକ ଥିଲା। ତଥାପି ଯେତେବେଳେ ମୁଁ ଘରେ ସ୍ୱାଭାବିକ ଭାବରେ କୁହାଯାଉଥିବା ସେହି ଶ୍ଲୋକଗୁଡ଼ିକୁ ଶୁଣିଲି। ସେଗୁଡ଼ିକ ମୋତେ କେବେ କଷ୍ଟକର ମନେ ହେଉନଥିଲା। ସେ ଆହୁରି ମଧ୍ୟ କହିଥିଲେ ଯେ ଏହି ସମସ୍ୟା ଆଜି ମଧ୍ୟ ରହିଛି। ଛାତ୍ରମାନେ ସଂସ୍କୃତକୁ ଏକ କଷ୍ଟକର ଭାଷା ବୋଲି ଭାବନ୍ତି। କିନ୍ତୁ ପ୍ରଶ୍ନ ହେଉଛି, ଏହା ଏତେ କଷ୍ଟକର କାହିଁକି ମନେହୁଏ? ପ୍ରକୃତରେ, ଭାଷା ଶିଖିବାର ସବୁଠାରୁ ସରଳ ଏବଂ ପ୍ରଭାବଶାଳୀ ଉପାୟ ପାଠ୍ୟପୁସ୍ତକ ମାଧ୍ୟମରେ ନୁହେଁ, ବରଂ କଥାବାର୍ତ୍ତା ମାଧ୍ୟମରେ।" ନିରନ୍ତର ଶୁଣିବା ଏବଂ କହିବା ଦ୍ୱାରା ଏକ ଭାଷାକୁ ସହଜରେ ଶିଖିହେବ। ତେଣୁ ଭାଷା ଶିଖିବାର ସର୍ବୋତ୍ତମ ଉପାୟ ହେଉଛି ସେହି ଲୋକଙ୍କ ପାଖରେ ରହିବା, ଯେଉଁମାନେ ଏହାକୁ କହୁଛନ୍ତି। ସେମାନଙ୍କ କଥା ଶୁଣନ୍ତୁ ଏବଂ ନିୟମିତ ଭାବରେ କୁହନ୍ତୁ।

## ଟିଏମ୍‌ସି-ବିଜେପି ସମର୍ଥକଙ୍କ ମଧ୍ୟରେ ସଂଘର୍ଷ, ୯ ଗିରଫ



କଲକାତା, ୨୫/୦୪: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ପାଇଁ ଆସନ୍ତା ୨୩ରେ ଭୋଟଗ୍ରହଣ କରାଯିବ। ଏଥିପାଇଁ ମଙ୍ଗଳବାର ସନ୍ଧ୍ୟାରୁ ପ୍ରଚାର କାର୍ଯ୍ୟ ଶେଷ ହୋଇଛି। ତେବେ ପ୍ରଚାର ଶେଷ ଦିନରେ ଏଠାରେ କ୍ଷମତାସୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ବିଜେପି ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିବା ଜଣାପଡିଛି। ପୋଲିସ ଏହି ଘଟଣାରେ ମୋଟ ୯ ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ବିଜେପିର ୫ ଓ ଟିଏମ୍‌ସିର ୪ ସମର୍ଥକ ସାମିଲ ଅଛନ୍ତି। ପୋଲିସ ସୂଚନା ମୁତାବକ ବିଜେପି ପ୍ରାର୍ଥୀ ରାକେଶ ସିଂହ ହୁସେନ ଶାହା ରୋଡରେ ଏକ ସଭାକୁ ସମ୍ବୋଧିତ କରୁଥିଲେ। ବିଜେପି କର୍ମୀମାନେ ରାକେଶଙ୍କ ସପକ୍ଷରେ ବିଭିନ୍ନ ସ୍ଲୋଗାନ ଦେବା ସହିତ ଟିଏମ୍‌ସି ବିରୋଧରେ ବିଷୋଦ୍‌ଗାର କରିଥିଲେ। ଫଳରେ ସେଠାରେ ଉପସ୍ଥିତ ଟିଏମ୍‌ସି ସମର୍ଥକମାନେ ଏହାର ତୀବ୍ର ବିରୋଧ କରିଥିଲେ। ସେମାନେ ମଧ୍ୟ ବିଜେପି ବିରୋଧରେ ଆପତ୍ତିଜନକ ସ୍ଲୋଗାନ ଦେଇଥିଲେ। ଉଭୟପକ୍ଷ ମଧ୍ୟରେ ଏହାକୁ ନେଇ ପ୍ରଥମେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କ ମଧ୍ୟରେ ଧସ୍ତାଧସ୍ତି ଓ ମାରପିଟ୍ ହୋଇଥିଲା। ପରସ୍ପର ବିରୋଧରେ ଫେରାଦ ହେବାକୁ ଉଭୟପକ୍ଷ ଇକ୍‌ବାଲପୁର ଥାନାରେ ପହଞ୍ଚିଥିଲେ। ଥାନା ସମ୍ମୁଖରେ ଦୁଇପକ୍ଷଙ୍କ ମଧ୍ୟରେ ପୁଣି ଗଣ୍ଡଗୋଳ ଘଟିଥିଲା। ପୋଲିସ ତୁରନ୍ତ ହସ୍ତକ୍ଷେପ କରିବାରୁ ସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା। ଥାନାରେ ତିନିଟି ପୃଥକ ଏତଲା ଦାଏର କରାଯାଇଛି। ସୂଚନାଯୋଗ୍ୟ ପଶ୍ଚିମବଙ୍ଗ ବିଧାନସଭାର ମୋଟ ୨୯୪ ଆସନ ପାଇଁ ଏପ୍ରିଲ ୨୩ ଓ ୨୯, ଦୁଇଟି ପର୍ଯ୍ୟାୟରେ ଭୋଟଗ୍ରହଣ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ୧୫୨ଟି ଆସନ ପାଇଁ ଭୋଟଗ୍ରହଣ କରାଯିବ। ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମ୍‌ସି ୨୦୧୧ରୁ ଏଠାରେ ଶାସନ କରୁଛି। ଟିଏମସିକୁ ଗାଦିଚ୍ୟୁତ କରିବାକୁ ଏଥର ବିଜେପି ପକ୍ଷରୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରାଯାଉଛି। କ୍ଷମତାକୁ ଆସିଲେ ରାଜ୍ୟରେ ୟୁସିସି ଲାଗୁ ଏବଂ ଅନୁପ୍ରବେଶକାରୀଙ୍କୁ ବିତାଡିତ କରିବାକୁ ବିଜେପି ମୁଖ୍ୟ ପ୍ରସଙ୍ଗଭାବେ ଉପସ୍ଥାପନ କରୁଛି। ଅପରପକ୍ଷରେ ବିଜେପି କ୍ଷମତାକୁ ଆସିଲେ ରାଜ୍ୟବାସୀ ଆମିଷ ଭକ୍ଷଣରୁ ବଞ୍ଚିତ ହେବେ ବୋଲି ମମତା ପ୍ରଚାର ଚଳାଇଛନ୍ତି। ନିର୍ବାଚନ ଅବ୍ୟବହିତ ପୂର୍ବରୁ ବିଜେପି ନିର୍ଦ୍ଦେଶରେ ଟିଏମ୍‌ସି ନେତା ଓ ପ୍ରାର୍ଥୀଙ୍କ ବାସଭବନରେ ଇଡି, ଆୟକର ବିଭାଗ ପକ୍ଷରୁ ଚଢଉ କରାଯାଉଛି ବୋଲି ମଧ୍ୟ ମମତା ଅଭିଯୋଗ କରିଛନ୍ତି।

## ଭିଡ଼ିଓ ଭାଇରାଲ ପରେ କ୍ଷମା ମାଗିଲେ ବିଜେପି ମନ୍ତ୍ରୀ



ମହାରାଷ୍ଟ୍ର, ୨୫/୦୪: ମହାରାଷ୍ଟ୍ରରେ ବିଜେପିର ଶୋଭାଯାତ୍ରାରେ ଟ୍ରାଫିକ୍ ଜାମ୍ ଦେଖି ଜଣେ ମହିଳା ରାଗିଯାଇ ଚିତ୍କାର କରି ଶୀଘ୍ର ରାସ୍ତା ସଫା କରିବା ଭିଡ଼ିଓ ଭାଇରାଲ ପରେ କ୍ଷମା ମାଗିଛନ୍ତି ବିଜେପି ମନ୍ତ୍ରୀ। ଶୋଭାଯାତ୍ରା କରୁଥିବା ମନ୍ତ୍ରୀ ଗିରିଶ ମହାଜନ ଗଣମାଧ୍ୟମରେ ଉତ୍ତର ରଖି ଭୂଲ ସ୍ୱୀକାର କରିବା ସହ କ୍ଷମା ମାଗିଛନ୍ତି। ମନ୍ତ୍ରୀ କହିଛନ୍ତି, ମହିଳା ଜଣକ ବହୁତ ରାଗି ଯାଇଥିଲେ। କଠୋର ଭାବରେ କଥା ହୋଇଥିଲେ। କେବଳ ଜଣେ ମହିଳା ନୁହନ୍ତି ଅନେକ ଲୋକ ବିରକ୍ତ ହୋଇଥିଲେ। ମୁଁ କହିଲି, ଦେଖନ୍ତୁ, ସବୁଠି ପ୍ରତିବାଦ ହେଉଛି। ଆପଣ ପୂର୍ବରୁ ବଡ଼ ବଡ଼ ପ୍ରଦର୍ଶନ ଦେଖିଥିବେ, ଏପରିକି ରାଜପଥ ମଧ୍ୟ ଅବରୋଧ ହୋଇଥିବ। ଯେତେବେଳେ ରାଲି ମୁମ୍ବାଇରେ ପହଞ୍ଚିବ, ଟ୍ରାଫିକ୍ ଜାମ୍ ହେବ। ଏହା ପ୍ରଥମ ଥର ନୁହେଁ। ସାରା ଦେଶରେ ବିରୋଧ ପ୍ରଦର୍ଶନ ହେଉଛି ବୋଲି ସେ ମହିଳାଙ୍କୁ କହିଥିବା କହିଛନ୍ତି। ଟ୍ରାଫିକ ସମସ୍ୟା ଥିବା ସ୍ୱୀକାର କହିଛନ୍ତି ଯେ, ଟ୍ରାଫିକ୍ ଜାମ୍ ଥିଲା। ମହିଳାଜଣକ ପୁଲିସ ପାଖକୁ ଯାଇଥିଲେ କିନ୍ତୁ ଅଣଦେଖା ଅନୁଭବ କରିଥିଲେ। ତେଣୁ ଅଧିକ ଆକ୍ରମଣାତ୍ମକ ହୋଇଗଲେ। ମୁଁ ବୁଝି ପାରୁଛି ଯେ, ଶୋଭାଯାତ୍ରା ପ୍ରାୟ ଏକ ଘଣ୍ଟା ବିଳମ୍ବରେ ହୋଇଥିଲା। ଯାହା ଲୋକଙ୍କୁ ଅସୁବିଧାରେ ପକାଇଥିଲା। କିନ୍ତୁ ସେଠାରେ ଯାଉଥିବା ଗାଡିକୁ ଯିବାକୁ କହିଥିଲୁ। ତଥାପି କେତେଜଣ ବୋତଲ ଫିଙ୍ଗିଥିଲେ ଯାହା ଭୁଲ ଥିଲା। ମୁଁ ତାଙ୍କୁ ଏବଂ ଅନ୍ୟମାନଙ୍କଠାରୁ କ୍ଷମା ମାଗିଥିଲି, କହିଥିଲି ଯେ ରାସ୍ତା ୧୦ ମିନିଟ୍ ମଧ୍ୟରେ ସଫା ହୋଇଯିବ। ଆମେ ତାଙ୍କୁ ଅଧିକ ପ୍ରତିକ୍ରିୟା କିମ୍ବା ଖରାପ ଭାଷା ବ୍ୟବହାର ନକରିବାକୁ କହିଥିଲୁ ବୋଲି ମନ୍ତ୍ରୀ କହିଛନ୍ତି। ଶେଷରେ ଘଟଣାରେ ଆଉଥରେ ଦୁଃଖ ପ୍ରକାଶକରି କ୍ଷମା ମାଗିବା ସହ ଆଗକୁ ଅଧିକ ସତର୍କ ରହିବାକୁ ମନ୍ତ୍ରୀ କହିଛନ୍ତି।

## ସୀମା ଉଲ୍ଲଂଘନ ହେଲେ ଭାରତ ତାହାର ନିର୍ଣ୍ଣାୟକ ଜବାବ ଦିଏ



ନୂଆଦିଲ୍ଲୀ, ୨୫/୦୪: ଆସନ୍ତାକାଲି ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରଥମ ବାର୍ଷିକୀ। ଏହାପୂର୍ବରୁ ଭାରତୀୟ ସେନା ଏକ କଡ଼ା ବାର୍ତ୍ତା ଜାରି କରିଛି। ସୋସିଆଲ ମିଡିଆରେ ଏକ ପୋଷ୍ଟରେ, ଭାରତୀୟ ସେନା ଏହି ଘୃଣ୍ୟ ଆକ୍ରମଣ ପରେ ଆରମ୍ଭ ହୋଇଥିବା ଅପରେସନ ସିନ୍ଦୂରକୁ ଉଲ୍ଲେଖ କରି ଲେଖିଛି, "ଭାରତ ଭୁଲେ ନାହିଁ; ସୀମା ଉଲ୍ଲଂଘନ ହେଲେ ଏହାର ନିର୍ଣ୍ଣାୟକ ଜବାବ ଦିଏ।" ଜମ୍ମୁ ଏବଂ କାଶ୍ମୀରର ସୁନ୍ଦର ସମତଳ ଭୂମିରେ ଅବସ୍ଥିତ ପହଲଗାମର ବୈସାରନ ଉପତ୍ୟକାରେ ଏହି ଆତଙ୍କବାଦୀ ଆକ୍ରମଣ ସମୟରେ, ଆତଙ୍କବାଦୀମାନେ ପର୍ଯ୍ୟଟକମାନଙ୍କୁ ସେମାନଙ୍କ ଧର୍ମ ବିଷୟରେ ପଚାରିବା ପରେ ସେମାନଙ୍କ ଉପରେ ଗୁଳି ଚଳାଇଥିଲେ। ଏହି ଆକ୍ରମଣର ଫଟୋ ଏବଂ ଭିଡିଓ ସମଗ୍ର ଦେଶକୁ ଥରାଇ ଦେଇଥିଲା। ଅନେକ ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଆତଙ୍କବାଦୀମାନେ କେବଳ ପୁରୁଷମାନଙ୍କୁ ଟାର୍ଗେଟ କରିଥିଲେ। ଏବଂ ସେମାନଙ୍କ ଧର୍ମ ପ୍ରକାଶ କରିବାକୁ ମନା କରିବା ପରେ ସେମାନଙ୍କୁ କଲମା ପାଠ କରିବାକୁ କହିଥିଲେ। ସେମାନଙ୍କୁ ନିର୍ମମ ଭାବରେ ହତ୍ୟା କରାଯାଇଥିଲା। ୨୨ ଏପ୍ରିଲରେ ପାକିସ୍ତାନରୁ ଅନୁପ୍ରବେଶକାରୀ ଆତଙ୍କବାଦୀମାନେ ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ଛୁଟି କାଟିବାକୁ ଆସିଥିବା ଭାରତୀୟ ନାଗରିକ ଏବଂ ପର୍ଯ୍ୟଟକଙ୍କ ଉପରେ ଆକ୍ରମଣ କରି ୨୬ ଜଣଙ୍କୁ ନିର୍ମମ ଭାବରେ ହତ୍ୟା କରିବା ପରେ ସିନ୍ଦୂର ଅପରେସନ୍ ଆରମ୍ଭ ହୋଇଥିଲା। ଏହି ବର୍ବର ଆତଙ୍କବାଦୀ ଆକ୍ରମଣ ଭାରତୀୟ ସେନାକୁ କାର୍ଯ୍ୟାନୁଷ୍ଠାନ ପାଇଁ ସବୁଜ ସଙ୍କେତ ଦେଇଥିଲା । ଏବଂ ୧୫ ଦିନ ପରେ ମେ ୭ ତାରିଖରେ ସେନା ଅପରେସନ୍ ସିନ୍ଦୂର ଆରମ୍ଭ କରିଥିଲା। ପାକିସ୍ତାନ ଏବଂ ପିଓକେରେ ଲୁଚି ରହିଥିବା ଆତଙ୍କବାଦୀ ଏବଂ ସେମାନଙ୍କ ଶିବିରଗୁଡ଼ିକୁ ନିପାତ କରିଥିଲା। ଏହା ପରେ ଭାରତର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନରେ ୧୪ଟି ପାକିସ୍ତାନୀ ସାମରିକ ଶିବିର ନଷ୍ଟ ହୋଇଯାଇଥିଲା। ଏଥିରେ ଚିନ୍ତିତ ହୋଇ, ପାକିସ୍ତାନ ମେ ୧୦ ତାରିଖରେ ଭାରତ ସହିତ ଯୁଦ୍ଧବିରତି ପ୍ରସ୍ତାବ ଦେଇଥିଲା। ଯାହା ଦୁଇ ଦେଶ ମଧ୍ୟରେ ପାରସ୍ପରିକ ଆଲୋଚନା ପରେ କାର୍ଯ୍ୟକାରୀ ହୋଇଥିଲା।

# ସମ୍ପାଦକୀୟ

## ବାକ୍ ସ୍ୱାଧୀନତା

ରାଜନୈତିକ କାରଣରୁ ସେନ୍ସର ବା କଟକଣା ପ୍ରସଙ୍ଗ ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ସେନ୍ସରଶିପ କହିଲେ ସାମାଜିକ ଭାବେ ଆପତ୍ତିଜନକ, ହାନିକାରକ, ସମ୍ବେଦନଶୀଳ, ଭୁଲ ପ୍ରମାଣିତ, ଦେଶବିରୋଧୀ ଭାଷଣ ବା ମୁଦ୍ରଣର ଦମନକୁ ବୁଝାଏ। ସେନ୍ସରଶିପ ମୁଖ୍ୟତଃ ରାଜନୀତିକ, ଧାର୍ମିକ ଅଶ୍ଳୀଳତା ବା ନୈତିକ ଏବଂ ବୌଦ୍ଧିକ ବିରୁଦ୍ଧ କଟକଣା ହୋଇଥାଏ । ସାଧାରଣତଃ ଭାଷଣ, କଳା, ପୁସ୍ତକ, ପତ୍ରପତ୍ରିକା, ଖବରକାଗଜ, ଲେଖା, ପ୍ରବନ୍ଧ, ଆଲେଖ୍ୟ, ସ୍ତମ୍ଭଲେଖା, ସିନେମା, ନାଟକ, ଛବି, ଦୂରଦର୍ଶନ କାର୍ଯ୍ୟକ୍ରମ, ବେତାର କାର୍ଯ୍ୟକ୍ରମ, ଇଣ୍ଟରନେଟ, ୱେବ୍‌ସାଇଟ ଇତ୍ୟାଦିକୁ ଉପରୋକ୍ତ କାରଣରୁ ସେନ୍‌ସର କରାଯାଇଥାଏ। ଯଦି କୌଣସି ନିର୍ଦ୍ଦିଷ୍ଟ ଜାତି ପ୍ରତି ଅପମାନଜନିତ ଲେଖା ବା ପ୍ରସାରଣ ହୁଏ ଏବଂ ଏହି ଲେଖା ଗୋଟିଏ ନିର୍ଦ୍ଦିଷ୍ଟ ଜାତିର ଜୀବନଶୈଳୀ ପାଇଁ ବିପଦ ସୃଷ୍ଟିକରେ ସେତେବେଳେ ମଧ୍ୟ ସେନ୍ସର କରାଯାଏ। ଯଦି କୌଣସି ପୁସ୍ତକ, ପତ୍ରପତ୍ରିକା, ସିନେମା, ଟିଭି କାର୍ଯ୍ୟକ୍ରମରେ ଈଶ୍ୱରଙ୍କୁ ନିନ୍ଦା କରି କିଛି କୁହାଯାଇଥାଏ ତେବେ ତାହାର ସେନ୍ସର ହୁଏ। ଯଦି ପୁସ୍ତକରେ ଯୌନ ଉଦ୍ଦୀପନା, ସ୍ଥିତି ବା ପ୍ରତ୍ୟୁକ୍ତି ଥାଏ ଏବଂ ସମାଜରେ ହିଂସା, ଦଙ୍ଗା, ସାଂପ୍ରଦାୟିକତା ସୃଷ୍ଟିଲାଗି କୌଣସି ପ୍ରକାର ଲେଖା ପ୍ରକାଶପାଏ ତେବେ ତାହାକୁ ସେନ୍ସର କରାଯାଏ। ଯଦି କୌଣସି ପୁସ୍ତକରେ ଯାଦୁବିଦ୍ୟା, ଯନ୍ତ୍ର-ମନ୍ତ୍ର, ଭୂତ, ପିଚାଶ, ଡାହାଣୀ ବିଦ୍ୟା ଇତ୍ୟାଦି ସମ୍ପର୍କରେ ଲେଖା ପ୍ରକାଶ ପାଇଥାଏ ତେବେ ତାହାକୁ ମଧ୍ୟ ବାସନ୍ଦ କରାଯାଇଥାଏ। ସଂଜୟ ଲୀଲା ଭଂସାଲୀଙ୍କ ସିନେମା 'ପଦ୍ମାବତୀ'ରେ ରାଣୀ ପଦ୍ମାବତୀ ଆଲାଉଦ୍ଦିନ ଖିଲିଜିଙ୍କ ସହିତ ରୋମାନ୍ସ କରିବା ଛବିକୁ କରଣୀ ସେନା ବିରୋଧ କରିଥିଲେ। ଐତିହାସିକ ଘଟଣାକୁ ବିକୃତ କରାଯାଇ ମହାରାଣୀମାନେ ସର୍ବସମ୍ମୁଖରେ ନାଚକରିବା ଦୃଶ୍ୟକୁ ବିରୋଧ କରାଯାଇଥିଲା। ଏହାପୂର୍ବରୁ ପିକେ ଚଳଚ୍ଚିତ୍ରରେ ହିନ୍ଦୁ ଦେବଦେବୀଙ୍କ ଉପରେ ଅଶାଳୀନ ଦୃଶ୍ୟ ବିବାଦ ସୃଷ୍ଟି କରିଥିଲା ।

୨୦୦୫ ସେପ୍ଟେମ୍ବର ୩୦ରେ ଡେନମାର୍କର ଖବରକାଗଜ 'ଜିଲାଣ୍ଡସ' ଇସ୍‌ଲାମ ଧର୍ମଗୁରୁ ମହମ୍ମଦଙ୍କ ଛବିକୁ ବ୍ୟଙ୍ଗକରି ପ୍ରକାଶ କରିବାରୁ ସମଗ୍ର ବିଶ୍ୱର ମୁସଲିମ ସମୁଦାୟ ଲେଖାକୁ ବାସନ୍ଦ କରିଥିଲେ ଏବଂ ଏସମ୍ପର୍କିତ ହିଂସାଯୋଗୁ ୨୦୦ରୁ ଅଧିକ ଲୋକଙ୍କ ପ୍ରାଣହାନି ଘଟିଥିଲା। ୨୦୧୨ରେ ହଲିଉଡ୍ ସିନେମା 'ମୁସଲମାନଙ୍କ ନିରୀହପଣ' ବିଶ୍ୱର ମୁସଲିମ ସମାଜରେ ଉତ୍ତେଜନା ସୃଷ୍ଟି କରିଥିଲା ଏବଂ ଫଳସ୍ୱରୂପ ପ୍ରତିବାଦଜନିତ ହିଂସାରେ ଅନେକ ଲୋକଙ୍କ ଜୀବନ ଯାଇଥିଲା। ଅନ୍ୟ ଏକ ଇସଲାମ ବିରୋଧୀ ସିନେମା ଟ୍ରେଲର ନାକୋଉଲା ବାସଲୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇ ୨୦୧୨ ଜୁଲାଇରେ ଏହାକୁ ୟୁ-ଟ୍ୟୁବରେ ଭରି ଦିଆଯାଇଥିଲା। ଏହି ସିନେମାରେ ମହମ୍ମଦଙ୍କ ବାସ୍ତବ ଜୀବନର ଟ୍ରେଲର ବୋଲି ଶିରୋନାମା ଦିଆଯାଇଥିଲା। ଏହାର ପ୍ରତିବାଦ ଇଜିପ୍ଟରୁ ଆରମ୍ଭ ହୋଇ ସମଗ୍ର ଇସଲାମ ରାଷ୍ଟ୍ରଙ୍କୁ ବ୍ୟାପିଥିଲା। ଏହି ସିନେମା ବିରୋଧରେ ଅନେକ ଫତୱା ଜାରି କରାଯାଇ ଥିଲା ଏବଂ ହିଂସା ଯୋଗୁ ୫୦ରୁ ଅଧିକ ଲୋକଙ୍କର ପ୍ରାଣହାନି ଘଟିଥିଲା। ଜେରୀ ସ୍ପ୍ରିଙ୍ଗର ଶୋ ଧାରାବାହିକରେ ବ୍ରିଟିଶ ସଂଗୀତ ରିଚାର୍ ଥୋମାସ ଏବଂ ଷ୍ଟିୱାର୍ଟ ଲି 'ଜେରୀ ସ୍ପ୍ରିଙ୍ଗର ଦି ଅପେରା' ନାମରେ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ। ଏଥିରେ ଖ୍ରୀଷ୍ଟଧର୍ମ ସମ୍ପର୍କରେ ଅଶ୍ଳୀଳତା ଏବଂ ବ୍ୟଙ୍ଗ ଛବିକୁ ପ୍ରକାଶ କରାଯାଇଥିବାରୁ ଏହା ବିରୋଧରେ ଅନେକ ଖ୍ରୀଷ୍ଟଧର୍ମୀ ଲୋକେ ଆପତ୍ତି କରିଥିଲେ। ୧୯୯୪ରେ ବାଲାଂଦେଶୀ ଲେଖିକା ତସଲିମା ନସରିନ 'ଲଜ୍ଜା' ପୁସ୍ତକ ରଚନା କରିବା ପରେ ସେଠାରୁ ତାଙ୍କୁ ପଳାୟନ ପାଇଁ ବାଧ କରାଯାଇଥିଲା। ସେଇ ପୁସ୍ତକରେ ସେ ଇସଲାମ ବିରୋଧୀ ଲେଖା ଲେଖିଥିବାରୁ ଇସଲାମଧର୍ମର ମୌଳବାଦୀମାନେ ତାଙ୍କୁ ଜୀବନରେ ମାରିଦେବା ପାଇଁ ଧମକ ଦେଇଥିଲେ। ତେଣୁ ସେ ୨୦୦୭ ପର୍ଯ୍ୟନ୍ତ ଭାରତର କଲିକତାରେ ରହିଥିଲେ। ସେ ତାଙ୍କର ଭାରତ ରହଣି ସମୟରେ ୨୦୦୫ରେ 'ଦ୍ୱିଖଣ୍ଡିତା' ପୁସ୍ତକ ରଚନା କରିଥିଲେ। ଏହି ପୁସ୍ତକ ସମ୍ପର୍କରେ ଭାରତରେ ଜନ ଅସନ୍ତୋଷ ଦେଖାଦେବା ପରେ ସରକାର ଏହି ପୁସ୍ତକ ବିରୋଧରେ ପ୍ରତିବନ୍ଧକ ଜାରି କରିଥିଲେ। ୧୯୮୮ରେ ସଲମାନ ରସିଦଙ୍କ ପୁସ୍ତକ ଦି ସଟାନିକରେ ଇସଲାମଧର୍ମ ସମ୍ପର୍କରେ ଆପତ୍ତିଜନକ ଲେଖା ପ୍ରକାଶ ପାଇଥିଲା। ୧୯୮୯ରେ ଇରାନର ରାଷ୍ଟ୍ରପତି ଆୟାତୋଲା ଖୋମିନି ଏହି ପୁସ୍ତକ ବିରୋଧରେ ଫତୱା ଜାରିକରିଥିଲେ ଏବଂ ସଲମାନଙ୍କୁ ହତ୍ୟା କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ। ତାଙ୍କର ଅନ୍ୟ ଏକ ପୁସ୍ତକ 'ମି ଚିଲ୍‌ଡ୍ରେନ'ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଆକ୍ଷେପ କରି କିଛି ଲେଖା ପ୍ରକାଶ ପାଇଥିଲା। ଇନ୍ଦିରା ଗାନ୍ଧୀଙ୍କ ଅବହେଳା ଯୋଗୁ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଥିଲା ବୋଲି ସଲମାନ ରସିଦ ଏହି ପୁସ୍ତକରେ ଲେଖିଥିଲେ। ଭାରତୀୟ ଚିତ୍ରକର ମକବୁଲ ଫିଦାହୁସେନ ମହାତ୍ମା ଗାନ୍ଧୀ, ମଦର ଟେରେସା, ରାମାୟଣ, ମହାଭାରତ, ବ୍ରିଟିଶରାଜକୁ ନେଇ ଅନେକ ବ୍ୟଙ୍ଗଚିତ୍ର ଆଙ୍କିଥିଲେ। ସରସ୍ୱତୀ, ଲକ୍ଷ୍ମୀ ଏବଂ ଭାରତମାତାଙ୍କ ନଗ୍ନଚିତ୍ର କରି ସେ ନିଜକୁ ବିବାଦମାନ କରିବାକୁ ଚାହିଁଥିଲେ। ଏହା ଭାରତୀୟ ହିନ୍ଦୁ ସମାଜକୁ ଆଘାତ ଦେଇଥିଲା। ୨୦୧୫ରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ସିଲାବସରେ ୨୪ ବର୍ଷଧରି ରହି ଆସିଥିବା ରାମାନୁଜନଙ୍କ ଲେଖା ଥ୍ରୀ ହଣ୍ଡ୍ରେଡ ରାମାୟଣ-ଫାଇଭ ଏକ୍‌ଜାମ୍ପଲସ ଆଣ୍ଡ ଥ୍ରୀ ଥଟ୍ସକୁ ବାଦ୍ ଦିଆଯାଇଥିଲା, ଯାହା ବିବାଦ ସୃଷ୍ଟି କରିଥିଲା।

ତେବେ ସେନ୍ସରଶିପ ଯୁକ୍ତିସଙ୍ଗତ କି ? ଏଥିରେ ଦ୍ୱିମତ ରହିଛି। ସେନ୍ସରଶିପ ଯୁକ୍ତିସଙ୍ଗତ ନୁହେଁ ବୋଲି ଯେଉଁମାନେ ମତ ଦିଅନ୍ତି ସେମାନଙ୍କ ମତରେ ସତ୍ୟକୁ ଏବଂ ନୂତନ ଚିନ୍ତାଧାରାକୁ ଦବାଇଦେବାର ଏହା ଏକ ପ୍ରଚେଷ୍ଟା। ବାକ୍ ସ୍ୱାଧୀନତାକୁ ନ୍ୟାୟସଙ୍ଗତ କରିବା ପାଇଁ ଏହାକୁ ନିରୁତ୍ସାହିତ କରାଯିବା ଅନୁଚିତ। କୌଣସି ପ୍ରକାଶନକୁ ବାସନ୍ଦ ବା ସେନ୍‌ସର କରିବା ପୂର୍ବରୁ ତା'ର ବିଷୟବସ୍ତୁକୁ ପରୀକ୍ଷା କରାଯିବା ଉଚିତ। କାରଣ ଏହାର ପ୍ରକାଶନ ପୂର୍ବରୁ ସେନ୍ସର କରାଯିବା ଅର୍ଥ ବାକ୍ ସ୍ୱାଧୀନତାରୁ ବଞ୍ଚିତ କରିବା। ସିଦ୍ଧାନ୍ତଗତ ଦୃଷ୍ଟିରୁ ସେନ୍ସରଶିପର ବିଚାର ଉଦାରବାଦୀ ବ୍ୟକ୍ତିବାଦୀ ଚିନ୍ତାଧାରା, ସ୍ୱତନ୍ତ୍ରତାର ବିରୁଦ୍ଧ। ତଥାପି ଚିନ୍ତାଧାରା ସମାଜ ପାଇଁ ବିପଦ, ମିଥ୍ୟା ଏବଂ ଯାହା ସରକାରଙ୍କ ଦ୍ୱାରା ସ୍ଥାପିତ ମାନଦଣ୍ଡ ଦ୍ୱାରା ପ୍ରସ୍ତୁତ କରାଯାଇନାହିଁ ତାହା ପ୍ରତିବନ୍ଧକ ଲାଗି ଯୁକ୍ତିଯୁକ୍ତ। ଏକ ବହୁଜାତି, ବହୁଧର୍ମୀ, ବହୁଳବାଦୀ ସାଂସ୍କୃତିକ ସମାଜରେ କାହାର ଚିନ୍ତାଧାରା ଅନ୍ୟ କାହାର ମାନସିକତାରେ ବାଧା ସୃଷ୍ଟି କରିବ, ତେବେ ତାହାକୁ ସେନ୍ସର କରାଯିବା ଉଚିତ । ଔଚିତ୍ୟ ପ୍ଲାଟୋଙ୍କ ପୁସ୍ତକ ରିପବ୍ଲିକରେ ଦେଖିବାକୁ ମିଳେ। ସମାଜର ଯେଉଁ ବ୍ୟକ୍ତି ସତ୍ୟ-ମିଥ୍ୟା, ଠିକ-ଭୁଲ୍ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବାରେ ସକ୍ଷମ ନୁହନ୍ତି ଏବଂ ଯାହାର ମସ୍ତିଷ୍କ ସମାଜକୁ ଭୁଲ୍ ବାଟରେ ପରିଚାଳିତ କରିବାପାଇଁ ଚେଷ୍ଟିତ ତାହାକୁ ସେନସର କରାଯିବା ଉଚିତ। ପଶ୍ଚିମ ଉଦାରବାଦୀ ଗଣତାନ୍ତ୍ରିକ ପରମ୍ପରା ଏହିଭଳି ମତକୁ ଗ୍ରହଣ କରେନାହିଁ। ତଥାପି ସମାଜର ଅଧିକତମ ସାମାଜିକ, ଧାର୍ମିକ, ସାଂସ୍କୃତିକ ସମୁଦାୟକୁ ଏହା ଯଥେଷ୍ଟ ବଳ ଦେଉଛି। ଯେଉଁ ଚିନ୍ତାଧାରା ସମାଜ ବିରୋଧୀ କାର୍ଯ୍ୟକଳାପକୁ ଜନ୍ମ ଦିଏ ତା' ଉପରେ ପ୍ରତିବନ୍ଧକ ଲଗାଯାଏ। ଆମେରିକୀୟ ବିଚାରପତି ବେଣ୍ଡେଲ ହୋମ୍ସଙ୍କ ମତରେ ପ୍ରତ୍ୟେକ ଚିନ୍ତା ଓ ବିଚାର ଅନ୍ୟକୁ ଉତ୍ତେଜିତ ଓ ପ୍ରବର୍ତ୍ତାଇ ଥାଏ। ସମାଜରେ ସମସ୍ତ ଚିନ୍ତାଧାରାର ଉନ୍ମୁକ୍ତ ଆଦାନ-ପ୍ରଦାନ ହେବା ଆବଶ୍ୟକ। ଯେତେବେଳେ ରାଷ୍ଟ୍ର, ସରକାର ବା ସମାଜ କୌଣସି ବିଚାର ଓ ଚିନ୍ତାଧାରାରେ ପ୍ରତିବନ୍ଧକ ଲଗାନ୍ତି, ସେତେବେଳେ ଗୋଟିଏ ଚିନ୍ତା ଉପରେ ପ୍ରତିବନ୍ଧକ ଲଗାଯାଇ ନ ଥାଏ, ବରଂ ସେଇ ଚିନ୍ତାଧାରାରୁ ଉତ୍ପନ୍ନ ହେବାକୁ ଥିବା ପରିଣାମ ଉପରେ ମଧ୍ୟ ପ୍ରତିବନ୍ଧକ ଲଗାଯାଇଥାଏ। ତେଣୁ ବ୍ୟକ୍ତିର ଖୋଲା ବିଚାର ଓ ଚିନ୍ତାର ଅଭିବ୍ୟକ୍ତି ଏବଂ ସମାଜ ଉପରେ ଏହାର ପ୍ରଭାବ ମଧ୍ୟରେ ଏକ ସମନ୍ୱୟ ଅଣାଯିବା ଉଚିତ। ଅଶ୍ଳୀଳ ସାହିତ୍ୟ ଇଣ୍ଟରନେଟ ଯୁଗରେ ବିକଟାଳ ସମସ୍ୟା ଧାରଣ କରିଛି। ନଗ୍ନଚିତ୍ରର ପ୍ରସାରଣ ବୃଦ୍ଧି ପାଇବାରେ ଲାଗିଛି। ଏଗୁଡ଼ିକ ବିରୋଧରେ ପ୍ରତିବନ୍ଧକ ସତ୍ତ୍ୱେ ସୋସିଆଲ ମିଡିଆରେ ବିରୋଧୀଙ୍କୁ ଟାର୍ଗେଟ କରି ନକଲି, ମାନହାନିକାରକ ଏବଂ ଅପମାନଜନକ ଭିଡିଓ, ଅଡିଓ, ଲେଖାର ପ୍ରସାର ଜାରି ରହିଛି।


ଉମାଶଙ୍କର ପ୍ରସାଦ

# ଓଡ଼ିଆ ଅସ୍ମିତାର ଅତୀତ-ବର୍ତ୍ତମାନ-ଭବିଷ୍ୟତ

ଓଡିଆ ଅସ୍ମିତା କହିଲେ ଓଡିଆ ଜାତିର ଅହଂଙ୍କାନ, ଗୋଟିଏ ମହାନ ଜାତିର ଅହଂ ସଚେତନତା। ଉତ୍କଳର ଏହି ପବିତ୍ର ମାଟିରେ କେତେ ବିଦେଶୀ ଆସିଛନ୍ତି, ଆସନ ଜମେଇ ବସିଛନ୍ତି, ଶୋଷଣ କରି ଉଡିଯାଇଛନ୍ତି, କେତେ ପୁଣି ଓଡିଆ ଅସ୍ମିତାକୁ ଆପଣେଇ ନେଇ ରହି ଯାଇଛନ୍ତି ଓଡିଆ ହୋଇ। ରକ୍ତ ସହିତ ରକ୍ତ ମିଶିଗଲା ପରି ସେମାନେ ଓଡିଆର ଭାଷା, ସାହିତ୍ୟ, ସଂସ୍କୃତି, କଳା ଓ ଧର୍ମଧାରା ସହିତ ଏକାତ୍ମ ହୋଇ ଯାଇଛନ୍ତି। ଓଡିଆ ଜାତିର ଅସ୍ମିତାର ଗୌରବ ଖ୍ରୀଷ୍ଟପୂର୍ବ କାଳରୁ ପ୍ରାୟ ଷୋଡଶ ଶତାବ୍ଦୀ ପର୍ଯ୍ୟନ୍ତ ରହିଥିଲା ଅକ୍ଷୁର୍ଣ୍ଣ। ଏହି ସମୟରେ କେତେ କେତେ ବିବର୍ତ୍ତନ ଦେଇ ଗଢି ଉଠିଥିଲା ଓଡିଆ ଭାଷା, ସାହିତ୍ୟ, ମନ୍ଦିର ,ଶିଳ୍ପ-କଳା, ନୌବାଣିଜ୍ୟ ଓ ପ୍ରଜାଭିମୁଖୀ ରାଜତନ୍ତ୍ର। ପୁନଶ୍ଚ ଓଡିଆ ଅସ୍‌ମିତାର ପ୍ରତିଷ୍ଠା ପାଇଁ ଗୋଟିଏ ଦୁର୍ଦ୍ଧର୍ଷ ପାଇକ ବାହିନୀ-ସାମରିକ ଶକ୍ତି ଗଢି ଉଠିଥିଲା, ଯାହା ଓଡିଶାକୁ ଓ ଓଡିଆ ଜାତିକୁ ସମଗ୍ର ଭାରତ ବର୍ଷରେ ଏକ ସ୍ୱତନ୍ତ୍ର ପରିଚୟ ଦେଇ ନିଆରା କରି ଚିହ୍ନାଇ ଦେଇଥିଲା। ଓଡିଆ ଅସ୍ମିତାର ଅତୀତ ଥିଲା ପ୍ରକୃତରେ ଗୌରବମୟ। ତାହା ବର୍ତ୍ତମାନ ପରି ଗୋଲାମୀତ୍ୱର ନିଦର୍ଶନ ନଥିଲା; ଥିଲା ସ୍ୱାଭିମାନ ଓ ସ୍ୱାଧିକାରବୋଧର ନିଦର୍ଶନ। ଯଦି ଆମେ ଟିକେ ଦୂରକୁ ଦୃଷ୍ଟିପାତ କରିବା ତେବେ ଆମେ ପାଇବା ଓଡିଶା ବୋଲି ଗୋଟିଏ ରାଷ୍ଟ୍ର ନଥିଲା, ଓଡିଆ ଭାଷା ନଥିଲା ଜଗନ୍ନାଥ ଓ ଜଗନ୍ନାଥ ସଂସ୍କୃତି ନଥିଲା, ଥିଲା କଳିଙ୍ଗ ଓ ଉତ୍କଳ। ଥିଲା କଙ୍ଗୋଦ ଓ କୋଶଳ। ଉଡ୍ର ଥିଲା ମାତ୍ର ତାର ଅସ୍ତିତ୍ୱ ଏତେ ସ୍ପଷ୍ଟ ନଥିଲା। ଯେତେବେଳେ କଳିଙ୍ଗର ଗୌରବ ଥିଲା ସେତେବେଳେ ମଗଧ ସମ୍ରାଟ ଅଶୋକ ବିପୁଳ ସେନାବାହିନୀ ଧରି କଳିଙ୍ଗ ଆକ୍ରମଣ କଲେ, କଳିଙ୍ଗ ଧ୍ୱସ୍ତ ବିଧ୍ୱସ୍ତ କଲେ, ରକ୍ତ ନଦୀ ପ୍ରବାହିତ କଲେ। କଳିଙ୍ଗ ପରାଜିତ ହେଲା ମାତ୍ର ହରାଇ ନଥିଲା ନିଜର ଅସ୍ମିତା। ପରାଜୟ ସ୍ୱୀକାର କଲା ନାହିଁ କିନ୍ତୁ ପରିବର୍ତ୍ତନ କରିଥିଲା ଦିଗ୍ ବିଜୟୀ ଅଶୋକଙ୍କ ହୃଦୟକୁ। ବୌଦ୍ଧଧର୍ମ ଗ୍ରହଣ କରି 'ଚଣ୍ଡାଶୋକରୁ ହେଲେ ଧର୍ମାଶୋକ'। ଧଉଳି ପାହାଡ ଉପରେ ପ୍ରତିଷ୍ଠା କଲେ ସ୍ତୂପ, ଖୋଦନ କଲେ ଐତିହାସିକ ଶିଳା ଲେଖ। ମନେ ହୁଏ ଅଶୋକଙ୍କ ଏହି କୀର୍ତ୍ତି ତାଙ୍କର ନୁହେଁ ଓଡିଆ ଜାତିର ଅସ୍ମିତାର ବିଜୟ ସ୍ତମ୍ଭ। କଳିଙ୍ଗ ର ଅସ୍ମିତା ବା ଓଡିଆ ଅସ୍ମିତା ମରିଗଲା ନାହିଁ। ଏହାର ଗୋଟିଏ ବର୍ଷ ପରେ ବିକଶି ଉଠିଥିଲା ଖାରବେଳଙ୍କ ସମୟ ଏବଂ ଖାରବେଳ ହୋଇଯାଇଥିଲେ ଓଡିଆ ଅସ୍ମିତାର ମହାଦୀପ। ଓଡିଆ ଅସ୍ମିତା ସତ୍ୟ ସାନ୍ତି ଦୟା କ୍ଷମା ତ୍ୟାଗ ଓ ତିତିକ୍ଷାର ଅସ୍ମିତା। ଖାରବେଳେ ହେଲେ ଏହାର ଜୀବନ୍ତ ପ୍ରତିଭୂ। ଯଦିଓ ସେ ରାଜା ମାତ୍ର ତାଙ୍କୁ ସିଂହାସନ ମୋହଗ୍ରସ୍ତ କରି ନାହିଁ। ଭୋଗ ବିଳାସ ତାଙ୍କୁ ଆକର୍ଷଣ କରିପାରଲା ନାହିଁ। ସେ ଜୈନ ମାତ୍ର କୌଣସି ଧର୍ମ ପ୍ରତି ସେ ଅସହିଷ୍ଣୁ ନଥିଲେ। ପ୍ରକୃତରେ ସେ ଥିଲେ 'ଧର୍ମନିରପେକ୍ଷ'। ରାଜା ବା ଶାସକ ଯେଉଁଠି ମୋହଗ୍ରସ୍ତ ହୁଏ, ଭୋଗୀ ହୁଏ, ସ୍ୱେଚ୍ଛାଚାରୀ ହୁଏ, ବିମୁଢ ଅହଂକାରୀ ହୁଏ ସେଠି ସେ ରାଷ୍ଟ୍ର ବା ଜାତିକୁ ଗୌଣ ମନେକରେ ଜାତିର ଅସ୍ମିତାକୁ ଅବଜ୍ଞା କରେ। ଯାହା ଆଜି ଆମର ନେତୃବର୍ଗଙ୍କ ପାଖରେ ଦେଖିବାକୁ ମିଳୁଛି। ଆଜିର ନବନିର୍ବାଚିତ ବିଧାୟକ କେଇଟା ଦିନରେ ଅମାପ ପ୍ରାଚୂର୍ଯ୍ୟର ଅଧିକାରୀ ହେବା ସଙ୍ଗେ ସଙ୍ଗେ ଧରାକୁ ସରା ମଣନ୍ତି ନାହିଁ। ଯେଉଁଠି ଅହଂ, ମୋହ, ଲୋଭ ଓ ସତା ଲାଭର ଲାଳସା ନଥାଏ ସେଠାରେ ଜାତିର ଅସ୍ମିତା ପ୍ରତି ସମ୍ମାନ ପ୍ରକାଶ ପାଇଥାଏ। ମାତ୍ର ୧୪ ବର୍ଷର



ଶାସନ ଅବଧିରେ ସେ କୃଷିର ଉନ୍ନତି ପାଇଁ ଜଳସେଚନ ବ୍ୟବସ୍ଥା, ରାଷ୍ଟ୍ରର ସୁରକ୍ଷା ପାଇଁବିପୁଳ ସେନାବାହିନୀ ଗଠନ, କଳା-ସଂସ୍କୃତିର ବିକାଶ ଇତ୍ୟାଦି କାର୍ଯ୍ୟ ସହିତ ସାରା ଭାରତ ବର୍ଷରେ ବିଜୟ ବାନା ଉଡାଇ ଥିଲେ। ତାଙ୍କ ଚରିତ୍ରର ବୈଶିଷ୍ଟ୍ୟ, ଉଦାର ମାନବିକତା, ଜାତୀୟ ସଂହତି ପ୍ରତିଷ୍ଠା ଏବଂ ତାଙ୍କରିଠାରୁ ଯେଉଁ ଓଡିଆ ଅସ୍ମିତାର ଉନ୍ମେଷ ଘଟିଲା ତାହାହିଁ ବହୁକାଳ ପର୍ଯ୍ୟନ୍ତ ଓଡିଆ ଜାତିକୁ ଆଗେଇ ନେଇଥିଲା। ପ୍ରତିଷ୍ଠା ଲାଭ କରିଥିଲା ତାର ଭାଷା ଓ ସାହିତ୍ୟ, ଜଗନ୍ନାଥ ଧର୍ମ ଓ ସଂସ୍କୃତି, ଶିଳ୍ପ-କଳା ଓ ସ୍ଥାପତ୍ୟ। ଏ ପର୍ଯ୍ୟନ୍ତ ଯେଉଁ ଦୁଇଟି ମୁଖ୍ୟ ଜୀବିକା ଓଡିଆ ଅସ୍ମିତାର ଯଶ ଓ କୀର୍ତ୍ତି ସ୍ଥାପନ କରିଥିଲା ତାହା ହେଲା କୃଷି ଓ ନୌବାଣିଜ୍ୟ। ଯାହାର ଆଜି ବିପର୍ଯ୍ୟୟ ଘଟିବାରେ ଲାଗିଛି। ଖାରବେଳଙ୍କ 'କଳିଙ୍ଗ' ଯେପରି ସମଗ୍ର ଭାରତ ବର୍ଷରେ ପ୍ରତିଷ୍ଠା ଅର୍ଜନ କରିଥିଲା ସେହିପରି 'କପିଳେନ୍ଦ୍ର' ଙ୍କ 'ଓଡିଶା' ଗୌରବ ଅର୍ଜନ କଲା ଭାରତ ବର୍ଷରେ। ଏହାର କାରଣ ଥିଲା ରାଜନୀତିକ ଅଙ୍ଗୀକାରବଦ୍ଧତା, ପ୍ରଶାସନିକ ଶୃଙ୍ଖଳା, ବିଭିନ୍ନ ଜାତି ଭିତରେ ସାମାଜିକ ସହାବସ୍ଥାନ, ଦୃଢ ସାମରିକ ଶକ୍ତି, ପାଇକ ବାହିନୀର ଦେଶ ପ୍ରତି ଅନୁରକ୍ତି, ନୌବାଣିଜ୍ୟର ପ୍ରସାର ଓ ଆର୍ଥନୀତିକ ସ୍ୱଚ୍ଛଳତା, କୃଷି ପ୍ରତି ଜନଗଣଙ୍କ ର ଅନୁରାଗ। ଜୈନ ଓ ବୌଦ୍ଧ ଧର୍ମକୁ କେନ୍ଦ୍ର କରି ଓଡିଆ ଅସ୍ମିତାର ଯେଉଁ ବିକାଶ ସାଧିତ ହୋଇଥିଲା ତାହା ଶୈବ, ଶାକ୍ତ,ବୈଷ୍ଣବ, ସୌର, ଗାଣପତ୍ୟ ଆଦି ଧର୍ମର ଆଘାତରେ ଭାଙ୍ଗି ପଡିବା ସମୟରେ ଶ୍ରୀ ଜଗନ୍ନାଥ ଓ ଶ୍ରୀକ୍ଷେତ୍ରଙ୍କ ଆବିର୍ଭାବ ସେହି ଅସ୍ମିତାକୁ ଦୃଢ କରିଦେଲା ଓ କୋଟି ଓଡିଆର ମଉଡମଣି ଜଗନ୍ନାଥ ହୋଇଗଲେ ଓଡିଆ ଅସ୍ମିତାର ଏକମାତ୍ର ନିୟନ୍ତ୍ରକ ଓ ପୃଷ୍ଠପୋଷକ। ଜଗନ୍ନାଥ ହୋଇଗଲେ ମାନବ-ମୈତ୍ରୀର ପ୍ରତୀକ ଓ ସର୍ବଧର୍ମ ସମନ୍ୱୟର ନିଦର୍ଶନ। ଜଗନ୍ନାଥଙ୍କ ଓଡିଆ ଜାତି ବାନ୍ଧି ହୋଇଥିଲା ଗୋଟିଏ ଭାବ ରଜୁରେ।

୧୫୬୮ ମସିହା ପରଠାରୁ ଆଫଗାନ ମୁସଲମାନ, ମୋଗଲ, ମରହଟ୍ଟା ଓ ଇଂରେଜ-ବଣିକ ଶାସନ ପର୍ଯ୍ୟନ୍ତ ଓଡିଶା ବିପର୍ଯ୍ୟସ୍ତ ହୋଇଗଲା। ଓଡିଆ ଅସ୍ମିତାକୁ ବିଲୋପ କରିବା ପାଇଁ ଦେହ-ବଳ ଓ ବୁଦ୍ଧି-ବଳ ପ୍ରୟୋଗ କରାଗଲା। ସୁବିଧାବାଦୀ ଓ ଉପଭୋଗୀମାନେ ସେହି ବିଦେଶୀ ଶକ୍ତି ନିକଟରେ ନତଜାନୁ ହୋଇଗଲେ ଓ ସେମାନେ ବି ପାଲଟି ଗଲେ ଶୋଷକ। ଏହିପରି ଏକ ପରିସ୍ଥିତିରେ ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ବେଳକୁ ଇଂରାଜୀ ଶିକ୍ଷା ସଂସ୍ରବରେ ଯେଉଁ ନୂତନ ଶିକ୍ଷିତ ଗୋଷ୍ଠୀର ଆବିର୍ଭାବ ଘଟିଲା ସେମାନଙ୍କ ମଧ୍ୟରୁ ଅଳ୍ପ କେତେଜଣଙ୍କ ଭିତରେ ଜାତି-ପ୍ରୀତି ଓ ଭାଷା-ପ୍ରୀତି ସୃଷ୍ଟି ହେଲା। ସେମାନଙ୍କ ଭିତର ଦେଇ ଅତୀତର ଓଡିଆ ଅସ୍ମିତା ହେଲା ନବଜାଗରିତ। ସେତେବେଳର ଓଡିଶା ଆଉ ନାହିଁ, ପ୍ରତିବେଶୀ ରାଜ୍ୟ ସହିତ ଖଣ୍ଡ ଖଣ୍ଡ ହୋଇ ମିଶିଯାଇଛି। ଲୋକଙ୍କ ଭିତରେ ଜୀବନ ନାହିଁ। କୁଳବୃଦ୍ଧ ମଧୁସୂଦନଙ୍କ ଭାଷାରେ କେବଳ 'କ୍ଷରବକ୍ତ୍ରସ୍ୱ କ୍ଷୁଲ ଭକ୍ଷଭରସ୍ୱ'- ହାଡ ଆଉ ହାଡ। ପୁଣି ଅସ୍ମିତାର ଯାହା ମୁଖ୍ୟ ସ୍ପନ୍ଦନ ସେହି ଭାଷାକୁ ବିଲୋପ କରିଦେବାର ଚକ୍ରାନ୍ତ। ଏହି ସମୟରେ ନଅଙ୍କ ଦୁର୍ଭିକ୍ଷ (୧୮୬୬) ଓଡିଆ ଜାତିକୁ ସଂପୂର୍ଣ୍ଣ ମୂକ କରି ଦେଇଥାଏ। ଏହି ଭଳି ଏକ ଘଡି ସନ୍ଧି ସମୟରେ କର୍ମଯୋଗୀ ଗୌରୀ ଶଙ୍କର ଓ ତାଙ୍କ ସମ୍ପାଦିତ 'ଉତ୍କଳଦୀପିକା' ଥିଲା ଓଡିଆ ଅସ୍ମିତାର ଆଦ୍ୟ ପାଂଚଜନ୍ୟ। ଫକୀର ମୋହନ, ରାଧାନାଥ, ପ୍ୟାରୀମୋହନ, ଗୋବିନ୍ଦ ରଥ, ନୀଳମଣି ବିଦ୍ୟାରତ୍ନ ପ୍ରମୁଖଙ୍କ ସହିତ ଶତାବ୍ଦୀର ଆରମ୍ଭ ବେଳକୁ ଆବିର୍ଭୂତ ହେଲେ 'ମଧୁସୂଦନ ଦାସ'। ତାଙ୍କ ପ୍ରତିଷ୍ଠିତ "ଉତ୍କଳ-ସମ୍ମିଳନୀ" ହେଲା ଓଡିଆ ଜାତୀୟତା ଓ ଅସ୍ମିତାର ଶଙ୍ଖଧ୍ୱନୀ। ସକଳ ବିରୋଧ ଓ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ମଧୁସୂଦନଙ୍କ ସ୍ୱପ୍ନର ଓଡିଶା ୧୯୩୬ ମସିହା ଏପ୍ରିଲ ପହିଲା ଦିନ ସାକାର ହେଲା। ନୂତନ ଓଡିଶାର ହେଲା ଜନ୍ମ। ସ୍ୱାଧୀନତା ପରେ ଛବିଶ ଗଡଜାତ (୧୯୪୮) ଓ ମୟୁରଭଞ୍ଜ (୧୯୪୯) ଓଡିସା ସହିତ ମିଶି ବୃହତ୍ତର ପ୍ରଦେଶ ଗଠିତ ହେଲା। ଦୀର୍ଘ ୪୦୦ ବର୍ଷ ପରେ ଆମେ ଫେରି ପାଇଲୁ ଆମର ହୃତ ଗୌରବ। ଏବେ ସ୍ୱାଧୀନତାର ୭୯ ବର୍ଷ ପରେ ଆଜିବି ମନରେ ପ୍ରଶ୍ନ ଉଙ୍କି ମାରୁଛି ଆମର 'ଅସ୍ମିତା' ଅଛିକି ? ଯାହାକୁ ନେଇ ଅସ୍ମିତାର ଉନ୍ମେଷ, ବିକାଶ ଓ ପ୍ରସାର ସେହି ଭାଷାର ଆଜି ଅବସ୍ଥା କ'ଣ? ଜାତିର ପ୍ରତୀକମାନେ ଏ ବିଷୟରେ କିଛି ଚିନ୍ତା କରନ୍ତି କି ? ନା ନିଜ ନିଜର ସତ୍ତାକୁ ଦୃଢ ରଖିବା ପାଇଁ ନିଜକୁ ପଣ୍ୟ ଦ୍ରବ୍ୟ ପରି ବିକ୍ରି ହୋଇଯିବା ସହ ଭୋଟରଙ୍କୁ ଭେଳିକି ଲଗାଇ ଭୋଟ ନିଅନ୍ତି। ଏ ସବୁ ସତ୍ତ୍ୱେ ଆଜିବି ଓଡିଆ ଅସ୍ମିତା ବଂଚିଛି । ନିଜ ମା, ମାତୃଭୂମି, ମାଟି, ସଂସ୍କୃତିକୁ ବଂଚାଇବା କ'ଣ ଆମର କର୍ତ୍ତବ୍ୟ ନୁହେଁକି ?

ସଂପାଦକ ମାର୍ଗଦର୍ଶୀ, ଖୋର୍ଦ୍ଧା
( ୬୩୭୦୬ ୭୫୫୬୨)


ସିତାଂଶୁ ଶେଖର ମିଶ୍ର

# ମହିଳା ସଂରକ୍ଷଣ : ରାଜନୀତି ନା ପ୍ରତିବଦ୍ଧତା ?

ଭାରତର ଗଣତନ୍ତ୍ରୀୟ ଯାତ୍ରାରେ ନାରୀଙ୍କ ସମାନ ଅଂଶଗ୍ରହଣ ଏକ ଦୀର୍ଘଦିନର ଆକାଂକ୍ଷା। ୨୦୨୩ରେ ପାସ୍ ହୋଇଥିବା ମହିଳା ସଂରକ୍ଷଣ ବିଲ୍ ୨୦୨୩ ଏହି ଆକାଂକ୍ଷାକୁ ଆଇନ ରୂପ ଦେଇଥିଲା। ଲୋକସଭା ଓ ରାଜ୍ୟ ବିଧାନସଭାରେ ୩୩% ଆସନ ମହିଳାଙ୍କ ପାଇଁ ସଂରକ୍ଷିତ କରିବାର ଏହି ପଦକ୍ଷେପକୁ ଐତିହାସିକ ବୋଲି କୁହାଯାଇଥିଲା ।କିନ୍ତୁ ତିନି ବର୍ଷ ପରେ ମଧ୍ୟ ଏହାର ବ୍ୟବହାରିକ କାର୍ଯ୍ୟାନ୍ୱୟନ ନେଇ ଯେଉଁ ଅସ୍ପଷ୍ଟତା ରହିଛି, ସେଥିପାଇଁ ଆଜି ଏହା ରାଜନୈତିକ ତର୍କର କେନ୍ଦ୍ରବିନ୍ଦୁ ହୋଇପଡ଼ିଛି। ସମ୍ପ୍ରତି ହୋଇଥିବା ସ୍ୱତନ୍ତ୍ର ସଂସଦୀୟ ଅଧିବେଶନରେ ଏହାକୁ ୨୦୨୯ ନିର୍ବାଚନ ପୂର୍ବରୁ କାର୍ଯ୍ୟକାରୀ କରିବା ନେଇ ଚର୍ଚ୍ଚା ହୋଇଥିଲା।

କିନ୍ତୁ ସରକାରଙ୍କ ଆଣିଥିବା ତିନିଗୋଟି ବିଲ୍ ଏପ୍ରିଲ ୧୭ ତାରିଖରେ ଲୋକସଭାରେ ପାରିତ କରିବାରେ ସରକାର ବିଫଳ ହୋଇଛନ୍ତି। ଏହାକୁ ନେଇ ଦୁଇଦିନ ଧରି ବ୍ୟାପକ ତର୍କ ହୋଇଥିଲେ ମଧ୍ୟ ସରକାରଙ୍କ ବର୍ତ୍ତମାନର ଆଣିଥିବା ବିଲ୍‌କୁ ରାଜନୈତିକ ଉଦ୍ଦେଶ୍ୟ ରହିଥିବା ମନେକରି ଏହାକୁ ସମର୍ଥନ କରିନଥିବା ବିରୋଧୀ ଦଳ ଅଭିଯୋଗ ବାଢ଼ିଛନ୍ତି। ଏଣୁ ୧୭ ଏପ୍ରିଲ ୨୦୨୬ରେ ଲୋକସଭାରେ ଘଟିଥିବା ଭୋଟିଂ ଘଟଣା ପରେ ଏହି ବିତର୍କ ଆହୁରି ତୀବ୍ର ହୋଇଛି। ବିଜେପି ଅଭିଯୋଗ କରୁଛି ଯେ ବିରୋଧୀ ଦଳମାନେ ସୀମା ନିର୍ଦ୍ଧାରଣକୁ ବିରୋଧ କରି ମହିଳା ସଂରକ୍ଷଣକୁ ବାଧା ଦେଉଛନ୍ତି। ତେବେ ବିରୋଧୀଙ୍କ ମତ ଅନ୍ୟ ରକମ, ସେମାନେ ବିଲ୍‌କୁ ସମର୍ଥନ କରିଥିଲେ, କିନ୍ତୁ ତାହାର କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ସୀମା ନିର୍ଦ୍ଧାରଣକୁ ଆବଶ୍ୟକ ସର୍ତ୍ତ ଭାବେ ଜଡ଼ିତ କରିବାର କଥାକୁ ପ୍ରଶ୍ନ କରୁଛନ୍ତି।

ଏଠାରେ ମୂଳ ତଥ୍ୟକୁ ସ୍ପଷ୍ଟ କରିବା ଦରକାର। ମହିଳା ସଂରକ୍ଷଣ ଆଇନ ପାସ୍ ହୋଇଥିବା ସତ୍ତ୍ୱେ ଏହା 'ତୁରନ୍ତ ଲାଗୁ' ହେବା ଭଳି ବ୍ୟବସ୍ଥା ନାହିଁ। ଆଇନ୍ ଅନୁଯାୟୀ, ପ୍ରଥମେ ଜନଗଣନା ହେବା ଓ ତାପରେ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଶେଷ ହେବା ଆବଶ୍ୟକ। ଏହି ଦୁଇଟି ପଦକ୍ଷେପ ଛଡ଼ା ୫୪୩ ଆସନରେ ସରଳ ଭାବେ ୩୩% ସଂରକ୍ଷଣ ଲାଗୁ କରିବା ସାମ୍ବିଧାନିକ ଭାବେ ସମ୍ଭବ ନୁହେଁ—ଏହା ସରକାରଙ୍କ ପକ୍ଷରୁ ଦିଆଯାଉଥିବା ମୁଖ୍ୟଯୁକ୍ତି। କିନ୍ତୁ ବିରୋଧୀ ଦଳମାନଙ୍କ ଆଶଙ୍କାକୁ ମଧ୍ୟ ଅଣଦେଖା କରାଯାଇପାରେ ନାହିଁ। ସେମାନେ ପ୍ରଶ୍ନ କରୁଛନ୍ତି ଜନଗଣନା ଓ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା କେବେ ଶେଷ ହେବ? ଏହା ପାଇଁ ସରକାର ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସମୟସୀମା ଘୋଷଣା ହୋଇନାହିଁ। ଏହି ଅନିଶ୍ଚିତତା ମଧ୍ୟରେ 'ତୁରନ୍ତ ସଂରକ୍ଷଣ' ଦାବିକୁ ବିରୋଧୀମାନେ ରାଜନୈତିକ ଚାପ ସୃଷ୍ଟିର ଉପାୟ ଭାବେ ଦେଖୁଛନ୍ତି। ଅନ୍ୟପଟେ, ବିରୋଧୀ ଦଳମାନେ କହୁଛନ୍ତି ଯେ ୨୦୧୧ର ଜନଗଣନା ଆଧାରରେ ଏପରି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବା ଯୁକ୍ତିସଙ୍ଗତ ନୁହେଁ। ଯଦି ସଂରକ୍ଷଣକୁ ଲାଗୁ କରିବାକୁ ହୁଏ, ତେବେ ବର୍ତ୍ତମାନର ୫୪୩ଟି ଆସନ ମଧ୍ୟରେ ଏହାକୁ କାର୍ଯ୍ୟକରୀ କରାଯାଇପାରେ। ଯଦି ସେଥିରେ ଅସମ୍ଭବ ହେଉଛି, ତେବେ ଚାଲୁଥିବା ନୂତନ ଜନଗଣନା ତଥ୍ୟ ଆଧାରରେ ଏହାକୁ କାର୍ଯ୍ୟକରୀ କରିବା ଅଧିକ ଯୁକ୍ତିସଙ୍ଗତ ହେବ।

ସେହିପରି, ଏହି ସମଗ୍ର ପ୍ରକ୍ରିୟାକୁ ଶୀଘ୍ର ସମାପ୍ତ କରିବା ଓ ସ୍ପଷ୍ଟ ସମୟସୀମା ଘୋଷଣା କରିବା ଉପରେ ସରକାର ଗୁରୁତ୍ୱ ଦେବା ଆବଶ୍ୟକ। ଏହି ଆଲୋଚନାରେ ଆଉ ଗୋଟିଏ ଭ୍ରମ ସୃଷ୍ଟି ହେଉଛି ଗତକାଲି 'ବିଲ୍ ଫେଲ୍ ହେଲା' ବୋଲି ଯାହା ପ୍ରଚାର ହେଉଛି। ବାସ୍ତବରେ, ମୂଳ ମହିଳା ସଂରକ୍ଷଣ ବିଲ୍ ୨୦୨୩ରେ ଦୁଇ ସଦନରେ ପାସ୍ ହୋଇ ଆଇନ୍ ହୋଇସାରିଛି। ତେଣୁ ୨୦୨୬ରେ ଯାହା ନେଇ ଭୋଟିଂ ହେଲା, ସେହିଟି ଆଇନର କାର୍ଯ୍ୟାନ୍ୱୟନ ସହ ସମ୍ପର୍କିତ ପ୍ରକ୍ରିୟା କିମ୍ବା ରାଜନୈତିକ ପ୍ରସ୍ତାବ—ଏହାକୁ ଏକ ସଙ୍ଗେ ମିଶାଇ ଦେଖାଯାଉଥିବାରୁ ଜନସାଧାରଣ ମଧ୍ୟରେ ଅସ୍ପଷ୍ଟତା ବଢୁଛି।

ଏହାକୁ ନେଇ ଭାରତୀୟ ଜନତା ପାର୍ଟି ଦେଶବ୍ୟାପୀ ପ୍ରତିବାଦ ଘୋଷଣା କରି ବିରୋଧୀଙ୍କୁ ନାରୀ ବିରୋଧୀ ଭାବେ ଚିତ୍ରିତ କରୁଛି। ଅନ୍ୟପଟେ, ବିରୋଧୀ ଦଳମାନେ ସରକାରଙ୍କୁ "ଇଚ୍ଛାପୂର୍ବକ ବିଳମ୍ବ" ଅଭିଯୋଗ କରି ଏହାକୁ ରାଜନୈତିକ ଲାଭର ହତିଆର ବୋଲି କହୁଛନ୍ତି। ଏହି ଆରୋପ-ପ୍ରତ୍ୟାରୋପ ମଧ୍ୟରେ ମୂଳ ବିଷୟ—ନାରୀଙ୍କ ପ୍ରତିନିଧିତ୍ୱ—ପଛକୁ ଚାଲିଯାଉଛି। ଏଣୁ ଯାହା ମନେହୁଏ ଏଠାରେ ତିନୋଟି ପ୍ରମୁଖ ମୁଦ୍ଦା ଉଠିଥାଏ। ପ୍ରଥମତଃ, ସରକାର ତୁରନ୍ତ ଜନଗଣନା ଓ ସୀମା ନିର୍ଦ୍ଧାରଣ ପାଇଁ ସ୍ପଷ୍ଟ ରୋଡମ୍ୟାପ ଘୋଷଣା କରିବା ଆବଶ୍ୟକ। ଦ୍ୱିତୀୟତଃ, ବିରୋଧୀ ଦଳମାନେ ମାତ୍ର ଆପତ୍ତି ନୁହେଁ, ବ୍ୟବହାରିକ ବିକଳ୍ପ ମଧ୍ୟ ଦେଖାଇବା ଉଚିତ୍। ତୃତୀୟତଃ, ଏହି ବିଷୟକୁ ନେଇ ଭ୍ରାନ୍ତିକର ପ୍ରଚାରକୁ ରୋକିବା ଦରକାର, ଯାହା ଲୋକମତକୁ ଭ୍ରମିତ କରୁଛି।

ଶେଷରେ, ମହିଳା ସଂରକ୍ଷଣ କେବଳ ଏକ ଆଇନ୍ ନୁହେଁ—ଏହା ଭାରତର ଗଣତନ୍ତ୍ରକୁ ଅଧିକ ସମାବେଶୀ କରିବାର ଏକ ପରୀକ୍ଷା। ଏହାର ସଫଳତା ନିର୍ଭର କରିବ ଆଇନ୍ ପାସ୍ ହେବାରେ ନୁହେଁ, ବରଂ କେତେ ଶୀଘ୍ର ଓ କେତେ ସତ୍ୟନିଷ୍ଠାର ସହିତ ଏହାକୁ କାର୍ଯ୍ୟକାରୀ କରାଯାଉଛି। ରାଜନୀତି ଯଦି ଏଠାରେ ମୁଖ୍ୟ ହୋଇଯାଏ, ତେବେ ଅସଲ ଲକ୍ଷ୍ୟ—ନାରୀ ସଶକ୍ତିକରଣ—ପୁଣିଥରେ ପଛକୁ ପଡ଼ିଯିବ। ଅତଏବ, ଯଦି ସରକାର ନିଷ୍ଠା ଓ ସ୍ୱଚ୍ଛତାର ସହ ଏହି ଆଇନକୁ କାର୍ଯ୍ୟକରୀ କରିବାରେ ପ୍ରତିବଦ୍ଧ, ତେବେ ସମୟ ଏବେ ମଧ୍ୟ ହାତରେ ଅଛି। ବିରୋଧୀ ଦଳମାନଙ୍କ ସହ ବ୍ୟାପକ ଆଲୋଚନା ଓ ସମ୍ମତିର ଆଧାରରେ ଏହାର କାର୍ଯ୍ୟାନ୍ୱୟନକୁ ଆଗକୁ ନିଆଯାଇପାରିବ। ଏହିପରି ସହଯୋଗମୂଳକ ପଦକ୍ଷେପ ନିଶ୍ଚିତ ଭାବେ ଭାରତର ଗଣତନ୍ତ୍ର ଇତିହାସରେ ଏକ ମାଇଲସ୍ତମ୍ଭ ହେବ।

# ନିର୍ବାଚନ ମଣ୍ଡଳୀ ପୁର୍ନଗଠନ : ସମତା, ସଂରକ୍ଷଣ ଓ ସୁଶାସନର ନୂତନ ଦିଗ

ଗଣତନ୍ତ୍ରର ମୂଳଶକ୍ତି ହେଉଛି ସମାନ ପ୍ରତିନିଧିତ୍ୱ, ଏବଂ ଏହି ମୂଳତତ୍ତ୍ୱକୁ ସୁଦୃଢ଼ କରିବାରେ ନିର୍ବାଚନ ମଣ୍ଡଳୀ ପୁର୍ନଗଠନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ଏହା ଆରମ୍ଭ ହେବାକୁ ଥିବା ପରିପ୍ରେକ୍ଷୀରେ ଦେଶର ରାଜନୈତିକ, ପ୍ରଶାସନିକ ଓ ସାମାଜିକ ପରିଦୃଶ୍ୟରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହେବା ନିଶ୍ଚିତ। ଜନସଂଖ୍ୟା ବୃଦ୍ଧି, ଅଞ୍ଚଳୀୟ ଅସମତା ଓ ପ୍ରତିନିଧିତ୍ୱର ଅସନ୍ତୁଳନକୁ ସମାଧାନ କରିବାରେ ଏହା ଅନିବାର୍ଯ୍ୟ ହୋଇପଡ଼ିଛି। ଇତିହାସକୁ ଦେଖିଲେ, ସ୍ୱାଧୀନତା ପରେ ଭାରତରେ ପ୍ରଥମ ନିର୍ବାଚନ ମଣ୍ଡଳୀ ପୁର୍ନଗଠନ ୧୯୫୨ ରେ ହୋଇଥିଲା ।ପରେ ୧୯୬୩, ୧୯୭୩ ଓ ୨୦୦୨ ମସିହାରେ ମଧ୍ୟ ପୁର୍ନଗଠନ କମିଶନ ଗଠିତ ହୋଇଥିଲା ।ବିଶେଷ କରି ୧୯୭୬ର ୪୨ତମ ସଂଶୋଧନରେ ନିର୍ବାଚନ ମଣ୍ଡଳୀ ପୁନର୍ବିନ୍ୟାସକୁ ସ୍ଥଗିତ କରାଯାଇଥିଲା ଓ ସେହି ପ୍ରଣାଳୀ ଆଜି ପର୍ଯ୍ୟନ୍ତ ଜାରି ରହିଛି; ୨୦୦୧ର ୮୪ତମ ସଂଶୋଧନ ସମୟରେ ମଧ୍ୟ ଏଥିରେ ପ୍ରମୁଖ ପରିବର୍ତ୍ତନ ଆଣାଯାଇନଥିଲା। ଏହି କାରଣରୁ, ଦୀର୍ଘ ସମୟ ଧରି ଜନସଂଖ୍ୟାର ପରିବର୍ତ୍ତନ ସତ୍ତ୍ୱେ ମଧ୍ୟ ଆସନ ବଣ୍ଟନରେ ବଡ଼ ପରିବର୍ତ୍ତନ ହୋଇନାହିଁ। ବର୍ତ୍ତମାନ ୨୦୨୬ ମସିହାରେ ପୁନର୍ବାର ଏହି ପ୍ରକ୍ରିୟା ସକ୍ରିୟ ହେବାକୁ ଯାଉଛି।

ବିଶେଷତଃ ମହିଳାଙ୍କ ପାଇଁ ଏକ-ତୃତୀୟାଂଶ ଆସନ ସଂରକ୍ଷଣ ବିଷୟ ଏବଂ ଜନସଂଖ୍ୟାକୁ ଆଧାର କରି ସଂସଦର ଆସନ ସଂଖ୍ୟା ବୃଦ୍ଧି ପ୍ରସଙ୍ଗ ଗୁରୁତ୍ୱ ପାଇଛି। ଏହି ପରିପ୍ରେକ୍ଷୀରେ, ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନ ବସିବାକୁ ଯାଉଛି। ଏହା ଆଗାମୀ ଭାରତୀୟ ଗଣତନ୍ତ୍ର ପାଇଁ ଏକ ଯୁଗାନ୍ତକାରୀ ଓ ଐତିହାସିକ ପଦକ୍ଷେପ ଭାବେ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। ଏହି ପଦକ୍ଷେପ ଦେଶର ରାଜନୈତିକ ଇତିହାସରେ ଏକ ନୂତନ ଅଧ୍ୟାୟର ଶୁଭାରମ୍ଭ କରିବ। ବର୍ତ୍ତମାନ ଲୋକସଭାର ଆସନ ସଂଖ୍ୟା ୫୪୩ ଥିବାବେଳେ, ଏହାକୁ ୮୫୦ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଏକ ପ୍ରସ୍ତାବ ଆଗକୁ ଆସିଛି। ପ୍ରସ୍ତାବିତ ବ୍ୟବସ୍ଥା ଅନୁଯାୟୀ, ମୋଟ ୮୫୦ ଆସନ ମଧ୍ୟରୁ ୮୧୫ଟି ଆସନ ରାଜ୍ୟଗୁଡ଼ିକ ପାଇଁ ଏବଂ ୩୫ଟି ଆସନ କେନ୍ଦ୍ରଶାସିତ ଅଞ୍ଚଳମାନଙ୍କ ପାଇଁ ନିର୍ଦ୍ଧିଷ୍ଟ ରହିବ। ଏହି ପ୍ରସ୍ତାବକୁ ନେଇ ସ୍ୱତନ୍ତ୍ର ଅଧିବେଶନ ରେ ବ୍ୟାପକ ଚର୍ଚ୍ଚାର ସମ୍ଭାବନା ରହିଛି। ଆସନ ସଂଖ୍ୟା ବୃଦ୍ଧି ହେଲେ ନିଶ୍ଚୟ ଭାବେ ଜନପ୍ରତିନିଧିତ୍ୱ ଅଧିକ ସୁଦୃଢ଼ ହେବ, କିନ୍ତୁ ଏହା ସହିତ ସଂସଦୀୟ କାର୍ଯ୍ୟ ପରିଚାଳନା, ପ୍ରଶାସନିକ ସମନ୍ୱୟ ଓ କାର୍ଯ୍ୟକୁଶଳତା ଉପରେ କେମିତି ପ୍ରଭାବ ପଡ଼ିବ, ସେଥିପାଇଁ ଗଭୀର ଭାବେ ବିଚାର କରିବା ଆବଶ୍ୟକ।

ସେପରି ରାଜ୍ୟସଭା ଓ ବିଭିନ୍ନ ବିଧାନସଭାରେ ମଧ୍ୟ ପରିବର୍ତ୍ତନ ସମ୍ଭାବନା ରହିଛି। କିନ୍ତୁ ଏହା କେବଳ ସଂଖ୍ୟା ବୃଦ୍ଧିର ପ୍ରଶ୍ନ ନୁହେଁ ଏହା ସଠିକ୍ ପ୍ରତିନିଧିତ୍ୱ ଓ ସମତାମୂଳକ ବଣ୍ଟନର ପ୍ରଶ୍ନ।

ଏହି ପରିପ୍ରେକ୍ଷୀରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ମହିଳାଙ୍କ ପାଇଁ ଏକ-ତୃତୀୟାଂଶ ସଂରକ୍ଷଣକୁ ପ୍ରାୟୋଗିକ ରୂପ ଦେବା। ଏହା ସହିତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ପାଇଁ ଥିବା ସଂରକ୍ଷଣକୁ ନୂତନ ମଣ୍ଡଳୀ ବିନ୍ୟାସରେ ସଠିକ୍ ଭାବରେ ପୁନଃସମନ୍ୱୟ କରିବା ଆବଶ୍ୟକ। ଯଦି ଏହାକୁ ତଥ୍ୟାଧାରିତ ଓ ନିଷ୍ପକ୍ଷ ଭାବରେ କରାଯାଇନଥାଏ, ତେବେ ସାମାଜିକ ଅସନ୍ତୋଷ ବଢ଼ିପାରେ। ନିର୍ବାଚନ ପୁର୍ନଗଠନର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଭୌଗଳିକ ଓ ପ୍ରଶାସନିକ ସମନ୍ୱୟ। ଗୋଟିଏ ଜିଲ୍ଲାର ବିଧାନସଭା ମଣ୍ଡଳୀଗୁଡ଼ିକୁ ସମ୍ଭବ ହେଲେ ଗୋଟିଏ ଲୋକସଭା ମଣ୍ଡଳୀ ମଧ୍ୟରେ ରଖିବା ଉଚିତ। ଯଦି ଜିଲ୍ଲାଗୁଡ଼ିକୁ ଅନେକ ସଂସଦୀୟ ମଣ୍ଡଳୀରେ ଭାଗ କରାଯାଏ, ତେବେ ଏହା ଅଞ୍ଚଳୀୟ ବିକାଶକୁ ବାଧା ଦେଇପାରେ। ପ୍ରଶାସନିକ ଅସମନ୍ୱୟ, ନେତୃତ୍ୱର ଅସ୍ପଷ୍ଟତା ଓ ଯୋଜନାର ଅସଂଗତି ଏହାର ପରିଣାମ ହୋଇଥାଏ। ଅତୀତର ଅନୁଭବ ଦେଖାଇଛି ଯେ, ଯେଉଁଠାରେ ଭୌଗଳିକ ସୀମାକୁ ଅଣଦେଖା କରାଯାଇଛି, ସେଠାରେ ଜନସେବାର କ୍ଷମତା କମିଛି। ତେଣୁ ଏଥର ଏକ ତଥ୍ୟାଧାରିତ, ପାରଦର୍ଶୀ ଓ ଜନମତ ଆଧାରିତ ପ୍ରକ୍ରିୟା ଅବଲମ୍ବନ କରିବା ଆବଶ୍ୟକ। ଆଜିର ଡିଜିଟାଲ୍ ଯୁଗରେ ଜନସାଧାରଣ ବେଶ ସଚେତନ। ସାମାଜିକ ମାଧ୍ୟମ ଓ ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ସେମାନେ ସରକାରୀ ନିଷ୍ପତ୍ତିକୁ ନଜରରେ ରଖୁଛନ୍ତି। ଯଦି ପୁର୍ନଗଠନ ପ୍ରକ୍ରିୟାରେ ଅନ୍ୟାୟ ହୁଏ, ତେବେ ଏହା ବିରୋଧରେ ଆଇନୀ ଲଢ଼େଇ ଓ ଜନଆନ୍ଦୋଳନ ଦେଖାଯିବା ସ୍ୱାଭାବିକ।

୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ଦେଶ ଭାବେ ଗଢ଼ିବା ଲକ୍ଷ୍ୟରେ ସଠିକ୍ ପ୍ରତିନିଧିତ୍ୱ ଅତ୍ୟନ୍ତ ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ପୁର୍ନଗଠନ ଏକ ମୂଳ ଭୂମିକା ନିଭାଇବ। ଏହିପରିସ୍ଥିତିରେ, ପୁର୍ନଗଠନ ଆୟୋଗଙ୍କୁ ରାଜନୈତିକ ଚାପରୁ ଦୂରରେ ରହି ସାମ୍ବିଧାନିକ ମୂଲ୍ୟବୋଧ ଓ ସାମାଜିକ ନ୍ୟାୟକୁ ଆଧାର କରି ନିଷ୍ପକ୍ଷ ଭାବେ କାମ କରିବା ଆବଶ୍ୟକ। ଏହା ସହିତ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ମଧ୍ୟ ଚିନ୍ତା କରାଯାଇପାରେ ଦେଶର ପ୍ରତ୍ୟେକ ଜିଲ୍ଲାକୁ ଗୋଟିଏ ସଂସଦୀୟ ମଣ୍ଡଳୀ ଭାବେ ଗଢ଼ିବା। ଏହା ଦ୍ୱାରା ପ୍ରତ୍ୟେକ ଜିଲ୍ଲାର ସମସ୍ୟା ସିଧାସଳଖ ସଂସଦରେ ପହଞ୍ଚିପାରିବ। ବର୍ତ୍ତମାନ ଅନେକ ଜିଲ୍ଲା ଅବହେଳିତ ଅବସ୍ଥାରେ ରହିଛି ଓ ସେମାନଙ୍କର ସ୍ୱର ପ୍ରଭାବଶାଳୀ ଭାବେ ଉଠିପାରୁନାହିଁ। ଏହି ମଡେଲ୍ ଅଞ୍ଚଳୀୟ ସମତାକୁ ବଳବତ୍ତର କରିପାରେ, ଯଦିଓ ଏହାକୁ ରାଷ୍ଟ୍ରୀୟ ସ୍ତରରେ ସତର୍କ ଭାବେ ବିଚାର କରିବା ଦରକାର।

ଏଣୁ କହିବାକୁ ଗଲେ, ନିର୍ବାଚନ ମଣ୍ଡଳୀ ପୁର୍ନଗଠନ କେବଳ ଏକ ପ୍ରଶାସନିକ ପ୍ରକ୍ରିୟା ନୁହେଁ; ଏହା ଗଣତନ୍ତ୍ରର ଆତ୍ମାକୁ ସୁଦୃଢ଼ କରିବାର ଏକ ସୁଯୋଗ। ଯଦି ଏହାକୁ ସଠିକ୍ ଓ ନ୍ୟାୟସଙ୍ଗତ ଭାବେ କରାଯାଏ, ତେବେ ଏହା ସମତାମୂଳକ ବିକାଶର ଭିତିକୁ ମଜବୁତ କରିବ; ନଚେତ ଏହା ଅସମତା ଓ ଅସନ୍ତୋଷକୁ ବଢ଼ାଇବ।

ସୁତରାଂ, ନିର୍ବାଚନ ମଣ୍ଡଳୀ ପୁର୍ନଗଠନକୁ କେବଳ ରାଜନୈତିକ ପ୍ରକ୍ରିୟା ଭାବେ ନୁହେଁ, ବରଂ ଏକ ସମତାମୂଳକ ଓ ନ୍ୟାୟସଙ୍ଗତ ଭାରତ ଗଢ଼ିବାର ଅବସର ଭାବେ ନେବା ଆବଶ୍ୟକ।

ଶାନ୍ତିନଗର,ସୋନପୁର
୮୧୪୪୮ ୭୦୭୨୯

# ନଦୀ ଜଳ ପରିଚାଳନାରେ ବିଫଳତା
# ରାୟଗଡ଼ା ଜଳରେ ହସୁଛି ଆନ୍ଧ୍ର କ୍ଷେତ



ରାୟଗଡ଼ା, ୨୫/୦୪ (ଜେଏନଏସ) : ଜଳ ବିବାଦ ଭିତରେ ଆନ୍ଧ୍ର ରାୟଗଡା ଜିଲ୍ଲା ସୀମାନ୍ତ ଓ ଏହାର ସୀମାନ୍ତ ଜିଲ୍ଲା ଗୁଡ଼ିକରେ ଜଳ ପରିଚାଳନା କ୍ଷେତ୍ରକୁ ସୂଚାରୁ ରୂପେ ପରିଚାଳନା କରି ନିଜ ଅଞ୍ଚଳରେ ଜଳ ସେଚନ ବ୍ୟବସ୍ଥା କୁ ସୁଦୃଢ଼ କରି ପାରି ଥିବା ବେଳେ ଓଡ଼ିଶା ସରକାରଙ୍କ ସୀମାନ୍ତ ନଦୀରେ ବ୍ୟାରେଜ ପ୍ରକଳ୍ପ ଗୁଡ଼ିକ କେବଳ ପ୍ରସ୍ତାବରେ ସୀମିତ ହୋଇ ରହିଛି। ବଂଶଧାରା ନଦୀରେ ଆନ୍ଧ୍ର ଦୁଇ ଦୁଇଟି ବଡ଼ ପ୍ରକଳ୍ପକୁ ଆଖି ଆଗରେ ରଖି ତତ୍କାଳିନ ସରକାରୀ ଏହି ନଦୀ ଓ ଏହାର ଶାଖା ନଦୀର ଉପର ମୁଣ୍ଡରେ ୬ ଗୋଟି ବ୍ୟାରେଜ ପ୍ରକଳ୍ପ ନିର୍ମାଣ ନେଇ ପ୍ରସ୍ତାବ। ଆଗତ କରିଥିଲେ। ଏଥିପାଇଁ (ଡିପିଆର୍) ପ୍ରୋଜେକ୍ଟ ରିପୋର୍ଟ ମଧ୍ଯ ପ୍ରସ୍ତୁତ କରାଯାଇ ଥିଲା। କିନ୍ତୁ ରାଜନୈତିକ ଇଚ୍ଛା ଶକ୍ତି ତଥା ପ୍ରଶାସନିକ ଆନ୍ତରିକତା ଅଭାବରୁ ପ୍ରସ୍ତାବିତ ଏହି ପ୍ରକଳ୍ପ ଗୁଡ଼ିକ ନାଲି ଫିତା ତଳେ ଚାପି ହୋଇ ଯାଇଛି କିମ୍ବା ଶୀତଳ ଭଣ୍ଡାରକୁ ଚାଲି ଯାଇଛି କହିଲେ ଭୁଲ ହେବ ନାହିଁ। ଆଉ ଏହାର ଭରପୁର ଫାଇଦା ଆନ୍ଧ୍ର ନେବାକୁ ବସିଛି। ୨୦୦୩ ମସିହାରେ ଆନ୍ଧ୍ର ୯୫୦ କୋଟି ଟଙ୍କା ବ୍ୟୟ ଅଟକଳରେ କାଟ୍ରାଗୁଡ଼ା ବ୍ୟାରେଜ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲା। ଏହାର ଉତ୍ତରରେ ଓଡ଼ିଶା ସରକାରଙ୍କ ତତ୍କାଳୀନ ଜଳ ସମ୍ପଦ ମନ୍ତ୍ରୀ ୨୦୦୫ ମସିହାର ଗୁଡ଼ାରୀରେ ବଂଶଧାରା ଓ ଋଷିକୁଲ୍ୟା ନଦୀ ସଂଯୋଗି କରଣ ଅଫିସ ଉଦ୍ଘାଟନ କରିବା ସହିତ ରାୟଗଡା ଚନ୍ଦ୍ରପୁରର ମୀନା ଝୋଲା ଚାଉଳଧୁଆ ଓ ଫଳଫଳିଆ ତିନି ନଦୀ ମିଶ୍ରଣ ସ୍ଥଳରେ ଏକ ବ୍ୟାରେଜ ନିର୍ମାଣ ନେଇ ପ୍ରସ୍ତାବ ଆଗତ କରାଯାଇଥିଲା, ୯୦୦ କୋଟି ଟଙ୍କାର ନଦୀ ସଂଯୋଗୀ କରଣ ଓ ବ୍ୟାରେଜ ନିର୍ମାଣ ଏବେ ଶୀତଳ ଭଣ୍ଡାରକୁ ଚାଲି ଯାଇଛି। ସେହିପରି ବଂଶଧାରା ନଦୀରେ ପାଣି ଡଙ୍ଗର ବ୍ୟାରେଜ ନିର୍ମାଣ କେବଳ ପ୍ରସ୍ତାବରେ ସୀମିତ ରହିଛି। ଏହି ଡ୍ୟାମ ନିର୍ମାଣ ତଥା ନଦୀ ସଂଯୋଗୀ କରଣ ଦ୍ୱାରା ଗଞ୍ଜାମ ଜିଲ୍ଲାର ୩୦ ହଜାର ହେକ୍ଟର ଜମି ଜଳ ସେଚିତ ହେବା ସହିତ ବ୍ରହ୍ମପୁର ସହର ବାସୀଙ୍କୁ ଶୋଷ ମେଣ୍ଟାଇବା ଦିଗରେ ସାହାଯ୍ୟ କରି ଥାଆନ୍ତା। ସେହିପରି ୨୦୦୮ ମସିହାରେ ଆନ୍ଧ୍ର ପ୍ରଶାସନ ଗଜପତି ଜିଲ୍ଲା ତଥା ବଂଶଧାରା ନଦୀର ଶାଖା ନଦୀ ମହେନ୍ଦ୍ରତନୟାର ରେଗଲ ପଡୁ ନିକଟରେ ଏକ ବ୍ୟାରେଜ ନିର୍ମାଣ ପାଇଁ ଶୁଭ ଦେଇଥିଲା ବେଳେ ଏହାର ଜବାବରେ ଉପର ମୁଣ୍ଡରୁ ପାଣି କି ଅଟକେଇବା ପାଇଁ ତତ୍କାଳୀନ ସରକାର ଡମ୍ବା ପୁର ଓ ଚମ୍ପା ପୁର ନିକଟରେ ୮୦୦ କୋଟି ଟଙ୍କାର ବ୍ୟାରେଜ ପ୍ରକଳ୍ପ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ଆରମ୍ଭ କରାଯାଇଥିଲା। ଡ଼ମ୍ବାପୁର ପ୍ରକଳ୍ପ ଅଧାପନ୍ତରିଆ ଥିଲା ବେଳେ ଚମ୍ପା ପୁର ପ୍ରକଳ୍ପର ନାଁ ଗନ୍ଧ ନାହିଁ ଆଉ, ଆନ୍ଧ୍ର ଚତୁରତାର ସହିତ ମହେନ୍ଦ୍ର ତନୟାଜଳକୁ ବ୍ୟବହାର କରିବାରେ ସକ୍ଷମ ହୋଇଛି। ପୁଣି ବଦାନୀ ଗୁଡ଼ା ଓ ବିଶ୍ରାନାଳି ନିକଟରେ ୬୦୦ କୋଟି ଟଙ୍କାର ପ୍ରକଳ୍ପ ପ୍ରସ୍ତାବରେ ସୀମିତ ରହିଛି। ଡିପିଆର ପ୍ରସ୍ତୁତ ହେଉଛି କିନ୍ତୁ କାମ ଆଗେଇ ପାରୁ ନାହିଁ। ବିଭାଗୀୟ ଅଧିକାରଙ୍କ ଆନ୍ତରିକତାର ଅଭାବ ଯୋଗୁ ଜିଲ୍ଲାରେ ନଦୀ ଜଳ ପରିଚାଳନା ଠିକ୍ ଭାବେ ହୋଇ ପାରୁ ନ ଥିବା ବେଳେ ପଡୋଶୀ ଆନ୍ଧ୍ର ନାଗାବଳୀ ହେଉ କିମ୍ବା ବଂଶଧାରା ଅଥବା ଝଂଜାବତୀ ନଦୀର ଜଳକୁ ଉପଯୋଗ କରି ନିଜ ଅଞ୍ଚଳରେ ଶସ୍ୟ ଶ୍ୟାମଳ କରିବା ସହିତ ଜଳ ସଂରକ୍ଷଣ କରିବାରେ ସକ୍ଷମ ହୋଇ ପାରିଛି। ପ୍ରସ୍ତାବିତ ପ୍ରକଳ୍ପ ନିର୍ମାଣ ନେଇ ଆମେ ପ୍ରସ୍ତୁତ ରହିଛୁ ବର୍ତ୍ତମାନ ଟ୍ରିବ୍ୟୁନାଲ ରାୟ ପରେ ସ୍ଥିତିକୁ ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ବଂଶଧାରା ଡିଭିଜନର ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ନାୟକ କହିଛନ୍ତି।

# ପଶ୍ଚିମବଙ୍ଗରେ ବିପୁଳ ମତଦାନକୁ ନେଇ ବଡ଼ ଦାବି କଲେ ପିଏମ ମୋଦୀ



କୋଲକାତା, ୨୫/୦୪ : ପଶ୍ଚିମବଙ୍ଗରେ ଅଜସ୍ର ମତଦାନ। ରେକର୍ଡ ମତଦାନ ପରେ, ବିଜେପି ଶିବିରରେ ଖୁସିର ପରିବେଶ । ଏହାରି ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦୀ ପଶ୍ଚିମବଙ୍ଗ ନିର୍ବାଚନକୁ ନେଇ ବଡ଼ ଦାବି କରିଛନ୍ତି । ମୋଦୀ କହିଛନ୍ତି, ଏଭଳି ଭୋଟିଂ ଦେଖିବା ପରେ ମୋତେ ଲାଗୁଛି ବିଜେପି ବିଶାଳ ବିଜୟ ହାସଲ କରିବ । କୃଷ୍ଣନଗର ଏବଂ ପରେ ରାଜ୍ୟର ନାଦିଆ ଜିଲ୍ଲାର ମଥୁରାପୁରରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି ପ୍ରଥମ ପର୍ଯ୍ୟାୟରେ ବିପୁଳ ଭୋଟଦାନ ପାଇଁ ପଶ୍ଚିମବଙ୍ଗର ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେ କହିଛନ୍ତି ଯେ, ଏହି ମତଦାନ 'ପରିବର୍ତ୍ତନ ପାଇଁ ଏକ ଜବରଦସ୍ତ ଜନାଦେଶ'ର ସଙ୍କେତ। ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୯୨ ପ୍ରତିଶତ ମତଦାନ ହୋଇଛି। ନିର୍ବାଚନ କମିଶନର ଭୂମିକାକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, 'ନିର୍ବାଚନ ସମୟରେ ହିଂସାର ଯେକୌଣସି ବଡ଼ ଘଟଣାକୁ ରୋକିବା ପାଇଁ ନିର୍ବାଚନ କମିଶନ ଅଭିନନ୍ଦନ ପାଇବାର ଯୋଗ୍ୟ। ପଶ୍ଚିମବଙ୍ଗରେ ଗତ ୫୦ ବର୍ଷର ନିର୍ବାଚନ ଇତିହାସରେ ପ୍ରଥମ ଥର ପାଇଁ ହିଂସାର ଘଟଣା ସର୍ବନିମ୍ନ ହୋଇଛି। ଭୋଟିଂ ବିଷୟରେ ଏପର୍ଯ୍ୟନ୍ତ ମୁଁ ଯେଉଁ ସୂଚନା ପାଇଛି ମୁଁ ନିଶ୍ଚିତ ଯେ, ଏହା ପଶ୍ଚିମବଙ୍ଗର ଭୋଟରଙ୍କ ଦ୍ୱାରା ପରିବର୍ତ୍ତନ ପାଇଁ ଏକ ଜବରଦସ୍ତ ଜନାଦେଶ ।

# ଜିଲ୍ଲାରେ ବଢୁଛି କିଡ୍ନୀ ରୋଗ
# ଅସଜଡ଼ା ମୂଳଦୁଆ ନେଇ ଚିନ୍ତାରେ ରୋଗୀ




ରାୟଗଡ଼ା, ୨୫/୦୪ (ଜେଏନଏସ) : ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲାର କିଛି ଅଞ୍ଚଳରେ ଲୋକେ ଝରଣା ପାଣିକୁ ପାନୀୟ ଜଳ ରୁପେ ବ୍ୟବହାର କରୁଥିବା ବେଳେ ଜିଲ୍ଲା ପ୍ରଶାସନ ଅନେକ ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ପାରି ନାହିଁ। ଏପରି ସ୍ଥିତିରେ ଲୋକେ ଦୂଷିତ ପାନୀୟ ଜଳ ତଥା ଭୂତଳ ଜଳରେ ଥିବା ମାତ୍ରାଧିକ ଫ୍ଲୋରାଇଡ ତଥା ଅନ୍ୟାନ୍ୟ ରାସାୟନିକ ପଦାର୍ଥ ଥିବା ପାଣିକୁ ବ୍ୟବହାର କରି କିଡନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅଦ୍ୟାବଧି ସରକାରୀ ତଥ୍ୟ ଅନୁଯାୟୀ ଜିଲ୍ଲାରେ ୭୫ ଜଣ କିଡନୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାୟାଲିସିସ୍ କରୁଥିବା ବେଳେ ପ୍ରାୟ ୧୪ ରୁ ଅଧିକ ନୂଆ ରୋଗୀ ଡାୟାଲିସିସ୍ ପାଇଁ ଅପେକ୍ଷା କରିଛନ୍ତି। ବେସରକାରୀ ହିସାବରେ ଜିଲାରେ କିଡନୀ ରୋଗୀଙ୍କ ସଂଖ୍ୟା ୪୩୮ ଜଣ ଥିଲା ବେଳେ ଅଧିକାଂଶ ରୋଗୀ ଆନ୍ଧ୍ରର ପାର୍ବତିପୁରମ୍ ନଚେତ୍ ବିଶାଖାପାଟଣା ରେ ଡାୟାଲିସିସ୍ ଚିକିତ୍ସା କରାଇ ଥାଆନ୍ତି। ବେସରକାରୀ ତଥ୍ୟ ଅନୁଯାୟୀ ପୂର୍ବରୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ଏବଂ ବର୍ତ୍ତମାନ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ରେ ଅନୁବନ୍ଧିତ ବିଶାଖାପାଟଣା ୨୮ ଗୋଟି ଘରୋଇ ହସ୍ପିଟାଲ ରେ ରାୟଗଡା ଓ ଗୁଣୁପୁର ଉପଖଣ୍ଡ ଅଞ୍ଚଳ ରୁ ୪୩୮ ଜଣ ପ୍ରତି ମାସରେ ଡାୟାଲିସିସ୍ କରାଉଛନ୍ତି। କେୟାର ଓ ନ୍ୟୁ କେୟାର, ସେଭେନ ହିଲ୍ସ, ଓମେଗା ଆଦି ହସ୍ପିଟାଲ୍ ରେ ରାୟଗଡା ଓ ଗୁଣୁପୁର ଅଞ୍ଚଳରୁ ୨୦୩ ଜଣ ରୋଗୀ ମାସରେ ୪ ଥର ଡାୟାଲିସିସ୍ କରୁଥିବା ବେଳେ ଆଉ ୨୩୫ ଜଣ ଜିଲ୍ଲାର ଭିନ୍ନ ଭିନ୍ନ ଅଞ୍ଚଳରୁ ଡାୟାଲିସିସ୍ କରୁଛନ୍ତି।, ତଥ୍ୟ ଅନୁଯାୟୀ ଗତ ତିନି ବର୍ଷ ମଧ୍ୟ ରେ ଜିଲାରେ ୧୨ ଜଣ ରୋଗୀଙ୍କ କିଡନୀ ଜନିତ ରୋଗରେ ମୃତ୍ୟୁ ହୋଇ ଥିବା ବେଳେ ବେସରକାରୀ ତଥ୍ୟ ଅନୁସାରେ ଏହା ଅଧିକ ହେବ ବୋଲି ଜଣାପଡିଛି। ରୋଗୀ ତୁଳନାରେ ମୁଖ୍ୟ ଚିକିତ୍ସାଳୟରେ କମ୍ ସଂଖ୍ୟକ ମେସିନ୍ ଥିବା କାରଣରୁ ନୂଆ ରୋଗୀଟିଏ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାୟାଲିସିସ୍ ସୁବିଧା ପାଇ ପାରୁନାହିଁ। ସେହିପରି ଗୁଣୁପୁର ଉପଖଣ୍ଡ ଚିକିତ୍ସାଳୟରେ ୪ଟି ମେସିନ୍ ଥିଲା ବେଳେ ନୂଆ ରୋଗୀ ଚିକିତ୍ସା ପାଇଁ ମାସ ମାସ ଧରି ଅପେକ୍ଷା କରୀ ରହୁଛନ୍ତି।। ଯଦି ପୁରୁଣା ରୋଗୀର ମୃତ୍ୟୁ ହୁଏ ତାହାଲେ ନୂଆ ରୋଗୀଙ୍କ ପଞ୍ଜୀକରଣ ହେବ ବୋଲି ଚିକିତ୍ସାଳୟରେ ଜନୈକ ଅଧିକାରୀ କହିଛନ୍ତି। ପ୍ରତିଦିନ ୨୪ ଜଣ ରୋଗୀ ଡାୟାଲିସିସ୍ ଚିକିତ୍ସା ପାଉ ଥିଲା ବେଳେ ନୂଆ ରୋଗୀ ସୁବିଧା ନ ପାଇ କୋରାପୁଟ କିମ୍ବା ବ୍ରହ୍ମପୁର ମେଡିକାଲ କଲେଜକୁ ଯାଉଛନ୍ତି। ପୁଣି ଜିଲା ମୁଖ୍ୟ ଚିକିତ୍ସାଳୟରେ କିଡନୀ ରୋଗରେ ଚିକିତ୍ସା ପାଇଁ ବିଶେଷଜ୍ଞ ଡାକ୍ତର ନାହାନ୍ତି। ଏହି ରୋଗ ନିମନ୍ତେ ନେଫ୍ରୋଲୋଜି ଏବଂ ୟୁରୋଲୋଜି ଭଳି ବିଶେଷଜ୍ଞ ଡାକ୍ତର ଆବଶ୍ୟକ ଥିଲା ବେଳେ ଅଦ୍ୟାବଧି ଡାକ୍ତର ନିଯୁକ୍ତି ପାଇ ନାହାନ୍ତି। ପୁଣି ୬ ଟି ମେସିନ୍ ଥିବାରୁ ରୋଗୀ ଙ୍କୁ ବହୁ ଦିନ ଧରି ଅପେକ୍ଷା କରିବାକୁ ପଡୁଛି। ଏହି ସମସ୍ୟା ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଅଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଭି ସରୋଜିନୀ ଦେବୀ କହିଛନ୍ତି।

# ମଇ୧ରୁ ବିଜେପିର ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଅଭିଯାନ

ଭୁବନେଶ୍ୱର, ୨୫/୦୪ (ଜେଏନଏସ) : ମଇ ୧ ତାରିଖ, ଶ୍ରମିକ ଦିବସ ଠାରୁ ରାଜ୍ୟର ୩୭ଟି ସାଂଗଠନିକ ଜିଲ୍ଲାରେ ଭାରତୀୟ ଜନତା ପାର୍ଟି (ବିଜେପି) ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଅଭିଯାନ ଆରମ୍ଭ ହେବ। ଏନେଇ ଆଜି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧକ୍ଷତାରେ ରାଜ୍ୟ କାର୍ଯ୍ୟାଳୟ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଳ ସୂତ୍ରରୁ ମିଳିଥିବା ସୂଚନାରେ, ବୈଠକରେ, ପାର୍ଟିର ସାଂଗଠନିକ ଦୃଷ୍ଟିକୋଣରୁ ବୁଥ କମିଟି ଠାରୁ ଆରମ୍ଭ କରି ମଣ୍ଡଳ କମିଟି ଓ ଜିଲ୍ଲା କମିଟି ପର୍ଯ୍ୟନ୍ତ ବିସ୍ତୃତ ଆଲୋଚନା କରାଯାଇଥିଲା । ଦଳର ପ୍ରତିଷ୍ଠା ଦିବାସ, ଆମ୍ବେଦକର ଜୟନ୍ତୀ ଏବଂ ବିଶେଷ ଭାବେ ସଂପ୍ରତି ଚାଲୁ ରହିଥିବା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନର ସମୀକ୍ଷା କରାଯାଇଥିଲା। ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ପ୍ରାୟ ସଫଳତାର ସହ ସମାପ୍ତ ହୋଇସାରିଛି ଏବଂ ବର୍ତ୍ତମାନ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିରକୁ ସଫଳ କରିବା ପାଇଁ ବିସ୍ତୃତ ଆଲୋଚନା ହୋଇଥିଲା । ଆସନ୍ତା ମେ ୧ ତାରିଖରୁ ମାସ ଶେଷ ସୁଦ୍ଧା ରାଜ୍ୟର ୩୭ଟି ସାଙ୍ଗଠନିକ ଜିଲ୍ଲାରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ ବୋଲି ରାଜ୍ୟ ସାଧାରଣ ସଂପାଦକ ବିରଂଚି ନାରାୟଣ ତ୍ରିପାଠୀ ସୂଚନା ଦେଇଛନ୍ତି। ଏହି ବୈଠକରେ ପାର୍ଟିର ସମସ୍ତ ରାଜ୍ୟ ପଦାଧିକାରୀ ଏବଂ ଜିଲ୍ଲା ପ୍ରଭାରୀମାନଙ୍କ ସାମତ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ପ୍ରଭାରୀ ପରିଡା, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତିଙ୍କ ସମେତ ସମସ୍ତ ରାଜ୍ୟ ପଦାଧିକାରୀ ଏବଂ ଜିଲ୍ଲା ପ୍ରଭାରୀମାନେ ଉପସ୍ଥିତ ଥିଲେ ।

# ରାଜ୍ୟ ରାଜନୀତିକୁ ଫେରିଲା ରତ୍ନ ଭଣ୍ଡାର ତାତି

ଭୁବନେଶ୍ୱର, ୨୫/୦୪ (ଜେଏନଏସ) : ନିର୍ବାଚନର ୨ବର୍ଷ ପରେ ପୁଣି ଥରେ ରାଜ୍ୟ ରାଜନୀତିକୁ ଫେରିଛି ରତ୍ନ ଭଣ୍ଡାର ତାତି । ୨୪ ନିର୍ବାଚନ ସମୟରେ ରତ୍ନ ଭଣ୍ଡାରରୁ ରତ୍ନ ଅଳଙ୍କାର ଚୋରି ହୋଇଯାଇଥିବା ବିଜେପିର ଶିର୍ଷ ନେତୃତ୍ୱ ଅଭିଯୋଗ କରିଥିଲେ । ଆଉ ଗଣତି ସମୟରେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ସବୁ ସୁରକ୍ଷିତ ଥିବା କଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିବା ପରେ ଏହାକୁ ନେଇ ବିଜେଡି ଓ ବିଜେପି ମଧ୍ୟରେ ଆରମ୍ଭ ହୋଇଛି କାଦୁଅ ଫିଙ୍ଗା ରାଜନୀତି । ୨୪ର ପ୍ରସଙ୍ଗକୁ ନେଇ ୨୬ରେ ଝଡ଼ । ନିର୍ବାଚନରେ ପ୍ରଚାର ବନାମ ବର୍ତ୍ତମାନର ବାସ୍ତବତାକୁ ନେଇ ମୁହାଁମୁହିଁ ହୋଇଛନ୍ତି ବିଜେଡି ଓ ବିଜେପି ନେତା । ସାଧାରଣ ନିର୍ବାଚନ ପ୍ରଚାରରେ ରତ୍ନଭଣ୍ଡାରକୁ ମୁଖ୍ୟ ପ୍ରସଙ୍ଗ କରିଥିଲା ବିଜେପି । ଏମିତିକି ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଗୃହମନ୍ତ୍ରୀ ଓ ତମାମ କେନ୍ଦ୍ରମନ୍ତ୍ରୀ ରତ୍ନ ଭଣ୍ଡାର ପ୍ରସଙ୍ଗରେ ତତ୍କାଳୀନ ସରକାରଙ୍କୁ ସଣ୍ଟୁଆସି ଆକ୍ରମଣ କରିଥିଲେ । ରତ୍ନ ଭଣ୍ଡାରରୁ ରତ୍ନ ଚୋରି ହୋଇ ବାହାର ରାଜ୍ୟକୁ ଚାଲି ଯାଇଥିବା ନିର୍ବାଚନୀ ସଭାରେ ଅଭିଯୋଗ କରିଥିଲେ ନେତା । ହେଲେ ଏହାର ଦୁଇ ବର୍ଷ ପରେ ଯେତେବେଳେ ରତ୍ନ ଭଣ୍ଡାରରେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାରର ଗଣତି ମଣତି ଚାଲିଛି ଆଉ ରତ୍ନ ଭଣ୍ଡାରରେ ମହାପ୍ରଭୁଙ୍କ ସମସ୍ତ ରତ୍ନ ଅଳଙ୍କାର ସୁରକ୍ଷିତ ଅଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି, ସେତେବେଳେ ଏହାକୁ ନେଇ ବିଜେପିକୁ ଟାର୍ଗେଟ୍ କରିଛି ବିଜେଡି । ଯଦି ରତ୍ନ ଭଣ୍ଡାରରେ ମହାପ୍ରଭୁଙ୍କ ସବୁ ଅଳଙ୍କାର ସୁରକ୍ଷିତ ଅଛି ତା'ହେଲେ ମିଛ କଥାକୁ ବିଜେପି କେମିତି ନିର୍ବାଚନରେ ପ୍ରସଙ୍ଗ କଲା ବୋଲି ପ୍ରଶ୍ନ କରୁଛନ୍ତି ବିଜେଡିର ଜଣକ ପରେ ଜଣେ ନେତା । ଏହାରି ଭିତରେ ବିଜେଡିର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ ସାମାଜିକ ଗଣମାଧ୍ୟମରେ ବିଜେପିକୁ କଡ଼ା ଟାର୍ଗେଟ କରିଛନ୍ତି । ପ୍ରଣବ କହିଛନ୍ତି, ନିର୍ବାଚନ ସମୟରେ ବିଜେପି ଯେଉଁ ମିଛ କହୁଥିଲା, ତାର ମୁଖା ଖୋଲି ଯାଇଛି। ନିର୍ବାଚନ ବୈତରଣୀ ପାର ପାଇଁ ବିନା ତଥ୍ୟ ପ୍ରମାଣରେ ରତ୍ନ ଭଣ୍ଡାର ଚୋରି ଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ବିଜେପି କେମିତି ବ୍ୟବହାର କରିପାରେ ବୋଲି କହିଛନ୍ତି ପ୍ରଣବ । ସେପଟେ ପ୍ରଣବଙ୍କୁ ଆଇନା ଦେଖାଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଆଇନ ମନ୍ତ୍ରୀ କହିଛନ୍ତି, ରତ୍ନ ଭଣ୍ଡାରକୁ ନେଇ ଅନେକ ଅସମାହିତ ପ୍ରଶ୍ନ ଅଛି। ଯଦି ସବୁ ପ୍ରଶ୍ନ ପଚାରିବୁ ତାହେଲେ ବିଜୁ ଜନତା ଦଳକୁ ପାରାଲିସିସ ହୋଇଯିବ । ଏହାକୁ ରାଜନୀତିକରଣ କରିବା ବିଜେପିର ଉଦେଶ୍ୟ ନୁହେଁ । ଆଇନମନ୍ତ୍ରୀଙ୍କ ଏଭଳି ପ୍ରତିକ୍ରିୟାର କଡ଼ା କାଉଣ୍ଟର କରିଛି ବିଜେଡି । ବିଧାୟକ ଧ୍ରୁବ ସାହୁ କହିଛନ୍ତି, ଚକା ଆଖି ସବୁ ଦେଖୁଚି । ଗୃହ ମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ମିଛ ଓଡ଼ିଶାବାସୀ ଦେଖିଲେ । ଏବେ ନିଜେ ସରକାର ସ୍ୱୀକାର କଲେ ସବୁ ଅଳଙ୍କାର ସୁରକ୍ଷିତ ଅଛି । ଯାହାକୁ ନେଇ ଏବେ ଓଡ଼ିଶାବାସୀ ପ୍ରଶ୍ନ ପଚାରିବା ଆରମ୍ଭ କଲେଣି । ନିର୍ବାଚନର ୨ବର୍ଷ ପରେ ରତ୍ନ ଭଣ୍ଡାରକୁ ନେଇ ପୁଣି ବିଜେଡି ଓ ବିଜେପି ଭିତରେ ଆରମ୍ଭ ହୋଇଯାଇଛି କାଦୁଅ ଫିଙ୍ଗା ରାଜନୀତି ।

# ଖୋଳ ହେଉଛି କୋରାପୁଟ

## ହଜିଯିବ କି ଆଦିବାସୀଙ୍କ ପାହାଡ଼ ?



କୋରାପୁଟ, ୨୫।୦୪ (ଶରତ ନାୟକ) : ଅବିଭକ୍ତ କୋରାପୁଟ ଜିଲ୍ଲାରେ ଥିବା ଏକାଧିକ ମାଳି ଯେଉଁ ପାହାଡ଼ରେ ବକ୍ସାଇଟ୍ ଗଚ୍ଛିତ ଅଛି ତାହକୁ ନେଇ ଶ୍ରୀହୀନ କରିବା ପାଇଁ ବିଭିନ୍ନ କମ୍ପାନୀ ଗୁଡ଼ିକର ଲୋଲୁପ ଦୃଷ୍ଟି ପଡ଼ିଛି। ଯାହା ଫଳରେ କିଛି ଦଶନ୍ଧି ମଧ୍ୟରେ ଥିବା ପାକୃତିକ ସମ୍ପଦ ଗୁଡ଼ିକ ଲୋପ ପାଇବା ସହିତ ପାହାଡ଼ ଗୁଡ଼ିକ ଖୋଳ ହୋଇଯିବ। ବର୍ତ୍ତମାନ ଅବିଭକ୍ତ କୋରାପୁଟ ଜିଲ୍ଲାରେ ରହିଛି ୧୦ ରୁ ଉର୍ଦ୍ଧ୍ୱ ବକ୍ସାଇଟ୍ ପାହାଡ଼ ବା ହ ମାଳି। ଏଥି ମଧ୍ୟରୁ ବର୍ତ୍ତମାନ ୩ ଟି ମାଳିରୁ ବର୍ତ୍ତମାନ ଖଣି ଖନନ ଚାଲିଛି। ସେଥି ମଧ୍ୟରୁ ପଞ୍ଚପଟ ମାଳି କୁ ଜାତୀୟ ଆଲୁମିନା କମ୍ପାନୀ (ନାଲକୋ) କୁ ଦିଆଯାଇଥିବା ବେଳେ ଏହି ଖଣିରୁ କଞ୍ଚାମାଲ ଆସି ଦାମନଯୋଡ଼ି ଠାରେ ଥିବା କାରଖାନା ଚାଲିଛି। ଏହାକୁ ୧୯୮୧ ରୁ ଲିଜ୍ ଦିଆ ଯାଇଛି। ଏଠାରେ ହାରାହାରି ୩ ଶହ ମିଲିୟନ ଟନ୍ ରୁ ଉର୍ଦ୍ଧ୍ୱ ବକ୍ସାଇଟ୍ ଗଚ୍ଛିତ ଥିବାବେଳେ ପ୍ରାୟ ୧୬ ବର୍ଗ କିମି। ଏଥିରେ ପାଖାପାଖି ୪୬ ପ୍ରତିଶତ ଆଲୁମିନା ରହିଛି। ୧୯୩୨ ମସିହା ପର୍ଯ୍ୟନ୍ତ ଲିଜ୍ ଦିଆଯାଇଛି।

ସେହିପରି ରାୟଗଡ଼ ଜିଲ୍ଲା କାଶୀପୁର ବ୍ଲକରେ ଥିବା ସିଜି ମାଳି କୁ ଉତ୍କଳ ଆଲୁମିନା କାରଖାନା କୁ ଦିଆଯାଇଛି, ଯାହା ୨୦୨୮ ଫେବୃଆରୀ ମାସ ପର୍ଯ୍ୟନ୍ତ ଖନନ କରିବା ସହିତ ମାଲ ପରିବହନ କରିବା ଅବଧି ରହିଛି। ଏଠାରେ ପ୍ରାୟ ୨ ଶହ ମିଲିୟନ ଟ୍ରନ୍ ବକ୍ସାଇଟ୍ ରହିଛି।

ସେହିପରି କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରେ ଥିବା କୋଡିଙ୍ଗା ମାଳିରେ ପ୍ରାୟ ୯୦ ମିଲିୟନ ଟ୍ରନ୍ ବକ୍ସାଇଟ୍ ଥିବା ବେଳେ ଏହାକୁ ୨୦୧୭ ରୁ ୨୦୬୭ ପର୍ଯ୍ୟନ୍ତ ଲିଜ୍ ଦିଆଯାଇଛି। ଯାହାର ବାର୍ଷିକ ଖନନ କ୍ଷମତା ୩ ଲକ୍ଷ ମେଟ୍ରିକ ଟନ୍ ରହିଛି ଏହାକୁ ପ୍ରଥମେ ଆଦିତ୍ୟ ଆଲୁମିନା କଂପାନୀ କୁ ଦିଆଯାଇଥିଲା ବେଳେ ସେ ଧାର୍ଯ୍ୟ ସମୟ ମଧ୍ୟରେ ଖନନ ନ କରିବାରୁ ତା'ର ଚୁକ୍ତିକୁ ବାତିଲ୍ କରାଯାଇ ବେଦାନ୍ତ କମାନୀକୁ ସିଂହ ଭାଗ ଦିଆଯାଉଛି।

ତେବେ ଖନନକୁ ଦ୍ୱିଗୁଣିତ କରାଯାଇ ୬ ଲକ୍ଷ ମେଟ୍ରିକ ଟନ୍ କୁ ବୃଦ୍ଧି କରାଯିବା ପାଇଁ ଚୁଡାନ୍ତ ନିଷ୍ପତ୍ତି ହୋଇ ସାରିଛି। ଯାହା ୨୦୩୫ ସୁଦ୍ଧା ଖାଲି ହୋଇ ଯିବାର ସମ୍ଭାବନା ରହିଛି। ଉପରୋକ୍ତ ତିନୋଟି ଯାକ ଖଣିରୁ ଖନନ ଦ୍ୱିଗୁଣିତ ହେଉଛି।

ଏହା ବାଦ୍ ଅନ୍ୟ ଯେଉଁ ମାଳି ରହିଛି ସେଥି ମଧ୍ୟରୁ କାଶିପୁର ବ୍ଲକ ସିଜି ମାଳି ଯେଉଁ ଠିକି ବର୍ତ୍ତମାନ ଉତ୍ତେଜନା ପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି ଆଦିବାସୀ ମାନେ ଭିଟା ମାଟି ଛଡ଼ାବା ପାଇଁ ନାରାଜ୍, ସିଜିମାଳି। ଏଠାରେ ୮୬ ମିଲିୟନ ଟ୍ରନ ବକ୍ସାଇଟ୍ ରହିଥିବା ଜଣାପଡ଼ିଛି। ଯାହାକୁ କି ବେଦାନ୍ତ କମ୍ପାନୀକୁ ୨୦୨୩ ରୁ ପଚାଶ ବର୍ଷ ପର୍ଯ୍ୟନ୍ତ ସରକାର ଦେଇଛନ୍ତି।

ଏହା ପରେ ଅନ୍ୟ ମାଳି ଗୁଡ଼ିକ ହେଉଛି କାଶୀପୁର ବ୍ଲକର ଶାଶୁ ବୋହୁ ମାଳି। ଏଠାରେ ୮୧ ମିଲିୟନ ଟ୍ରନ୍ ବକ୍ସାଇଟ୍ ରହିଛି ସେହିପରି ନନ୍ଦପୁର ବ୍ଲକର ବାଲ୍ଡା ମାଳିରେ ପ୍ରାୟ ୧୨ ମିଲିୟନ ଟ୍ରନ୍, କାଶୀପୁର ଓ ଏମ ରାମପୁର ମାଧ୍ୟମ ଭାଗରେ ଥିବା କୁଟ୍ରୁ ମାଳିରେ ୪୦ ମିଲିୟନ ଟ୍ରନ୍ , କର୍ଣ୍ଣପାଟକୁଣ୍ଡା ୧୭ ମିଲିୟନ ଟ୍ରନ୍, ପଟାଙ୍ଗି ୭୫ ମିଲିୟନ ଟ୍ରନ୍, କଳାହାଣ୍ଡି ଜିଲ୍ଲାର କର୍ଲାପାଟ ପର୍ବତରେ ୫୯ ନିୟୁତ ଟ୍ରନ୍ ସହିତ ଅନ୍ୟ କିଛି ମାଳି ରେ ଅଳ୍ପ କିଛି ପରିମାଣରେ ବକ୍ସାଇଟ୍ ଗଚ୍ଛିତ ଥିବା ଜଣାପଡ଼ିଛି। ସେହିପରି କଳାହାଣ୍ଡି କୋରାପୁଟ ମଧ୍ଯ ଭାଗରେ ଲାଞ୍ଜିଗଡ଼ରେ ଥିବା ଲାଞ୍ଜିଗଡ଼ ପାହାଡ଼ରେ ୩୧୪ ନିୟୁତ ଟନ୍ ବକ୍ସାଇଟ୍ ଖନନ କରିବାକୁ ଯୋଜନା କରିଥିଲା ବେଳେ ତାହାକୁ ଡଙ୍ଗରିଆ କନ୍ଧ ଆଦିବାସୀ ମାନେ ବିରୋଧ କରିବା ଓ ସର୍ବୋଚ୍ଚ ନ୍ୟାୟାଳୟ ଙ୍କ ଛାଟ ସହିତ ଉପଯୁକ୍ତ ପ୍ରକାରେ ଗ୍ରାମସଭା ହୋଇନଥିବା କାରଣରୁ ଗ୍ରୀନ୍ ଟ୍ରିବ୍ୟୁନାଲ ମଞ୍ଜୁରୀ ମିଳିବାରୁ ତାହାକୁ ବାତିଲ୍ କରାଯାଇଛି। କମ୍ପାନୀ ଏବେମଧ୍ୟ ତାହାକୁ କିପରି ହାସଲ କରିବ ସେଥିପାଇଁ ପ୍ରାୟାସ କରୁଥିବା କୁହାଯାଉଛି।

ସେହିପରି କାଶୀପୁର ବ୍ଲକର ସିଜି ମାଳିରେ ଘଟିଥିବା ଘଟଣା ପ୍ରଶମିତ ହୋଇନଥିବାବେଳେ ଏବଂ ଏହି ଘଟଣା କୁ ନେଇ ସବୁଆଡେ ଚର୍ଚ୍ଚା ଲାଗି ରହିଥିବା ବେଳେ ଏହା ନିକଟରେ ଥିବା ଅନ୍ୟ ଏକ ଖଣି କୁଟ୍ରୁ ମାଳିକୁ ଆଦାନୀ ଗ୍ରୁପ କୁ ଦିଆଯାଇଛି। ଯେଉଁଥିପାଇଁ ଆଗାମୀ ୧୩ ତାରିଖରେ ଏ ନେଇ ବ୍ଲକ କାର୍ଯ୍ୟାଳୟରେ ଏକ ଜନ ଶୁଣାଣୀ ଅନୁଷ୍ଠିତ ହେବାକୁ ଅଛି। ତେବେ ସିଜି ମାଳି ଘଟଣାରେ ଅଞ୍ଚଳରେ ଭୟର ବାତାବରଣ ଲାଗି ରହିଥିବା ସହିତ ଅନେକ ଆଦିବାସୀ ଙ୍କ ନାଆଁରେ ମିଥ୍ୟା ମାମଲା କରାଯାଇଥିବା ଏବଂ କେତେକ ପୁଲିସର ମାଡ଼ରେ ଗତ ୭ତାରିଖରେ ଆହତ ହୋଇ ଗିରଫ ଭୟରେ ଲୁଚି କି ରହିଛନ୍ତି। ଏପରିକି ପୁଲିସ ଭୟରେ ଚିକିତ୍ସିତ ହେବାକୁ ଯାଇ ପାରୁ ନାହାନ୍ତି ବୋଲି କିଛି ସଂଗଠନ ଅଭିଯୋଗ କରିଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ ଏଭଳି ସୁଯୋଗ ଦେଖି କିପରି ଅଧିକ ଲୋକ ଜନଶୁଣାଣୀ ରେ ସାମିଲ୍ ହୋଇ ପାରିବେ ନାହିଁ ସେଥିପାଇଁ ୧୩ ତାରିଖରେ ଏହି ବ୍ୟବସ୍ଥା କରାଯାଇଛି। ଯାହାକୁ ବାତିଲ୍ କରିବାକୁ କିଛି ସଂଗଠନ ଓ ସମାଜସେବୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ ଙ୍କୁ ଦାବି ପତ୍ର ଦେଇ ତାହାକୁ ବାତିଲ୍ କରିବାକୁ ନିବେଦନ କରିଛନ୍ତି।

ତେବେ ତେବେ ଅବିଭକ୍ତ କୋରାପୁଟ ଜିଲ୍ଲା ସହିତ କଳାହାଣ୍ଡି ଜିଲ୍ଲାରେ ଥିବା ବକ୍ସାଇଟ୍ ଖଣି ଉପରେ ବିଭିନ୍ନ କମ୍ପାନୀ ଗୁଡ଼ିକର ଲୋଲୁପ ଦୃଷ୍ଟି ପଡିଥିବା ବେଳେ ସେମାନେ ଭୂପୃଷ୍ଠ କୁ ବିଦାରଣ କରି ଖଣିଜ ସମ୍ପଦ ନେବାକୁ ବସିଛନ୍ତି। ଯେଉଁଥିପାଇଁ ସେହି ସବୁ ପାହାଡ଼ର ଓ ଏହାର ଆଖପାଖରେ ଥିବା ଜଳ, ଜମି ଜଙ୍ଗଲ ଓ ପରିବେଶ ନଷ୍ଟ ହେବା ସହିତ ଆଦିବାସୀ ମାନେ ଜୀବନ ଜୀବିକା ହରାଇବେ। ସେହିପରି କମ୍ପାନୀ ଗୁଡ଼ିକ ସେହି ସବୁ ଅଞ୍ଚଳରେ ଲୋକ ମାନଙ୍କୁ ବିଭାଜିତ କରି ନିଜ ପକ୍ଷକୁ ଆଣିବା ପାଇଁ ପାଇଁ ଚେଷ୍ଟା କରିବା ଯୋଗୁଁ ଅଞ୍ଚଳରେ ଭାଇଚାରା ନଷ୍ଟ ହେଉଛି। ଅନ୍ୟ ପକ୍ଷରେ ବର୍ତମାନ ଯେଉଁ ସବୁ ଖଣିରୁ ବକ୍ସାଇଟ ଖନନ କରାଯାଉଛି ତା ନିକଟ ବର୍ତ୍ତି ଗ୍ରାମ ଗୁଡିକରେ ସେଭଳି କିଛି ଆଖିଦୃଶିଆ ବିକାଶ କରାଯାଉନାହିଁ କି ନିଯୁକ୍ତି ଦିଆ ଯାଉ ଉନାହିଁ। କମ୍ପାନୀ ଗୁଡ଼ିକ ଅନ୍ୟ ସ୍ଥାନରେ ଥିବା କାରଖାନା କୁ କଞ୍ଚାମାଲ ନେଇ ମାଲାମାଲ ହେଉଥିବା ବେଳେ ଖଣି ଅଞ୍ଚଳ ଲୋକମାନେ କେବଳ ଧୂଳି ସନ୍ତୁଷ୍ଟ ହେବାକୁ ପଡୁଛି। ଅନ୍ୟ ପକ୍ଷରେ ଚୁକ୍ତି ସମୟ କମ୍ପାନୀ ଗୁଡ଼ିକ ଖନନ ପରିମାଣ ଯେତିକି ଚୁକ୍ତି କରୁଛନ୍ତି ପରବର୍ତ୍ତୀ ସମୟରେ ଦ୍ୱିଗୁଣିତ କିମ୍ବା ତତୁର୍ଦ୍ଧ କରିବା କାରଣରୁ ପ୍ରାୟ ୩୫ ବର୍ଷ ମଧ୍ୟରେ ଏହି ସବୁ ଖଣି ଗୁଡ଼ିକ ଶେଷ ହୋଇଥିବାର ସମ୍ଭାବନା ସୃଷ୍ଟି ହୋଇଛି। ଏପରିକି ସବୁଜ ବନାନୀ ଗୁଡ଼ିକ ଲୋପ ପାଇ ଯିବା ସହିତ ସୁକ୍ଷ ହୋଇଯିବ ନିର୍ଝରିଣୀ ଗୁଡିକ।

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ଇଣ୍ଡିଆ ମେଣ୍ଟ ବୈଠକରେ ବିଜେଡି : ଅସ୍ତିତ୍ୱ ରକ୍ଷା ପାଇଁ ଅଘୋଷିତ ବୁଝାମଣା ନା ଆବଶ୍ୟକତା



ଭୁବନେଶ୍ୱର, ୨୫/୦୪ (ଜେଏନଏସ) : ମହିଳା ସଂରକ୍ଷଣ ସଂଶୋଧନ ବିଲ୍ ଲୋକସଭାରେ କାଟ୍ ଖାଇବା ପରବର୍ତ୍ତୀ ୨୪ଘଣ୍ଟା ମଧ୍ୟରେ ଇଣ୍ଡିଆ ମେଂଟର ଦୁଇ ଥରର ବୈଠକରେ ବିଜେଡି ସାମିଲ ହୋଇ କଂଗ୍ରେସ ସହ ଅଘୋଷିତ ବୁଝାମଣା କରିଥିବାର ସନ୍ଦେଶ ଦେଇଛି। ତୀବ୍ର ଗୋଷ୍ଠୀକନ୍ଦଳ ମଧ୍ୟରେ ଗତି କରୁଥିବା ବିଜେଡି ଏବେ ନିଜର ଆଭିମୁଖ୍ୟରେ ପରିବର୍ତ୍ତନ କରି କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଂଟର ନିକଟତର ହେଉଛି। ଗତ ପ୍ରାୟ ଦେଢ଼ମାସ ପୂର୍ବରୁ ରାଜ୍ୟସଭା ନିର୍ବାଚନରେ ଏହାର ମୂଳଦୁଆ ପଡ଼ିଥିବାବେଳେ ଏବେ ବାସ୍ତବଚିତ୍ର ପଦାକୁ ଆସିବାରେ ଲାଗିଛି। ମହିଳା ସଂରକ୍ଷଣ ସଂଶୋଧନ ବିଲ୍ ଲୋକସଭାରେ କାଟ୍ ଖାଇବା ପରେ ୨୪ଘଣ୍ଟା ମଧ୍ୟରେ ଇଣ୍ଡିଆ ମେଂଟର ଦୁଇ ଦୁଇଥର ବୈଠକରେ ବିଜେଡି ସାମିଲ ହୋଇ ଅଘୋଷିତ ବୁଝାମଣା କରିଥିବାର ସନ୍ଦେଶ ଦେଇଛି। ତେବେ ସମଦୂରତ୍ୱ କଥା କହୁଥିବା ବିଜେଡି ପାଇଁ ଏହା ଆବଶ୍ୟକତାର ଲଢ଼େଇ ନା ପଂଚାୟତ-ପୌର ନିର୍ବାଚନ ପୂର୍ବରୁ ଏହି ସମ୍ଭାବ୍ୟ ସମୀକରଣ ଆଧାରରେ ବିଜେଡି ନିଜର ରାଜନୀତିକ ସ୍ଥିତିର ପରୀକ୍ଷାନିରୀକ୍ଷା କରୁଛି ତାକୁ ନେଇ ଚର୍ଚ୍ଚା ଜୋର ଧରିଛି।

ମହିଳା ସଂରକ୍ଷଣ ସଂଶୋଧନ ବିଲକୁ କେନ୍ଦ୍ର କରି ସଂସଦରେ ସୃଷ୍ଟି ହୋଇଥିବା ପରିସ୍ଥିତି ଏବଂ ମାତ୍ର ୨୪ ଘଣ୍ଟା ମଧ୍ୟରେ ଦୁଇ ଦୁଇ ଥର ଇଣ୍ଡିଆ ମେଣ୍ଟ ବୈଠକରେ ବିଜେଡି ଉପସ୍ଥିତ ରହିବାକୁ ରାଜନୀତିକ ମହଲରେ ଗୁରୁତ୍ୱ ଦିଆଯାଉଛି। ବିଶେଷକରି ନବୀନ ଗତ ୧୦ତାରିଖରୁ ଦିଲ୍ଲୀରେ ଡେରା ପକାଇଥିବାବେଳେ ତାଙ୍କ ନିର୍ଦ୍ଦେଶରେ ଇଣ୍ଡିଆ ମେଂଟ ବୈଠକରେ ସାମିଲ ହୋଇଥିବା ନେଇ ଖୋଦ୍ ମାନସ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ନବୀନଙ୍କର ଏହି ଦିଲ୍ଲୀ ଗସ୍ତ ସମୟରେ ହିଁ ସସ୍ମିତ ପାତ୍ରଙ୍କୁ ସଂସଦୀୟ ଦଳ ନେତା ପଦରୁ ହଟାଇ ମାନସ ମଙ୍ଗରାଜଙ୍କୁ ନିଯୁକ୍ତି ଦିଆଯିବା ଓ ତାଙ୍କୁ ଇଣ୍ଡିଆ ମେଂଟ ବୈଠକରେ ଯୋଗଦେବାକୁ ଦୁଇଦୁଇଥର ପଠାଇବା ହିଁ ବିଜେଡିର ରାଜନୀତିକ ଆଭିମୁଖ୍ୟକୁ ପଦାରେ ପକାଇ ଦେଇଛି। ମାନସ ସ୍ୱୀକାର କରିଛନ୍ତି ଯେ, ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଗତ ୨୪ଘଣ୍ଟା ମଧ୍ୟରେ ଡାକିଥିବା ଇଣ୍ଡିଆନ ମେଂଟର ଦୁଇଟି ବୈଠକରେ ସେ ସାମିଲ ହୋଇଛନ୍ତି। ତେବେ ବିଜେଡିର ଏହି ନୂତନ ଆଭିମୁଖ୍ୟ ପଛରେ କେବଳ ପ୍ରସଙ୍ଗଭିତ୍ତିକ ସମର୍ଥନ ନା ଅନ୍ୟ କୌଣସି ବଡ଼ ଯୋଜନା ରହିଛି, ତାହା ଏବେ ଚର୍ଚ୍ଚାର ବିଷୟ। ବିଜେଡି ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ କହିଛନ୍ତି, 'ବିଜେଡି କେବଳ ଇଣ୍ଡିଆ ମେଣ୍ଟ ନୁହେଁ ବରଂ ଓଡ଼ିଶା ମେଣ୍ଟ ସହିତ ଅଛି। ଓଡ଼ିଶାର ସ୍ୱାର୍ଥ ସହ ଜଡ଼ିତ ଯେକୌଣସି ପ୍ରସଙ୍ଗ ଯିଏ ବି ଉଠାଇବ, ବିଜେଡି ତାକୁ ସମର୍ଥନ କରିବ। ତେବେ କଂଗ୍ରେସ ସହ କୌଣସି ବୁଝାମଣା ହୋଇନଥିବା ସେ ସ୍ପଷ୍ଟ କରିଥିଲେ ମଧ୍ୟ ଭବିଷ୍ୟତରେ କ'ଣ ହେବ ତାହା ନବୀନ ନିଷ୍ପତ୍ତି ନେବେ କହିଛନ୍ତି।

ସେହିପରି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ, ବିଭିନ୍ନ ପ୍ରସଙ୍ଗ ଉପରେ ବିଜେଡି ଆମକୁ ସମର୍ଥନ ଦେଉଛି। ମହିଳା ସଂରକ୍ଷଣ ବିଲ୍ ପ୍ରସଙ୍ଗରେ ବିଜେଡି ସୁପ୍ରିମୋ ୩ରୁ ୪ଦିନ ହେବ ବିଭିନ୍ନ କଥା ଉଠାଇଥିଲେ। ତେଣୁ ମାନସ ମଙ୍ଗରାଜ ସଂସଦରେ ଇଣ୍ଡି ମେଣ୍ଟ ସହ ରହିଥିଲେ। ଏହା ପ୍ରସଙ୍ଗଭିତ୍ତିକ ସମର୍ଥନ। ତେବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ଅଘୋଷିତ ବୁଝାମଣାକୁ ତୀବ୍ର ସମାଲୋଚନା କରି କହିଛନ୍ତି ଯେ, ରାଜ୍ୟସଭା ନିର୍ବାଚନ ସମୟରେ ବିଜେଡି-କଂଗ୍ରେସର 'ଚୋରା ପୀରତି' ଧରାପଡ଼ିଯାଇଛି। ବିଜେଡିର ଏବେ ଅଣକଂଗ୍ରେସ ଚରିତ୍ର ଆଉ ନାହିଁ। ଉଭୟଙ୍କ ଭିତରେ ସମ୍ପର୍କ ସ୍ପଷ୍ଟ ହୋଇଯାଇଛି। ତେଣୁ ଲୁଚାଛପା ଛାଡ଼ି ପ୍ରକୃତ ସମ୍ପର୍କ ସ୍ପଷ୍ଟ କରିବା ଆବଶ୍ୟକ ବୋଲି ବିଜେପି କହିଛି। ବିଜେଡି ବିଧାୟକ ଅରୁଣ ସାହୁ ଏହାକୁ ଓଡ଼ିଆ ଅସ୍ମିତାର ଲଢ଼େଇ ବୋଲି ଦର୍ଶାଇ କହିଛନ୍ତି ଯେ ରାଜ୍ୟ ସ୍ୱାର୍ଥ ପାଇଁ ଯିଏ ବି ଆଗକୁ ଆସିବ, ବିଜେଡି ତାକୁ ସମର୍ଥନ କରିବ। ଏହାସହିତ ସେ ନବୀନଙ୍କ କଂଗ୍ରେସ ପ୍ରୀତି ଉପରେ ସବୁଜ ସଙ୍କେତ ଲଗାଇଛନ୍ତି। ବିଲ ପ୍ରସଙ୍ଗରେ ସମସ୍ତ ବିରୋଧୀ ଦଳ ଏକାଠି ପ୍ରତିବାଦ ପାଇଁ ଓହ୍ଲାଇଛନ୍ତି। ସାଧାରଣ ନିର୍ବାଚନକୁ ୨ବର୍ଷ ପୁରୁନି। ଏବେ ପ୍ରସଙ୍ଗଭିତ୍ତିକ ଲଢ଼େଇ ଚାଲିଛି। ଭବିଷ୍ୟତ କହିବ କ'ଣ ହେବ ବୋଲି କହି ମାନସଙ୍କ ଭଳି ଅରୁଣ ମଧ୍ୟ କଂଗ୍ରେସ ସହ ନିର୍ବାଚନୀ ବୁଝାମଣା ସମ୍ଭାବନାକୁ ଖଣ୍ଡନ କରିନାହାନ୍ତି। ଦିନେ ଯେଉଁ ବିଜେଡି 'ସମଦୂରତା'ର ନୀତି ଆପଣେଇ କେନ୍ଦ୍ରରେ ବିଜେପିକୁ ପରୋକ୍ଷ ସମର୍ଥନ ଦେଉଥିଲା, ଆଜି ସେହି ଦଳ ବିରୋଧୀ 'ଇଣ୍ଡିଆ' ମେଂଟର ସବୁଠାରୁ ନିକଟତର ହେବାରେ ଲାଗିଛି। ଏପରିକି ଯେଉଁ କଂଗ୍ରେସ ବିରୁଦ୍ଧରେ ଲଢ଼ିବା ପାଇଁ ବିଜେଡିର ଜନ୍ମ ହୋଇଥିଲା ଏବେ ସେହି କଂଗ୍ରେସ ସହ ଅଘୋଷିତ ବୁଝାମଣାକୁ ଦୁଇ ଦଳର ନେତା-କର୍ମୀ ସହଜରେ ଗ୍ରହଣ କରୁନଥିବା ଚର୍ଚ୍ଚା ହେଉଛି। ଗତ ଦେଢ଼ମାସ ପୂର୍ବରୁ କଂଗ୍ରେସ ସହ ରାଜ୍ୟସଭା ନିର୍ବାଚନରେ ହାତ ମିଳାଇଥିବା ବିଜେଡି ପରବର୍ତ୍ତୀ ସମୟରେ କଟକ ଏସସିବି ମେଡ଼ିକାଲ ଅଗ୍ନିକାଣ୍ଡ ଘଟଣାର ପ୍ରତିବାଦ ଓ ଏବେ ସଂସଦରେ ମହିଳା ସଂରକ୍ଷଣ ସଂଶୋଧନ ବିଲ୍ କାଟ୍ ଖାଇବା ପରେ ଇଣ୍ଡିଆ ମେଂଟ ବୈଠକରେ ସାମିଲ ହୋଇ ବିଜେଡି ନିଜର ଆଭିମୁଖ୍ୟକୁ ସ୍ପଷ୍ଟ କରିସାରିଛି। ବିଜେଡି ନିଜର ଜନ୍ମ ପରଠୁ ପ୍ରଥମଥର ପାଇଁ ଗତ ମାସରେ କଂଗ୍ରେସ ସହ ମିଶି ରାଜରାସ୍ତାରେ ପ୍ରତିବାଦ କରିଥିଲା। ଏବେ ଇଣ୍ଡିଆ ମେଣ୍ଟ ବୈଠକରେ ସାମିଲ ହୋଇ ବିଜେଡି ପୁଣିଥରେ ଖୋଲାଖୋଲି କଂଗ୍ରେସ ପ୍ରତି ନିଜର ଆନୁଗତ୍ୟ ଦେଖାଇଛି।

# ନବୀନଙ୍କ ଚିଠି ପରେ ପାଠ ପଢ଼ାଇଲେ ଅପରାଜିତା

ଭୁବନେଶ୍ୱର, ୨୫/୦୪ (ଜେଏନଏସ) : ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖି ୪୮ଘଣ୍ଟା ମଧ୍ୟରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକି ଓଡ଼ିଶାର ଅଧିକାରର ସୁରକ୍ଷା ପାଇଁ ଏକ ସଂକଳ୍ପ ପାରିତ ନିମନ୍ତେ ଦାବି କରିଥିବାବେଳେ ଆଜି ରାଜ୍ୟର ସବୁ ସାଂସଦଙ୍କୁ ଚିଠି ଲେଖିବାକୁ ନେଇ ରାଜନୀତିକ ସରଗରମ ବୃଦ୍ଧି ପାଇଛି। ଆଜିଠୁ ସଂସଦର ତିନିଦିନିଆ ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହୋଇଛି ଓ ସରଗରମ ଆଲୋଚନା ଜାରି ରହିଛି। ଏପଟେ ବିଜେଡି ସୁପ୍ରିମୋ ନବୀନ



ପଟ୍ଟନାୟକ ରାଜ୍ୟର ସମସ୍ତ ସାଂସଦମାନଙ୍କୁ ଚିଠି ଲେଖି ମହିଳା ସଂରକ୍ଷଣ ସହିତ ସୀମା ନିର୍ଦ୍ଧାରଣ ବା ଡିଲିମିଟେସନ ପ୍ରକ୍ରିୟାକୁ ଯୋଡ଼ିବା ଦ୍ୱାରା ଓଡ଼ିଶାର ରାଜନୀତିକ ସ୍ୱାର୍ଥ କ୍ଷତିଗ୍ରସ୍ତ ହେଉଥିବା ନେଇ ସତର୍କ କରାଇଛନ୍ତି। ନବୀନ ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖି ୪୮ଘଣ୍ଟା ମଧ୍ୟରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକି ରାଜ୍ୟର ରାଜନୀତିକ ଅଧିକାରର ସୁରକ୍ଷା ପାଇଁ ଏକ ସଂକଳ୍ପ ପାରିତ ନିମନ୍ତେ ଦାବି କରିଥିବାବେଳେ ଆଜି ରାଜ୍ୟର ସବୁ ସାଂସଦଙ୍କୁ ଚିଠି ଲେଖିବାକୁ ନେଇ ରାଜନୀତିକ ସରଗରମ ବୃଦ୍ଧି ପାଇଛି। ନବୀନ ଆଜି ଏହି ଚିଠି ବିଜେଡି ସଭାପତି ଭାବେ ନୁହେଁ ବରଂ ଜଣେ ସାଧାରଣ ଓଡ଼ିଆ ଭାବେ ରାଜ୍ୟର ସମ୍ମାନ ଓ ଅଧିକାର ପାଇଁ ଲଢ଼ିବାକୁ ସାଂସଦମାନଙ୍କୁ ନିବେଦନ କରିଛନ୍ତି। ଏପଟେ ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀ ସିଧାସଳଖ ନବୀନଙ୍କୁ ଟାର୍ଗେଟ୍ କରି କହିଛନ୍ତି ଯେ ବିଜେଡି ମୁଖିଆ ବିଲକୁ ଠିକଭାବେ ପଢ଼ିନାହାନ୍ତି କିମ୍ବା ବୁଝିବାକୁ ଚେଷ୍ଟା କରିନାହାନ୍ତି। କୌଣସି ଟିପ୍ପଣୀ ଦେବା କିମ୍ବା ଚିଠି ଲେଖିବା ପୂର୍ବରୁ ସଂସଦରେ ଆଗତ ହୋଇଥିବା ୩ଟି ଯାକ ବିଲକୁ ଭଲଭାବେ ପଢ଼ିବା ସହ ସରକାରଙ୍କ ପ୍ରକ୍ରିୟାକୁ ବୁଝିବା ପାଇଁ ସେ ନବୀନଙ୍କୁ ପରାମର୍ଶ ଦେଇଛନ୍ତି। ନବୀନ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ଗୃହୀତ ହେଲେ ଲୋକସଭାରେ ଓଡ଼ିଶାର ଭାଗ ବର୍ତ୍ତମାନର ୩.୯ ପ୍ରତିଶତରୁ ହ୍ରାସ ପାଇ ୩.୪ ପ୍ରତିଶତ ରହିଯିବ। ଯାହା ରାଜ୍ୟକୁ ଦେଶର ଶୀର୍ଷ ୬ଟି କ୍ଷତିଗ୍ରସ୍ତ ରାଜ୍ୟ ମଧ୍ୟରେ ସାମିଲ କରିବ। ଏହି ହ୍ରାସ ଓଡ଼ିଶାର ଲୋକଙ୍କ ରାଜନୈତିକ ଭବିଷ୍ୟତକୁ ଚୋରି କରିବା ସହ ସମାନ ଓ ଏହା ଭାରତୀୟ ସଂଘୀୟ ବ୍ୟବସ୍ଥାର ମୂଳ ଭାବନା ବିରୋଧୀ। ଏପରିକି ଜାତୀୟ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଓଡ଼ିଶାର ସ୍ୱର ଦୁର୍ବଳ ହେବ ଯାହାର ସିଧାସଳଖ ପ୍ରଭାବ ବିପର୍ଯ୍ୟୟ ପରିଚାଳନା ଠାରୁ ଆରମ୍ଭ କରି ଜନଜାତି କଲ୍ୟାଣ ପର୍ଯ୍ୟନ୍ତ ପ୍ରସଙ୍ଗ ଉପରେ ପଡ଼ିବ। ଆଉ ଓଡ଼ିଶା ନିଜର ନ୍ୟାର୍ଯ୍ୟ ଦାବି ଉପସ୍ଥାପନ କରିପାରିବ ନାହିଁ ବୋଲି ସେ ଦର୍ଶାଇଛନ୍ତି । ଓଡ଼ିଶା ପାଇଁ ସଂସଦରେ ପ୍ରତିନିଧିତ୍ୱ କେବଳ ଏକ ସଂଖ୍ୟା ନୁହେଁ, ବରଂ ଏହା ଆମର ପରିଚୟ, ଗର୍ବ ଓ ଅସ୍ତିତ୍ୱର ପ୍ରତୀକ। ଯଦି ଓଡ଼ିଶାର ପ୍ରଭାବ କମିଯାଏ, ତେବେ ଏହା ରାଜ୍ୟବାସୀଙ୍କ ମନରେ ଏକ ଅବହେଳିତ ଭାବନା ସୃଷ୍ଟି କରିବ ବୋଲି ନବୀନ ଦର୍ଶାଇଛନ୍ତି। ଏଥିସହିତ ଓଡ଼ିଶା ପ୍ରତି ହେବାକୁ ଥିବା ଆର୍ଥିକ ଅବହେଳାକୁ ନେଇ ମଧ୍ୟ ନବୀନ କ୍ଷୋଭ ବ୍ୟକ୍ତ କରିଛନ୍ତି। ଯେଉଁ ରାଜ୍ୟଗୁଡ଼ିକ ଜନସଂଖ୍ୟା ନିୟନ୍ତ୍ରଣ ଓ ମାନବ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଛନ୍ତି, ସେମାନଙ୍କର ଲୋକସଭା ଆସନ ଅନୁପାତିକ ଢଙ୍ଗରେ ହ୍ରାସ କରି ଦଣ୍ଡିତ କରାଯାଉଛି। ଓଲଟା ଅଧିକ ଜନସଂଖ୍ୟା ବିଶିଷ୍ଟ ରାଜ୍ୟଗୁଡ଼ିକରେ ଆସନ ସଂଖ୍ୟା ବୃଦ୍ଧି ପାଇବା ଦ୍ୱାରା କେନ୍ଦ୍ରୀୟ ଅନୁଦାନ ଓ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ସେମାନଙ୍କର ପ୍ରାଧାନ୍ୟ ବଢ଼ିବ ଓ ଓଡ଼ିଶା ପଛରେ ରହିଯିବ। ଓଡ଼ିଶା ଦେଶର ରାଜକୋଷକୁ ପ୍ରଚୁର ଅର୍ଥ ଦେଉଥିଲେ ହେଁ ଆଜି ପର୍ଯ୍ୟନ୍ତ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଭଳି ଦାବିରୁ ବଂଚିତ ହୋଇ ରହିବା ଦୁର୍ଭାଗ୍ୟଜନକ ବୋଲି ସେ ଲେଖିଛନ୍ତି। ସେ ଓ ତାଙ୍କ ଦଳ ମହିଳା ସଂରକ୍ଷଣକୁ ସମ୍ପୂର୍ଣ୍ଣ ସମର୍ଥନ କରୁଥିଲେ ମଧ୍ୟ ଏହାସହ ଡିଲିମିଟେସନ ପ୍ରକ୍ରିୟାକୁ ଯୋଡ଼ିବାକୁ ଗ୍ରହଣ କରୁନାହିଁ। ତେଣୁ ମହିଳା ସଂରକ୍ଷଣକୁ ଏହି ପ୍ରକ୍ରିୟାରୁ ପୃଥକ କରିବାକୁ ସେ ଦାବି କରିଛନ୍ତି। ଯଦି ଓଡ଼ିଶାର ପ୍ରତିନିଧିତ୍ୱ କ୍ଷୁଣ୍ଣ ହୁଏ, ତେବେ ବିଜୁ ଜନତା ଦଳ ଏହି ପ୍ରସଙ୍ଗକୁ ନେଇ ଜନଆନ୍ଦୋଳନ କରିବ ଓ ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରେ ଓଡ଼ିଶାର ହକ୍ ପାଇଁ ଶେଷ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିବ ବୋଲି ସେ ଚେତାଇ ଦେଇଛନ୍ତି। ଓଡ଼ିଶାର ରାଜନୀତିକ ଅଧିକାର କ୍ଷତିଗ୍ରସ୍ତ ହେବା ଓ ଲୋକସଭା ଆସନ ହ୍ରାସ ପାଇବା ନେଇ ନବୀନଙ୍କ ଚିଠି ଉପରେ କଡ଼ା ପ୍ରତିକ୍ରିୟା ରଖିଛନ୍ତି ଭୁବନେଶ୍ୱର ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀ। ସେ କହିଛନ୍ତି ଯେ, ବିଜୁ ଜନତା ଦଳର ମୁଖିଆ ବିଲକୁ ଠିକ୍ ଭାବେ ପଢ଼ି ନାହାନ୍ତି କିମ୍ବା ବୁଝିବାକୁ ଚେଷ୍ଟା କରୁନାହାନ୍ତି। ଟିପ୍ପଣୀ ଦେବା ଓ ଚିଠି ଲେଖିବା ପୂର୍ବରୁ ସଂସଦରେ ଆଗତ ହୋଇଥିବା ତିନୋଟି ଯାକ ବିଲକୁ ସେ ଭଲ ଭାବେ ପଢ଼ନ୍ତୁ ଓ ସରକାରଙ୍କ ପ୍ରକ୍ରିୟାକୁ ବୁଝନ୍ତୁ। ସ୍ୱତନ୍ତ୍ର ବିଧାନସଭା ଅଧିବେଶନର କୌଣସି ଆବଶ୍ୟକତା ନାହିଁ ବୋଲି ମଧ୍ୟ ଅପରାଜିତା କହିଛନ୍ତି। ଅପରାଜିତାଙ୍କ କହିବା ଅନୁସାରେ, ନାରୀ ଶକ୍ତି ବନ୍ଦନ ଅଧିନିୟମକୁ କାର୍ଯ୍ୟକାରୀ କରିବା ପାଇଁ ଏହି ସମ୍ବିଧାନ ସଂଶୋଧନ ବିଲ୍ ଅତ୍ୟନ୍ତ ଜରୁରୀ।ଏହି ପ୍ରକ୍ରିୟାରେ ସମ୍ବିଧାନର ଛଅଟି ଧାରାରେ (୮୦, ୮୧, ୮୨, ୩୩୦, ୩୩୨ ଏବଂ ୩୩୪ଏ) ସଂଶୋଧନ କରାଯାଉଛି।ଡିଲିମିଟେସନ ବା ସୀମା ନିର୍ଦ୍ଧାରଣ ବିଲ୍ ୨୦୨୬, ଯାହାକୁ ନେଇ ବିରୋଧୀ ଦଳ ଭ୍ରମ ସୃଷ୍ଟି କରୁଛନ୍ତି। ପରିସୀମା ନିର୍ଦ୍ଧାରଣ ପ୍ରକ୍ରିୟା ବିନା କୌଣସି ଆସନ ବଂଟନ କିମ୍ବା ନିର୍ବାଚନ ମଣ୍ଡଳୀର ସୀମା ସଂଶୋଧନ ସମ୍ଭବ ନୁହେଁ। ମହିଳାମାନଙ୍କ ପାଇଁ କେଉଁ ଆସନ ସଂରକ୍ଷିତ ରହିବ, ତାହା ମଧ୍ୟ ଏହି ପରିସୀମା ନିର୍ଦ୍ଧାରଣ କମିଶନ ହିଁ ସ୍ଥିର କରିବେ। କେନ୍ଦ୍ର ସରକାର ସଂଘୀୟ ବ୍ୟବସ୍ଥା ଉପରେ ବିଶ୍ୱାସ କରୁଥିବାରୁ କୌଣସି ରାଜ୍ୟର ଅସୁବିଧା ହେବ ନାହିଁ ବୋଲି ଅପରାଜିତା କହିଛନ୍ତି।

# ସିଜିମାଳି ତାତିକୁ ନେଇ ଜାତୀୟ ଜନଜାତି କମିଶନଙ୍କୁ ଭେଟିଲେ ସସ୍ମିତ ପାତ୍ର

ଭୁବନେଶ୍ୱର, ୨୫/୦୪ (ଜେଏନଏସ) : ପୁଣି ତେଜିଲା ସିଜିମାଳି ତାତି। ସିଜିମାଳି ପାଇଁ ଜାତୀୟ ଅନୁସୂଚିତ ଜନଜାତି କମିଶନଙ୍କୁ ଭେଟି ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଆଜି ନୂଆଦିଲ୍ଲୀରେ ଅଧ୍ୟକ୍ଷ, ଏନସିଏସଟିଙ୍କ ସମ୍ମୁଖରେ ବିଜେଡି ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଦ୍ୱାରା ଜାତୀୟ ଅନୁସୂଚିତ ଜନଜାତି କମିଶନରେ ସିଜିମାଳି ମାମଲା ରୁଜୁ କରାଯାଇଛି। ଜାତୀୟ ଅନୁସୂଚିତ ଜନଜାତି କମିଶନର ଅଧ୍ୟକ୍ଷ ଶ୍ରୀ ଅନ୍ତର ସିଂହ ଆର୍ଯ୍ୟ ଆଜି ସକାଳେ



ନୂଆଦିଲ୍ଲୀସ୍ଥିତ ତାଙ୍କ କାର୍ଯ୍ୟାଳୟରେ ବିଜେଡି ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଦ୍ୱାରା ଓଡ଼ିଶାର ସିଜିମାଳିରେ ବକ୍ସାଇଟ୍ ଖଣି ପ୍ରକଳ୍ପକୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଏବଂ ଆଦିବାସୀଙ୍କ ଉପରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ସମ୍ପର୍କିତ ଘଟଣାକୁ ନେଇ ଆବେଦନ ଗ୍ରହଣ କରିଛନ୍ତି। ମାମଲା ରୁଜୁ କରିବା, ନୋଟିସ୍ ଜାରି କରିବା ଏବଂ ଜବାବ ମାଗିବା ସମେତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ପ୍ରତିଶ୍ରୁତି ଦେଇଛନ୍ତି ଜାତୀୟ ଅନୁସୂଚିତ ଜନଜାତି କମିଶନ। ଏହା ଅନୁଯାୟୀ, ଏନସିଏସଟିରୁ ଏକ ଦଳ ସିଜିମାଳି ଗସ୍ତ କରିପାରିବେ। ଡକ୍ଟର ସସ୍ମିତ ପାତ୍ରଙ୍କୁ ଜାତୀୟ ଅନୁସୂଚିତ ଜନଜାତି କମିଶନଙ୍କ ସମ୍ମୁଖରେ ଏହି ମାମଲାର ଆବେଦନକାରୀ ଭାବରେ ସୂଚନା ପ୍ରଦାନ କରାଯିବ ଏବଂ ଅଧ୍ୟକ୍ଷ ବ୍ୟକ୍ତିଗତ ଭାବରେ ଏହି ମାମଲାର ଶୁଣାଣି କରିବେ। ସୂଚନାନୁଯାୟୀ, ରାୟଗଡ଼ା ଜିଲା ସିଜିମାଳିରେ ପ୍ରସ୍ତାବିତ ବକ୍ସାଇଟ୍ ଖଣି ପ୍ରକଳ୍ପକୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଏବଂ ଆଦିବାସୀଙ୍କ ଉପରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ଜାତୀୟ ଅନୁସୂଚିତ ଜନଜାତି କମିଶନଙ୍କ ନିକଟରେ ଏକ ପିଟିସନ ଦାଖଲ କରିଥିଲେ ସାଂସଦ ଡ. ସସ୍ମିତ ପାତ୍ର। ତୁରନ୍ତ ଏହି ଘଟଣାକୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଉ ଏବଂ ତଦନ୍ତ କରାଯାଉ ବୋଲି ସସ୍ମିତ୍ କହିଥିଲେ। ଆହୁରି ମଧ୍ୟ ସେ କହିଥିଲେ ମୁଁ ଜାତୀୟ ଅନୁସୂଚିତ ଜନଜାତି ଅଧ୍ୟକ୍ଷଙ୍କୁ ମୁଁ ଭେଟିବାକୁ ଚେଷ୍ଟା କରିଥିଲି। କିନ୍ତୁ ସେ ମଧ୍ୟପ୍ରଦେଶ ଯାଇଥିଲେ। ମୁଁ ତାଙ୍କୁ ଫୋନରେ ଯୋଗାଯୋଗ କରିଥିଲି। ସେ ମୋ ସହ ବହୁ ଆଦର ଏବଂ ସମ୍ମାନର ସହ କଥା ହୋଇଥିଲେ। ମୁଁ ତାଙ୍କୁ ସିଜିମାଳି ଘଟଣା ବିଷୟରେ ସମ୍ପୂର୍ଣ୍ଣ ଅବଗତ କରିଥିଲି। ସେ ତାଙ୍କୁ ଇମେଲ କରିଥିବା କଥା ମଧ୍ୟ କହିଥିଲେ।

# 'ନାରୀଶକ୍ତି ବନ୍ଦନା ଚିଠା'କୁ ନେଇ ବିଜେପି ଓ ବିରୋଧୀ ମୁହାଁମୁହିଁ

ଭୁବନେଶ୍ୱର, ୨୫/୦୪ (ଜେଏନଏସ) : ସଂସଦରେ ମହିଳାଙ୍କ ନିମନ୍ତେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣକୁ ନେଇ କେନ୍ଦ୍ର ବିଜେପି ସରକାରଙ୍କ ପକ୍ଷରୁ ଲୋକସଭାରେ ଉପସ୍ଥାପିତ କରାଯାଇଥିବା ନାରୀଶକ୍ତି ବନ୍ଦନା ଚିଠା ଆବଶ୍ୟକ ଭୋଟ ନପାଇ ଖାରଜ ହୋଇଯାଇଛି। ଏହାପରେ ଏହାକୁ ନେଇ ବିଜେପି ଏବଂ ବିରୋଧୀ ବିଜେଡି ଓ କଂଗ୍ରେସ ପରସ୍ପରକୁ କାଦୁଅ ଫିଙ୍ଗିବା ଆରମ୍ଭ କରିଛନ୍ତି। ବିଜେଡି ଏକ ସାମ୍ବାଦିକ ସମ୍ମିଳନୀରେ ମହିଳା ସଂରକ୍ଷଣ ବିଲ୍ ପଛରେ ବିଜେପିର ମନ୍ଦ ଉଦ୍ଦେଶ୍ୟ ଥିଲା ବୋଲି ଅଭିଯୋଗ କରିଥିବା ବେଳେ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଓଡ଼ିଶାର ସାଂସଦଙ୍କ ଆସନ ସଂଖ୍ୟା ବୃଦ୍ଧି ପାଇଲେ ବିଜେଡିକୁ ଅସୁବିଧା କାହିଁକି ବୋଲି ପ୍ରଶ୍ନ ପଚାରିଛନ୍ତି। ରବିବାର ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଉପସଭାପତି ସଞ୍ଜୟ ଦାସବର୍ମା, ଗଣମାଧ୍ୟମ ସଂଯୋଜକ ଲେନିନ୍ ମହାନ୍ତି କହିଛନ୍ତି, ତିନି ବର୍ଷ ଧରି ମହିଳା ସଂରକ୍ଷଣ ବିଲ୍ ସଂସଦର ଉଭୟ ସଦନରେ ପାରିତ ହୋଇ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇସାରିଥିଲେ ମଧ୍ୟ କେନ୍ଦ୍ର ସରକାର ଗେଜେଟ ନୋଟିଫିକେସନ କାହିଁକି କରିନଥିଲେ । ମହିଳା ସଂରକ୍ଷଣ ବାବଦରେ ବିଜୁ ଜନତା ଦଳର ଆଭିମୁଖ୍ୟ ଅତ୍ୟନ୍ତ ସ୍ପଷ୍ଟ। ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଦୂରଦୃଷ୍ଟି ସଂପର୍ଣ୍ଣ ନେତୃତ୍ୱ ଲାଗି ସାରା ଦେଶରେ ପ୍ରଥମ ଥର ପାଇଁ ମହିଳାମାନେ ପଞ୍ଚାୟତ ଓ ସ୍ଥାନୀୟ ପୌର ପ୍ରଶାସନରେ ୩୩ ପ୍ରତିଶତ ସଂରକ୍ଷଣ ପାଇପାରିଥିଲେ । ଭାରତ ସରକାରଙ୍କ ଜନସଂଖ୍ୟା ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ନିଷ୍ଠାର ସହ ଅନୁପାଳନ କରି ଜନସଂଖ୍ୟା ନିୟନ୍ତ୍ରଣରେ ଓଡିଶା ସଫଳ ହୋଇଥିବାରୁ ୨୦୧୧ ଜନଗଣନା ଅନୁସାରେ ଯଦି ଡିଲିମିଟେସନ ହୋଇଥାଆନ୍ତା ତେବେ ଓଡିଶାର ଆସନ ସଂଖ୍ୟା ଆନୁପାତିକ ଭାବେ ହ୍ରାସ ପାଇଥାଆନ୍ତା । ତେଣୁ ବିଜୁ ଜନତା ଦଳ ଏଭଳି ଏକ ଏକଛତ୍ରବାଦୀ ଓ ଓଡିଶା ସ୍ୱାର୍ଥ ବିରୋଧୀ ଡିଲିମିଟେସନ ବିଲକୁ ବିରୋଧ କଲା । ଅପରପକ୍ଷରେ, ଏହାର ପ୍ରତିକ୍ରିୟାରେ ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ସଂସଦରେ ଓଡ଼ିଶାର ପ୍ରତିନିଧିତ୍ୱ ପ୍ରାୟ ୫୦ ପ୍ରତିଶତ ବୃଦ୍ଧି ପାଇବ। ଏଭଳି ସାକାରତ୍ମକ ସମ୍ଭାବନାକୁ ବିଜେଡି ଓ ଅନ୍ୟ ବିରୋଧୀ ଦଳ କାହିଁକି ବିରୋଧ କରୁଛନ୍ତି ? ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଣମାଧ୍ୟମକୁ ଦେଇଥିବା ବିବୃତ୍ତି ଆଶ୍ଚର୍ଯ୍ୟଜନକ । ତାଙ୍କ ଭଳି ବ୍ୟକ୍ତିଙ୍କ ବକ୍ତବ୍ୟ ଓଡ଼ିଶାବାସୀଙ୍କ ମନରେ ଭ୍ରମ ତିଆରି କରୁଛି । ସେ ଯେଉଁ କଥା କହିଛନ୍ତି, ତାହା ଭିତ୍ତିହୀନ ଓ ହାସ୍ୟାସ୍ପଦ ଭଳି ମନେହେଉଛି । ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ମାଧ୍ୟମରେ ସଂସଦ ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ସୁନିଶ୍ଚିତ କରିଛନ୍ତି।

# ଯୁବବର୍ଗଙ୍କ ଆକାଂକ୍ଷାକୁ ପ୍ରତିଫଳିତ କରିଛି ଧରିତ୍ରୀ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫/୦୪ (ଜେଏନଏସ) : ଓଡ଼ିଶା ପୋଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ବିଜନେସ ଏମିନେନ୍ସ ଆୱାର୍ଡସ ୨୦୨୬ର ଷଷ୍ଠ ସଂସ୍କରଣ ଗୁରୁବାର ଭୁବନେଶ୍ୱରର ହୋଟେଲ ସ୍ୱସ୍ତି ପ୍ରିମିୟମରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଶିଳ୍ପ, ଦକ୍ଷତା ବିକାଶ ତଥା ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଛନ୍ତି। ଓଡ଼ିଶାର ବ୍ୟବସାୟ ଓ ଶିଳ୍ପଜଗତର ଦୃଢ଼ସଂକଳ୍ପ ନବସୃଜନର ଉଦ୍ୟେଗୀଙ୍କୁ ସମ୍ମାନିତ କରୁଥିବା ଧରିତ୍ରୀ ଓ ଓଡ଼ିଶାପୋଷ୍ଟକୁ ମୁଁ ଆନ୍ତରିକତାର ସହ ସ୍ୱାଗତ କରୁଛି। ଏହି ପୁରସ୍କାର ସଫଳତାର ଉତ୍ସବ ନୁହେଁ ଏହା ହେଉଛି ସାହସ, ସଂଘର୍ଷ ଓ ଆତ୍ମବିଶ୍ୱାସ, ନିଷ୍ଠା ଓ ଉଦ୍ୟୋଗୀ ମନୋଭାବର ଏହା ହେଉଛି ବଡ଼ ସମ୍ମାନ। ଜଣେ ସଫଳ ବ୍ୟବସାୟୀ ପଛରେ ରହିଥାଏ ଅନିଦ୍ରା ରାତି, ଅସଂଖ୍ୟ ପ୍ରୟାସ ଓ ଆହ୍ୱାନର ମୁକାବିଲା। ଯେଉଁମାନେ ଶୂନରୁ ଆରମ୍ଭ କରି ଶିଖରରେ ପହଞ୍ଚନ୍ତି ସେମାନେ ଆମପାଇଁ ଓ ଉଦ୍ୟୋଗୀ ସମାଜ ପାଇଁ ସଫଳତାର ଉତ୍ସ। ଏହି ଆୱାର୍ଡ କରିଥିବାରୁ ମୁଁ ଧରିତ୍ରୀ ପରିବାରକୁ ଓ ତଥାଗତ ସତପଥୀଙ୍କୁ ଧନ୍ୟବାଦ ଜଣାଉଛି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଧରିତ୍ରୀ ସବୁବେଳେ ଯୁବବର୍ଗର ଆକାଂକ୍ଷାକୁ ପ୍ରତିଫଳିତ କରିଆସିଛି। ଧରିତ୍ରୀ ଖବରକାଗଜର ରୂପରେଖ ଏବଂ ସମ୍ବାଦ ପରିବେଷଣର ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର ଓ ଭିନ୍ନ। ଯାହା ବର୍ଷବର୍ଷ ଧରି ପାଠକଙ୍କୁ ବାନ୍ଧି ରଖିବାରେ ସମର୍ଥ ହୋଇପାରିଛି। ଓଡ଼ିଶା ଆଜି ଦ୍ରୁତଗତିରେ ଅଭିବୃଦ୍ଧି କରୁଥିବା ରାଜ୍ୟମାନଙ୍କ ମଧ୍ୟରେ ଅନ୍ୟତମ। ରାଜ୍ୟମାନଙ୍କ ସହ ଆମେ ପ୍ରତିଯୋଗିତାରେ ଅଛୁ। ଶିଳ୍ପ କ୍ଷେତ୍ରରେ ଆମେ ବଡ଼ବଡ଼ ଇଣ୍ଡଷ୍ଟ୍ରିକୁ ଧ୍ୟାନଦେବା ସହ ଏଣ୍ଟରପ୍ରାଇଜ୍ ଓ ଏମଏସଏମି କଥାକୁ କେବେ ଅଣଦେଖା କରିନାହୁଁ। ଭାରତର ସବୁ ଉଦ୍ୟୋଗୀଙ୍କୁ ଓଡ଼ିଶାକୁ ଆଣି ଏବେ ସଫଳ ହେବାକୁ ଯାଉଛୁ। ଏବଂ ଏଥିରେ ଓଡ଼ିଆ ଉଦ୍ୟୋଗୀଙ୍କୁ କେବେ ପଛରେ ରଖିନାହୁଁ। ଓଡ଼ିଶା ନୁହେଁ ଓରିଶା ଯାହା ପୂର୍ବରୁ ଥିଲା ତାହା ଆମକୁ ସଫଳ ନେତୃତ୍ୱ ଦେଇପାରିଛି। ତେଣୁ 'ଓରିଶା ପୋଷ୍ଟ ନାଁ ରଖିବା ପ୍ରଶଂସନୀୟ'। ଉଦ୍ୟୋଗୀଙ୍କୁ ଖୋଜି ତାଙ୍କୁ ସମ୍ମାନିତ କରିଥିବାରୁ ତଥାଗତ ସତପଥୀଙ୍କୁ ଧନ୍ୟବାଦ ଜଣାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଆଭାସୀ କ୍ଲାସ୍‌ରୁମ୍ ପ୍ରକଳ୍ପ ଟେଣ୍ଡର ଦୁର୍ନୀତି ଓକାକ୍‌କୁ ରିପୋର୍ଟ ମାଗିଲେ ମନ୍ତ୍ରୀ

ଭୁବନେଶ୍ୱର, ୨୫/୦୪ (ଜେଏନଏସ) : ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଦ୍ୱାରା ଅଣା ଯାଇଥିବା ଆଭାସୀ କ୍ଲାସରୁମ ପ୍ରକଳ୍ପ ଟେଣ୍ଡର ଦୁର୍ନୀତି ଘଟଣାର ଅଭିଯୋଗ ଉପରେ ସ୍ପଷ୍ଟୀକରଣ ରଖିବା ସହ ଓଡିଶା କମ୍ପୁଟର ଆପ୍ଲିକେସନ ସେଣ୍ଟର (ଓକାକ)କୁ ଆକ୍ସନ ଟେକେନ ରିପୋର୍ଟ ମାଗିଛନ୍ତି ଇଲେକ୍ଟ୍ରୋନିକ୍ସ



ଓ ଆଇଟି ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ । ପ୍ରସଙ୍ଗ ସମ୍ପର୍କରେ ନିଜ ପ୍ରତିକ୍ରିୟାରେ ଗଣମାଧ୍ୟମକୁ ମନ୍ତ୍ରୀ କହିଛନ୍ତି, ଏହି ଅଭିଯୋଗ ସଂପୂର୍ଣ୍ଣ ଭିତ୍ତିହୀନ। ଓଡିଶା କମ୍ପୁଟର ଆପ୍ଲିକେସନ ସେଣ୍ଟର (ଓକାକ) ଏକ ସ୍ୱୟଂଶାସିତ ଅନୁଷ୍ଠାନ। ଏହା ସୋସାଇଟି ରେଜିଷ୍ଟ୍ରେସନ ଆକ୍ଟ ୧୮୬୦ ଅନୁସାରେ ଗଠିତ ଯେଉଁଥିରେ ଚେୟାରମ୍ୟାନ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ସଚିବ ଅଛନ୍ତି। ଆଭାସୀ କ୍ଲାସରୁମ ପ୍ରକଳ୍ପ ଟେଣ୍ଡର ଦୁର୍ନୀତି ଘଟଣା ବିଷୟରେ ସେ ଯେତେବେଳେ ଜାଣିଲେ ୭ ଦିନ ଭିତରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଆକ୍ସନ ଟେକେନ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ଯେ, ବିଭିନ୍ନ ବିଭାଗର ଆଇ.ଟି. ସମ୍ବନ୍ଧିତ କାମ ଓକାକ ଦ୍ୱାରା ସମ୍ପାଦିତ ହେଉଥାଏ । ଏଥିରେ ହେଉଥିବା କାମ ଓକାକ ଚେୟାରମ୍ୟାନ ଦ୍ୱାରା ସିଧାସଳଖ ଅନୁମୋଦନ ହୋଇଥାଏ । ସେ କହିଛନ୍ତି ଯେ ତାଙ୍କରି ସରକାର ଦୁର୍ନୀତି କୁ ପ୍ରଶ୍ରୟ ଦିଏ ନାହି । ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ଏହି ସଂସ୍ଥା ରେ କିପରି ସୁଧାର ଅଣାଯାଇ ହେବ ସେ ବିଷୟରେ ଆଲୋଚନା କରିବେ । ଏଥିରେ ଯେଉଁ ମାନେ ଦୋଷୀ ସାବ୍ୟସ୍ତ ହେବେ ସେମାନଙ୍କ ବିରୋଧ ରେ କୋଠର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ନୀଳାଚଳ କୃଷକ ମହାସଂଘର ପ୍ରତିଷ୍ଠା ଦିବସ ତଥା ପବିତ୍ର ଅକ୍ଷୟ ତୃତୀୟା ଉତ୍ସବ ପାଳନ



ପୁରୀ,୨୫/୦୪ (ଜେଏନଏସ) : ନୀଳାଚଳ କୃଷକ ମହାସଂଘର ୪୧ ତମ ପ୍ରତିଷ୍ଠା ଦିବସ ତଥା ପବିତ୍ର ଅକ୍ଷୟ ତୃତୀୟା ଉତ୍ସବ ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ବନାଖଣ୍ଡି ଗ୍ରାମପଂଚାୟତ ଅଧୀନରେ ଥିବା ଶାରଡ଼ା ଠାରେ ମହାସଂଘର ରାଜ୍ୟ ସଭାପତି ଗୋପୀନାଥ ମିଶ୍ରଙ୍କ ସଭାପତିତ୍ୱରେ ମହାସମାରୋହରେ ପାଳନ ହୋଇଯାଇଛି। ଉକ୍ତ ଉତ୍ସବରେ ଡ଼ା ସୁବାଷ ଛେତ୍ରୀ, ନିର୍ଦ୍ଦେଶକ, ଖଦୀ ଓ ଗ୍ରାମୋଦୟ ଆୟୋଗ, ଉଦଘାଟକ ଓ ଡ଼ା ସୁକାନ୍ତ କୁମାର ଷଡ଼ଙ୍ଗୀ, ବରିଷ୍ଠ ବୈଜ୍ଞାନିକ, କେନ୍ଦ୍ରୀୟ ମହିଳା କୃଷିରତ ଗବେଷଣା ସଂସ୍ଥାନ, ଭାରତ ସରକାର, ଭୁବନେଶ୍ୱର, ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ଶ୍ରୀଯୁକ୍ତ ବ୍ରଜକିଶୋର ତ୍ରିପାଠୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ରାଷ୍ଟ୍ରୀୟ ଅଧ୍ୟକ୍ଷ, ଓଡ଼ିଆ ଚାଷୀ ସୁରକ୍ଷା ଅଭିଯାନ, ଭୁବନେଶ୍ୱର, ମୁଖ୍ୟ ଅତିଥି, ଅକ୍ଷୟ କୁମାର ଦାସ, ବରିଷ୍ଠ ଆଇନଜୀବୀ ତଥା ଆବାହକ ଜଳ ସୁରକ୍ଷା ସମିତି, କଟକ, ସ୍ୱତନ୍ତ୍ର ନିମନ୍ତ୍ରିତ, ଅତିଥି ଗୁରୁ ପ୍ରସାଦ ମହାନ୍ତି, ବରିଷ୍ଠ ଆଇନଜୀବୀ ତଥା ଅଧ୍ୟକ୍ଷ, ନବ ଜୀବନ ମଣ୍ଡଳ ସମ୍ମାନିତ ଅତିଥି ଓ ପ୍ରଫେସର ଡାଃ ଅଦ୍ୱୈତ କୁମାର ପାତ୍ର, ଓଡିଶା କୃଷି ଓ ବୈଷୟି ବିଦ୍ୟାଳୟ ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ ଓ ଅତିଥିମାନଙ୍କ ଦ୍ୱାରା ଆଖୁମୁଠି ଆନୁକୂଳ କାର୍ଯ୍ୟକ୍ରମ କରାଯାଇଥିଲା । ସନ ୧୯୮୫ ମସିହାରୁ ମହାସଂଘ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଅହରହ କାର୍ଯ୍ୟ କରୁଥିବାରୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ । ସ୍ୱାଧୀନତାର ୭୯ ବର୍ଷ ବିତିଯାଇଥିଲେ ମଧ୍ୟ କୃଷକଙ୍କ ପାଇଁ ଏକ ସ୍ୱତନ୍ତ୍ର ନୀତି ପ୍ରଣୟନ ନ ହୋଇପାରିବା, ଜୟ ଯବାନ, ଜୟ କିଷାନ ନାରା ଦେଉଥିବା ସରକାର ଚାଷୀମାନଙ୍କୁ ସମାନ ଭାବେ ସୁବିଧା ସୁଯୋଗ ଯୋଗାଇ ନଦେବା, ଚାଷୀ ମାନଙ୍କର ମୌଳିକ ସୁବିଧା ପୂରଣ କରିବାରେ ସରକାରଙ୍କ ପଶ୍ଚାତପଦ, ଆବଶ୍ୟକୀୟ, ଶସ୍ୟ ସଂରକ୍ଷଣ, ଶୀତଳ ଭଣ୍ଡାର ନିର୍ମାଣ, ବିକ୍ରିବଟା ପାଇଁ ବଜାରର ବ୍ୟବସ୍ଥା ସୃଷ୍ଟି ନ କରିବା ଯୋଗୁଁ ଚାଷୀ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ପାଇପାରୁନାହାନ୍ତି ବୋଲି ଶ୍ରୀ ଅକ୍ଷୟ କୁମାର ଦାସ ପ୍ରକାଶ କରିଥିଲେ । ରାଜନୈତିକ ଦଳମାନଙ୍କ ଉପରେ ଖର୍ଚ୍ଚର ଅଙ୍କୁଶ ଲାଗୁ ହେବା ସହିତ ତାଙ୍କ ଠାରୁ ଆୟକର ଏବଂ ଜିଏସଟି ଆଦାୟ କରିବା ପାଇଁ ବିଧିବଦ୍ଧ ଆଇନ ଆଣିବା ପାଇଁ ନିରଞ୍ଜନ ମହାପାତ୍ର ଅଧ୍ୟକ୍ଷ, ପରାମର୍ଶ ଦାତା କମିଟି ପ୍ରକାଶ କରିଥିଲେ । ଯଦି ଚାଷୀମାନେ ସ୍ୱାଧୀନତା ପୂର୍ବର ସିପାହୀଙ୍କ ଭଳି ଜାଗ୍ରତ ନ ହେବେ କେବଳ ମତଦାତା ହୋଇ ରହିଯିବେ ଏବଂ ରାଜନୈତିକ ଦଳମାନଙ୍କ ଉପରେ ତୀକ୍ଷ୍ଣ ନଜର ନ ରଖିବେ ତାହାହେଲେ ଦେଶର ଅର୍ଥନୀତି ସମ୍ପୂର୍ଣ୍ଣ ଭାବେ ବିଗିଡି ଯିବ ଏବଂ ଆମ ଦେଶର ଅର୍ଥନୀତି ରସାତଳଗାମୀ ହୋଇଯିବ, ଯାହା ଫଳରେ ଧନୀ ଦିନକୁ ଦିନ ଧନୀ ହେଉଥିବା ବେଳେ ଗରିବ ଦିନକୁ ଦିନ ଗରିବ ହେବ ଏବଂ ଗରିବଙ୍କ ସଂଖ୍ୟା ଭାରତ ବର୍ଷରେ ଦିନକୁ ଦିନ ଦ୍ରୁତ ଗତିରେ ବଢିଚାଲିଛି ବୋଲି ମୁଖ୍ୟ ଅତିଥି ବ୍ରଜକିଶୋର ତ୍ରିପାଠୀ ମତପୋଷଣ କରିଥିଲେ । ପୁରୀ ଜିଲ୍ଲାର ମୁଖ୍ୟ ସମସ୍ୟା ଜଳସେଚନ, ଜଳ ନିଷ୍କାସନ, ଜଳ ସଂରକ୍ଷଣ, ବନ୍ୟା ନିୟନ୍ତ୍ରଣ, ଶସ୍ୟ ସଂରକ୍ଷଣ, ଶୀତଳ ଭଣ୍ଡାର ନିର୍ମାଣ, ନିୟନ୍ତ୍ରିତ ବଜାର କମିଟି, ସାକ୍ଷୀଗୋପାଳ ଓ ନିମାପଡ଼ାକୁ ସଠିକ ଭାବେ ପରିଚାଳନା, ଆବଶ୍ୟକୀୟ ବିହନ, ଋଣ ଓ ସାର ସଠିକ ସମୟରେ ଯୋଗାଣ, ବାତ୍ୟାରୁ ରକ୍ଷା ପାଇବା ପାଇଁ ଆବଶ୍ୟକୀୟ ବୃକ୍ଷରୋପଣ ପ୍ରଭୃତି ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଆବଶ୍ୟକ ପଦକ୍ଷେପ ସରକାର ଗ୍ରହଣ କରିବା ସହିତ କେନ୍ଦ୍ର ଓ ରାଜ୍ୟ ସରକାର କୃଷକମାନଙ୍କ ପାଇଁ ଯେଉଁ ବ୍ୟବସ୍ଥା ଗ୍ରହଣ କରିଛନ୍ତି ତାହା ପର୍ଯ୍ୟାପ୍ତ ନୁହେଁ କିନ୍ତୁ ସେହି ସବୁ ସୁବିଧା ପ୍ରକୃତ ଚାଷୀମାନଙ୍କୁ ଦେବା ପାଇଁ ସରକାର ସ୍ୱତନ୍ତ୍ର ନୀତି ପ୍ରଣୟନ କରି ତାହା ପ୍ରକୃତ ଚାଷୀଙ୍କୁ ପ୍ରଦାନ କରାଯାଉ ବୋଲି ରାଜ୍ୟ ସଭାପତି ଶ୍ରୀ ଗୋପୀନାଥ ମିଶ୍ର ପ୍ରକାଶ କରିଥିଲେ । ନିର୍ଦ୍ଦେଶକ, ଖଦୀ ଓ ଗ୍ରାମୋଦୟ ଆୟୋଗ, ଭୁବନେଶ୍ୱର ଓ ବରିଷ୍ଠ ବୈଜ୍ଞାନିକ ଡ଼ା ସୁକାନ୍ତ କୁମାର ଷଡ଼ଙ୍ଗୀ ଓ ପ୍ରଫେସର ଡ଼ା ଅଦୈତ କୁମାର ପାତ୍ର, ଓ. ୟୁ. ଏ. ଟି ଉପସ୍ଥିତ ଚାଷୀମାନଙ୍କୁ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଯୋଜନା ଓ କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ । ଚାଷୀ ବା କୃଷକ ଭଳି ନାମକୁ ପରିବର୍ତ୍ତନ କରି ସରକାର କୃଷକମାନଙ୍କୁ ଅନ୍ନଦାତା ବୋଲି ବିଧିବଦ୍ଧ ଭାବେ ଘୋଷଣା କରନ୍ତୁ ବୋଲି ସମ୍ପାଦକ ବିପ୍ଳବର ପାତ୍ର ପ୍ରକାଶ କରିଥିଲେ । ବିଭିନ୍ନ କ୍ଷେତ୍ରରେ ସଫଳ ଅର୍ଜନ କରିଥିବା ୯ ଜଣ ସଫଳ ବ୍ୟକ୍ତିତ୍ୱ ଯଥା: ଶକୁନ୍ତଳା ବିଶ୍ୱାଳ, ବିନୋଦିନୀ ପରିଡା, ସୌଦାମିନୀ ସାହୁ, ଭଗବାନ ଜେନା, କାମଦେବ ବିଶ୍ୱାଳ, ଘନଶ୍ୟାମ ପରିଡା, ବ୍ରଜବନ୍ଧୁ

# ସଂସଦ ଓ ବିଧାନସଭାରେ ମହିଳାଙ୍କ ସଂରକ୍ଷଣ ଚାହୁଁନି କଂଗ୍ରେସ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୫/୦୪ (ଜେଏନଏସ) : 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଂଗ୍ରେସ ଏବଂ ଅନ୍ୟ ବିରୋଧୀ ଦଳଗୁଡ଼ିକୁ ଟାର୍ଗେଟ କରିଛନ୍ତି। ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ କହିଛନ୍ତି, ଆଜିର ଦିନରେ ନାରୀ ସବୁ କ୍ଷେତ୍ରରେ ପାରଦର୍ଶିତା ଦେଖାଇ ପାରିଛନ୍ତି। ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶରେ ପ୍ରାୟତଃ ଅଧା ସଂଖ୍ୟା ହେଉଛନ୍ତି ମହିଳା। ରାଜନୀତିରେ ପ୍ରବଳ ଭାଗିଦାରୀ ପାଇଁ ମୋଦୀ ସରକାର ମହିଳାଙ୍କ ପାଇଁ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ବିଲ୍ ଆଣିଥିଲେ। କିନ୍ତୁ ସଂସଦ ଓ ବିଧାନସଭାରେ କଂଗ୍ରେସ ନାରୀଙ୍କ ପ୍ରତିନିଧିତ୍ୱ ବୃଦ୍ଧି ଚାହୁଁ ନାହିଁ। କାରଣ ବିଲ୍ ପାସ୍ ହୋଇଥିଲେ ୨୭୨ ମହିଳା ସଂସଦକୁ ନିର୍ବାଚିତ ହୋଇଥାନ୍ତେ। ମୁଖ୍ୟମନ୍ତ୍ରୀ କହିଛନ୍ତି, ମାତୃଶକ୍ତିକୁ ସଶକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଶପଥ ନେଇ ସାରିଛନ୍ତି। ସେ ଯେଉଁ କାମ କରିବା ପାଇଁ ସଂକଳ୍ପ ନେଇଥାନ୍ତି, ତାକୁ ସଫଳ କରିବାରେ ଆଦୌ ପଛଘୁଞ୍ଚା ଦେବେ ନାହିଁ। ଯେଉଁମାନେ ଆଜି ଭାବୁଛନ୍ତି ଆମେ ଏହାକୁ ରୋକି ଦେଲୁ। ସେମାନେ ତାହା ଭୁଲ୍ ବୁଝିଛନ୍ତି। ମହିଳାମାନେ ଲ' ମେକର ହେବେ। ବିରୋଧୀମାନେ ପଛଘୁଞ୍ଚା ଦେବେ। ପ୍ରଧାନମନ୍ତ୍ରୀ ମୋଦୀ ନାରୀଶକ୍ତି ବନ୍ଦନ ଅଧୀନିୟମ ୨୦୨୯ରେ ଲାଗୁ କରିବା ପାଇଁ ସଂସଦରେ ଆଇନ ଆଣିଥିଲେ। ୨୦୪୭ରେ ବିକଶିତ ଭାରତର ଗଠନ ପାଇଁ ମହିଳାମାନଙ୍କୁ ସାସାଜିକ, ଆର୍ଥିକ ଭାବରେ ସମାନ ଅଧିକାର ଦେବାର ଲକ୍ଷ୍ୟ ରଖାଯାଇଛି। ଆଗାମୀ ଦିନରେ କଂଗ୍ରେସ ଏବଂ ଅନ୍ୟ ବିରୋଧୀମାନଙ୍କୁ ମହିଳାମାନେ ଉଚିତ ଜବାବ ଦେବେ। ମୁଖ୍ୟମନ୍ତ୍ରୀ କହିଛନ୍ତି, ବିରୋଧୀମାନେ ମହିଳା ସଶକ୍ତିକରଣ ମୁଖା ପିନ୍ଧି କେବଳ ଭାଷଣ ଦେଉଛନ୍ତି। କିନ୍ତୁ ସଂସଦରେ ସେମାନଙ୍କ ଅସଲ ଚେହେରା ସାମ୍ନାକୁ ଆସିଛି। ଲ ମେକିଙ୍ଗ ପାଇଁ ବିରୋଧୀ ମହିଳାଙ୍କୁ ସୁଯୋଗ ଦେଉନାହାନ୍ତି। ବିରୋଧୀ ଭାବୁଛନ୍ତି ଯେ ଏହି ବିଲ୍ ଆଉ ଆସିପାରିବ ନାହିଁ। କଂଗ୍ରେସ କହିଲେ ଦୁଇ ଜଣଙ୍କୁ ବୁଝାଏ। ଜଣେ ସୋନିଆ ଗାନ୍ଧୀ ଏବଂ ଅନ୍ୟ ବ୍ୟକ୍ତି ପ୍ରିୟଙ୍କା ଗାନ୍ଧୀ। ସେହିପରି ସମାଜବାଦୀ ପାର୍ଟିର ମୁଖ୍ୟ ଡିମ୍ପଲ ଯାଦବ ମଧ୍ୟ ଏହି ବିରୋଧରେ ଥିଲେ। ଆନ୍ତରିକତାର ଅଭାବ ପାଇଁ ବିରୋଧୀ ଏହି ପରିସ୍ଥିତି କରିଛନ୍ତି। ବିଲ୍ ପ୍ରସଙ୍ଗରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଜେଡିକୁ ଟାର୍ଗେଟ୍ କରିଛନ୍ତି। ବିଜେପି ଏହି ବିରୋଧର ସ୍ୱରକୁ ପାର୍ଲିଆମେଣ୍ଟରୁ ପଞ୍ଚାୟତ ଯାଏଁ ନେବ ବୋଲି କହିଛନ୍ତି। ଇଣ୍ଡି ମେଣ୍ଟରେ ମିଶି ଓଡ଼ିଶାରୁ ମଧ ଏହାକୁ ଯେଉଁମାନେ ବିରୋଧ କରିଛନ୍ତି ସେମାନଙ୍କୁ ମଧ ଉଚିତ୍ ଜବାବ୍ ଦିଆଯିବ। ଗତକାଲି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଭିଭାଷଣ ଆପଣ ଶୁଣିଥିଲେ। ଯେଉଁଥିରେ ପ୍ରଧାନମନ୍ତ୍ରୀଙ୍କ ବେଦନା ଓ ମାତୃଶକ୍ତି ପ୍ରତି ତାଙ୍କ ସମବେଦନା ଥିଲା। ବିରୋଧୀଙ୍କ ଚକ୍ରାନ୍ତ ଏଥିରେ ସ୍ପଷ୍ଟ ହୋଇଗଲା। ବିରୋଧୀ ଦେଶର ମାତୃଶକ୍ତିଙ୍କ ପିଠିରେ ଛୁରୀ ଭୁସିଦେଲେ। ସମ୍ବିଧାନ ଦେଖାଇ ବିରୋଧୀ ଦଳ ନେତାଙ୍କୁ କଟାକ୍ଷ କଲେ ବାଂସୁରୀ। ଏହି ସମ୍ବିଧାନକୁ ସବୁବେଳେ ନେତା ପ୍ରତିପକ୍ଷ ଦେଖାଉଛନ୍ତି ତାକୁ କେବେ ପଢିନାହାନ୍ତି। ନାରୀଶକ୍ତି ବନ୍ଦନ ଅଧିନିୟମ ସେପ୍ଟେମ୍ବର ୨୦୨୩ରେ ପାରିତ ହୋଇଥିଲା, ଯାହା ବିଲରେ ପରିଣତ ହେବା ପାଇଁ ଏ ସ୍ୱତନ୍ତ୍ର ଅଧିବେଶନ ଅଣାଯାଇଥିଲା। ଡିଲିମିଟେସନକୁ ନେଇ ନିଜେ ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। କାହାର ଅଧିକାର ଏଥିରେ କ୍ଷୁର୍ଣ୍ଣ କରାଯାଇନାହିଁ। ଏହା ପରେ ମଧ ବିରୋଧୀ ଏହି ବିଲ୍ ଜଲଦି ଅଣାଯାଉଥିବା ଅଭିଯୋଗ କଲେ। ୪୦ବର୍ଷ ଲାଗିଗଲା ଏହାକୁ ଆଣିବାକୁ ଆପଣ କହୁଛନ୍ତି ଜଲଦି ଆସିଲା। ଏହା ଶ୍ରେୟ କିମ୍ବା କ୍ରେଡିଟ ର ଲଢ଼େଇ ନଥିଲା।

# ସ୍କିମାଟିକ୍ ଶିକ୍ଷକଙ୍କ ନିୟମିତ ଉପରେ ରହିତାଦେଶ

ଭୁବନେଶ୍ୱର, ୨୫/୦୪ (ଜେଏନଏସ) : ପୂର୍ବରୁ ନିଯୁକ୍ତ ଜୁନିୟର ଶିକ୍ଷକମାନଙ୍କ ବରିଷ୍ଠତାକୁ ଅଣଦେଖା କରି ରାଜ୍ୟ ସରକାର ଗତ ଏପ୍ରିଲ ୨ତାରିଖରେ କେବଳ ସମସ୍ତ ସ୍କିମାଟିକ୍ ଶିକ୍ଷକମାନଙ୍କୁ ନିୟମିତ କରିଥିବାରୁ ଏହା ଉପରେ ଓଡ଼ିଶା ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ପ୍ରାୟ ୧୩ହଜାରରୁ ଅଧିକ ଚୁକ୍ତିଭିତ୍ତିକ ଜୁନିୟର ଶିକ୍ଷକ (ସ୍କିମାଟିକ) ମାନଙ୍କୁ ରାଜ୍ୟ ସରକାର ନିୟମିତ କରିବା ପ୍ରସଙ୍ଗ ଏବେ ଆଇନଗତ ବିବାଦ ଭିତରେ ଫସିଯାଇଛି। ପୂର୍ବରୁ ନିଯୁକ୍ତ ଜୁନିୟର ଶିକ୍ଷକମାନଙ୍କ ବରିଷ୍ଠତାକୁ ଅଣଦେଖା କରି ରାଜ୍ୟ ସରକାର ଗତ ଏପ୍ରିଲ ୨ତାରିଖରେ କେବଳ ସମସ୍ତ ସ୍କିମାଟିକ୍ ଶିକ୍ଷକମାନଙ୍କୁ ନିୟମିତ କରିଥିବାରୁ ଏହା ଉପରେ ଓଡ଼ିଶା ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସରକାରଙ୍କ ଦ୍ୱାରା ଜାରି ବିଜ୍ଞପ୍ତିକୁ କାର୍ଯ୍ୟକାରୀ ନକରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ, ରାଜ୍ୟ ସରକାର ଏପ୍ରିଲ ୨ତାରିଖରେ ସମସ୍ତ ସ୍କିମାଟିକ୍ ଶିକ୍ଷକଙ୍କୁ ନିୟମିତ କରିବା ନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି କରିବା ପରେ ଏହାକୁ ପଂଚାନନ ଜେନା ଓ ଅନ୍ୟମାନେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସରକାରଙ୍କ ଏହି ନିଷ୍ପତ୍ତି ଯୋଗୁ ପୂର୍ବରୁ କାର୍ଯ୍ୟରତ ଥିବା ଜୁନିୟର ଶିକ୍ଷକମାନଙ୍କ ବରିଷ୍ଠତା ପ୍ରଭାବିତ ହେବ ବୋଲି ଦର୍ଶାଇ ଏପ୍ରିଲ ୧୭ତାରିଖରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଯାହାର ଶୁଣାଣି କରି ହାଇକୋର୍ଟ ବିଚାରପତି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ରଙ୍କ ଖଣ୍ଡପୀଠ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ୨୦୨୬ ଏପ୍ରିଲ ୨ତାରିଖରେ ଜାରି ବିଜ୍ଞପ୍ତିକୁ କାର୍ଯ୍ୟକାରୀ ନକରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ପଂଚାନନ ଜେନା ଓ ଅନ୍ୟମାନଙ୍କ ପକ୍ଷରୁ ଓକିଲ କୁନାଲ କୁମାର ସ୍ୱାଇଁ ଯୁକ୍ତି ଦର୍ଶାଇଥିଲେ ଯେ,ତାଙ୍କ ମହକିଲ ୨୦୧୮ ମସିହାରେ ଚୁକ୍ତିଭିତ୍ତିକ ଜୁନିୟର ଶିକ୍ଷକ ଭାବେ ଚାକିରିରେ ଯୋଗ ଦେଇଥିଲେ ଓ ୬ବର୍ଷ ପରେ ଅର୍ଥାତ୍ ୨୦୨୪ ଡିସେମ୍ବର ୧୧ତାରିଖରେ ସେମାନେ ନିୟମିତ ଶିକ୍ଷକ ହୋଇଥିଲେ। କିନ୍ତୁ ରାଜ୍ୟ ସରକାରଙ୍କ ଏପ୍ରିଲ ୨ତାରିଖ ବିଜ୍ଞପ୍ତି ଅନୁସାରେ ୨୦୨୩-୨୪ରେ ନିଯୁକ୍ତି ପାଇଥିବା ଜୁନିୟର ଶିକ୍ଷକ (ସ୍କିମାଟିକ)ମାନଙ୍କୁ ସେମାନଙ୍କ ଯୋଗଦାନ ତାରିଖରୁ ହିଁ ନିୟମିତ ମାନ୍ୟତା ପ୍ରଦାନ କରାଯାଇଛି। ଯାହାକି ସିଧାସଳଖ ୨୦୨୪ ମସିହାରେ ନିୟମିତ ହୋଇଥିବା ଶିକ୍ଷକମାନଙ୍କ ଗ୍ରେଡେସନ୍ ଓ ବରିଷ୍ଠତାକୁ ପ୍ରଭାବିତ କରିବ ବୋଲି ଯୁକ୍ତି ଦର୍ଶାଇଥିଲେ। ସ୍କିମାଟିକ୍ ଶିକ୍ଷକମାନେ ପଛରେ ଚାକିରି କରି ମଧ ବରିଷ୍ଠତାରେ ୨୦୧୮ ମସିହାରେ ନିଯୁକ୍ତି ପାଇଥିବା ଜୁନିୟର ଶିକ୍ଷକଙ୍କଠୁ ଆଗରେ ରହିବେ। ଏହି ଗୁରୁତର ବିଷୟକୁ ବିଚାରକୁ ନେଇ କୋର୍ଟ ୪ ସପ୍ତାହ ସୁଦ୍ଧା ଜବାବ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟ ମଧ୍ୟରେ ସରକାର ନିଜର ଏପ୍ରିଲ ୨ତାରିଖର ବିଜ୍ଞପ୍ତିକୁ କାର୍ଯ୍ୟକାରୀ କରିପାରିବେ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଆସନ୍ତା ଜୁନ୍ ୨୯ତାରିଖରେ ଏହି ମାମଲାର ପରବର୍ତ୍ତୀର ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ମାର୍ଚ୍ଚ ୨୦ତାରିଖରେ ଏହି ସ୍କିମାଟିକ୍ ଶିକ୍ଷକମାନଙ୍କୁ ନିୟମିତକରଣ ନେଇ ଘୋଷଣା କରିଥିଲେ ଓ ଏପ୍ରିଲ ୨ତାରିଖରେ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଥିଲା। ପୂର୍ବର ବିଜେଡି ସରକାର ୨୦୨୩-୨୪ ଶିକ୍ଷାବର୍ଷରେ ଏହି ସ୍କିମାଟିକ୍ ଶିକ୍ଷକମାନଙ୍କୁ ନିଯୁକ୍ତି ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ରହସ୍ୟ ଘେରରେ...

ମିଟର ଜଳସ୍ତରରେ ବୁଡିଗଲା। ଏହି ଜାହାଜରେ ୯୨୦-୯୪୭ ଟନ୍ ଫର୍ନେସ୍ ଅଏଲ୍ ଥିଲା। ଚୀନ୍ ଯିବା ପାଇଁ ବାହାରିଥିଲା। ଏଥିରେ ୧୭ ଜଣ ବାଂଲାଦେଶୀ, ୬ ଜଣ ୟୁକ୍ରେନୀୟ, ୩ ଜଣ ରୁଷୀୟଙ୍କୁ ମିଶାଇ ୨୭ଜଣ କ୍ରୁ ସଦସ୍ୟ ଥିଲେ। କିନ୍ତୁ ଜାହାଜ ବୁଡ଼ିଯିବା ବେଳେ ୨୬ ଜଣଙ୍କୁ ଉଦ୍ଧାର କରାଗଲା, କିନ୍ତୁ ଚିଫ୍ ଇଞ୍ଜିନିୟର ଓଲେକସାଣ୍ଡର ଇଲିୟୁଶଚେଙ୍କୋ ମୃତ୍ୟୁ ବରଣ କଲେ। ୨୦୦୯ ମସିହାରୁ ୨୦୨୬ ମସିହା ପରେ ବି ଆଜିକୁ ୧୭ ବର୍ଷ ହେଲା ଜାହାଜର ଭଗ୍ନାବଶେଷ ସମୁଦ୍ରରେ ପଡିରହିଛି। ଏବେ ଜାହାଜର ମାତ୍ର ୫% ଅଂଶ ପାଣି ଉପରେ ଦେଖାଯାଏ। ବାକି ସମୁଦ୍ର ଭିତରେ ବୁଡିରହିଛି। ଜାହାଜଟି ବୁଡ଼ି ଯିବା ପରେ ପାରାଦୀପ ପୋର୍ଟ ଟ୍ରଷ୍ଟ ପକ୍ଷରୁ ଏତଲା ଦାଏର ଏବଂ କ୍ରାଇମବ୍ରାଞ୍ଚ ତଦନ୍ତ ପରେ ଜଣା ପଡିଥିଲା କି,ଉକ୍ତ ଜାହାଜର ରେଜିଷ୍ଟ୍ରେସନ ସହ ଇନ୍ସୁରାନ୍ସ ଓ ପରମିଟ ମଧ ୬ ମାସ ପୂର୍ବରୁ ସରି ଯାଇଥିଲା। ଏହାକୁ କବାଡିଖାନାକୁ ମଧ ପଠେଇ ଦିଆ ଯାଇଥିଲା। ବୁଡ଼ି ଯାଇଥିବା ଜାହାଜଟିକୁ ପାରାଦ୍ୱୀପ ବନ୍ଦର ଭିତରୁ ଏ ପର୍ଯ୍ୟନ୍ତ ହଟା ଗଲା ନାହିଁ। ଜାହାଜଟିର ଉଦ୍ଧାର କରିବାକୁ ୧୦୦-୧୨୦ କୋଟି ଟଙ୍କା ଖର୍ଚ ହେବ, କିନ୍ତୁ ଜହାଜ ସ୍କ୍ରାପ୍ ବିକିଲେ ମାତ୍ର ୩-୪ କୋଟି ମିଳିବ। ଏତେ ବଡ କ୍ଷତି ଯୋଗୁଁ କେହି ଆଗଉ ନ ଥିବା ଜଣାପଡ଼ିଛି। ଜଗତସିଂହପୁର ଜିଲ୍ଲାପାଳଙ୍କୁ ଦୁର୍ଘଟଣାଗ୍ରସ୍ତ ବିମାନର ଗ୍ରହଣକାରୀ ଭାବେ ଦାୟିତ୍ୱ ଦିଆଯାଇଥିଲା, କିନ୍ତୁ ଅର୍ଥ ଅଭାବରୁ କାମ ହୋଇପାରି ନାହିଁ। ଜାହାଜଟି ପାଣି ତଳେ ୪ ଫୁଟ ଗଭୀରରେ ଥିବା ଜାହାଜ ମାଛଧରା ଟ୍ରଲର ଓ ଅନ୍ୟ ଜାହାଜ ପାଇଁ ବିପଦ ସୃଷ୍ଟି କରୁଥିବା ବେଳେ ଅନେକ ଟ୍ରଲର ଧକ୍କା ଖାଇ ଦୁର୍ଘଟଣା ହେଲାଣି। ଆହୁରି ମଧ୍ୟ ତେଲ ଲିକ୍ ଯୋଗୁଁ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଓ ଭିତରକନିକା ଜାତୀୟ ଉଦ୍ୟାନ ପାଇଁ ବିପଦ ରହିଛି। ୨୦୦୯ରେ ୟୁଏସ କମ୍ପାନୀ ରିଜଲ୍ଭ ମେରାଇନ୍ ଗ୍ରୁପ୍‌କୁ ୧୭.୫ କୋଟି ଦେଇ ୯୪୫ ଟନ୍ ତେଲ କଢାଯାଇଥିଲା। ଜାହାଜଟିର ଭଗ୍ନାବଶେଷ କୃତ୍ରିମ ବ୍ରେକ୍ ୱାଟର୍ ଭଳି କାମ କରୁଛି, ଯାହା ସମୁଦ୍ର ସ୍ରୋତ ବଦଳାଇ ବିଚ୍ କ୍ଷୟ କରିବାରେ ଲାଗିଛି। ଜାହାଜ ବୁଡିବା ଘଟଣା ରହସ୍ୟମୟ ହୋଇ ରହିଲା। ଅଭିଯୋଗ ଅନୁସାରେ ଲୁହାପଥର ଚୋରା ଚାଲାଣ ହେବା ଏବଂ ଏଥିରେ ବିଜେଡି ନେତାଙ୍କ ଲିଙ୍କ୍ ଥିଲା। ଜାହାଜର କାଗଜପତ୍ର ନକଲି ଥିଲା, ବୀମା ବି ନଥିଲା। କିନ୍ତୁ ଲୋକାଲ ପୋଲିସ ଓ କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ ନ କରିବାରୁ ସିବିଆଇ ତଦନ୍ତ ଆରମ୍ଭ କଲେ। ୨୦୨୪ରେ ଓଡ଼ିଶା ସରକାର ଡିଜିପି ଙ୍କୁ ପୁଣି ତଦନ୍ତ ପାଇଁ ଚିଠି ଲେଖିଛନ୍ତି। କିନ୍ତୁ ଆଜି ଯାଏଁ ଅସଲ କାରଣ ସାର୍ବଜନୀନ ହୋଇନି। ମିଳିଥିବା ତଥ୍ୟ ଅନୁଯାୟୀ, ସରକାରୀ କାଗଜପତ୍ର ଅନୁସାରେ ଏମଭି ବ୍ଲାକ ରୋଜ ନାମକ ଏକ ମଙ୍ଗୋଲିଆନ୍ ପତାକା ବାହୀ ଜାହାଜ। ତଦନ୍ତରୁ ମିଳିଥିବା ଖବର ଅନୁଯାୟୀ ଜାହାଜ ମାଲିକ ସିଙ୍ଗାପୁରର ବ୍ଲାକ ରୋଜ ମେରିଟାଇମ ଏଲଟିଡି । ମାଲିକ ନାମ କୋକ୍ ସିକ୍। ସି ଟ୍ରାନ୍ସ ପ୍ରାଇଭେଟ ଏଲଟିଡି କମ୍ପାନୀ ଦୈନିକ ପରିଚାଳନା କରୁଥିଲା। ହଂକଂର ଦେଭୀ ଟ୍ରେଡିଙ୍ଗ କୋ ଏଲଟିଡି ଭଡା ନେଇଥିଲା ଏବଂ ପାକମାର ସିପିଂ ପ୍ରାଇଭେଟ୍ ଲିମିଟେଡ୍ ଶିପିଂ ଏଜେଣ୍ଟ ଥିଲା। ତେବେ ଦୁର୍ଘଟଣା ପରେ ଜାହାଜ ମାଲିକ କୋକ୍ ସିକ୍ ଭୂତଳକୁ ଚାଲିଗଲେ। ତଦନ୍ତରୁ ଜଣାପଡିଲା ଯେ ଜାହାଜର ସମସ୍ତ କାଗଜପତ୍ର, ବୀମା, ଫିଟନେସ୍ ସାର୍ଟିଫିକେଟ୍ ନକଲି ଥିଲା। ଟୋରୋସ୍ ପର୍ଲ' ନାମକ ଅନ୍ୟ ଜାହାଜର କାଗଜପତ୍ର ଡାକ୍ଟର କରି ଦିଆଯାଇଥିଲା। ଜାହାଜରେ ୨୩,୮୪୭ ଟନ୍ ଲୁହାପଥର ଚୀନ୍ ଯାଉଥିଲା। ଅଭିଯୋଗ ଯେ ଏହା ଚୋରା ଚାଲାଣ ଥିଲା। ଦୁର୍ଘଟଣା ପରେ ଏହି ରପ୍ତାନୀ କରୁଥିବା ୩ଟି କମ୍ପାନୀ ନାମ ବଦଳାଇ ବ୍ୟବସାୟ ଜାରି ରଖିଛନ୍ତି। ତଦନ୍ତରୁ ରେକ୍ଟର ମାଇନ୍ସ ନାମକ କମ୍ପାନୀ ଏହି ଜାହାଜରେ ମାଲ ପଠାଉଥିବା ଜଣାପଡିଛି। "ବବି ଦାସ" ନାମରେ ପରିଚିତ ହେଉଛନ୍ତି ପ୍ରଣବ ପ୍ରକାଶ ଦାସ ଯାଜପୁରର ବିଧାୟକ ଓ ପୂର୍ବତନ ମନ୍ତ୍ରୀ, ବିଜେଡି ନେତା। ପାରାଦୀପ ପୋର୍ଟ ଟ୍ରଷ୍ଟର ଡକ୍ୟୁମେଣ୍ଟ ଅନୁସାରେ, ରେକ୍ଟର ମାଇନ୍ସ କମ୍ପାନୀ ସେଭେନ ହିଲ୍ସ ନାମରୁ ବଦଳିଥିଲା। ସେଭେନ ହିଲ୍ସରେ ପ୍ରଣବ ପ୍ରକାଶ ଦାସ ସେୟାର ହୋଲ୍ଡର ଥିଲେ। ରେକ୍ଟର ମାଇନ୍ସ ହିଁ ବ୍ଲାକ୍ ରୋଜ୍‌ରେ କାର୍ଗୋ ପଠାଉଥିଲା। ବିରୋଧୀ ଦଳ ଅଭିଯୋଗ କରିଛନ୍ତି ଯେ ଯାଜପୁର ଜିଲ୍ଲାର ଜଣେ ପୂର୍ବତନ ମନ୍ତ୍ରୀ ଓ ବାଲେଶ୍ୱରର ପୂର୍ବତନ ଲୋକସଭା ସାଂସଦଙ୍କର ଏହି କାର୍ଗୋ ସହ ଦୃଢ ଲିଙ୍କ୍ ଥିଲା। ବିଜେପି ନେତା ସମୀର ମହାନ୍ତି ସିଧା ଅଭିଯୋଗ କରିଛନ୍ତି ଯେ ଯାଜପୁରର ବିଧାୟକଙ୍କ ଭାଇଙ୍କର ଜାହାଜରେ ବ୍ୟବସାୟିକ ସ୍ୱାର୍ଥ ଥିଲା। ଅଭିଯୋଗ ହୋଇଛି ଯେ କ୍ରାଇମବ୍ରାଞ୍ଚ ତଦନ୍ତରେ କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଘଷ୍ଟ ଘୋଡାଇବାକୁ ଚେଷ୍ଟା କରାଯାଇଥିଲା। ଶେଷରେ କେବଳ ଜାହାଜ ମାଲିକଙ୍କୁ ଦୋଷୀ କରି ତଦନ୍ତ ବନ୍ଦ କରିଦିଆଗଲା। ବିଜେଡି ମୁଖପାତ୍ର ପ୍ରତାପ କେଶରୀ ଦେବ କହିଛନ୍ତି ଯେ କ୍ରାଇମବ୍ରାଞ୍ଚ ଚାର୍ଜସିଟ୍ ଦାଖଲ କରିସାରିଛି ଓ ମାମଲା କୋର୍ଟରେ ବିଚାରାଧୀନ। ମିଳିଥିବା ତଥ୍ୟ ଅନୁଯାୟୀ,କାଗଜରେ ସିଙ୍ଗାପୁରର ବ୍ଲାକ୍ ରୋଜ୍ ମେରିଟାଇମ ଏଲଟିଡି, କିନ୍ତୁ ପଛରେ ସି ଟ୍ରାନ୍ସ ପିଭିଟି ଏଲଟିଡି ଓ କାର୍ଗୋ ପଠାଉଥିଲା ରେକ୍ଟର ମାଇନ ଭଳି କମ୍ପାନୀ। ଲୁହାପଥର ଚୋରା ଚାଲାଣ କରୁଥିବା ଅଭିଯୋଗ ରହିଛି । ୩ଟି କମ୍ପାନୀ ନାମ ବଦଳାଇ ଏବେବି ବ୍ୟବସାୟ କରୁଛନ୍ତି। ତଦନ୍ତ ଅନୁସାରେ ପ୍ରଣବ ପ୍ରକାଶ ଦାସ 'ବବି'ଙ୍କ ପରିବାର ସଦସ୍ୟ ରେକ୍ଟର ମାଇନ୍ସ ସହ ଜଡିତ, ଯାହା ବ୍ଲାକ୍ ରୋଜରେ ମାଲ ପଠାଉଥିଲା। ବିଜେପି ସିଧା ଅଭିଯୋଗ କରିଛି ଯେ ତାଙ୍କ ଭାଇଙ୍କର ବ୍ୟବସାୟିକ ସ୍ୱାର୍ଥ ଥିଲା। କିନ୍ତୁ ଏଯାଏଁ କୋର୍ଟରେ କିଛି ପ୍ରମାଣିତ ହୋଇନି ଓ ମାମଲା ସିବିଆଇ ତଦନ୍ତରେ ଅଛି। ବ୍ଲାକ୍ ରୋଜ୍ ଜାହାଜରେ ଲୁହାପଥର ରପ୍ତାନୀ କରୁଥିବା ୩ଟି କମ୍ପାନୀ ଦୁର୍ଘଟଣା ପରେ ଆଇନଗତ ଭାବେ ନାମ ବଦଳାଇ ବ୍ୟବସାୟ ଜାରି ରଖିଛନ୍ତି। ସେଭେନ ହିଲ୍ସ ରିକ୍ଟର ମାଇନ୍ସ ତଦନ୍ତ ଅନୁସାରେ ସେଭେନ ହିଲ୍ସରେ ପ୍ରଣବ ପ୍ରକାଶ ଦାସ 'ବବି' ସେୟାର ହୋଲ୍ଡର ଥିଲେ। ଏହା ପରେ ରେକ୍ଟର ମାଇନ୍ସ ନାମକୁ ବଦଳିଲା ଓ ବ୍ଲାକ୍ ରୋଜ୍‌ରେ କାର୍ଗୋ ପଠାଉଥିଲା। ଅନ୍ୟ ୨ଟି କମ୍ପାନୀ ନାମ ସାର୍ବଜନୀନ ହୋଇନି। ସମସ୍ତ ୩ଟି କମ୍ପାନୀ ନାମ ବଦଳାଇ ବ୍ୟବସାୟ ଜାରି ରଖିଛନ୍ତି। ସିବିଆଇ ତଦନ୍ତରେ ଏହାର ବିବରଣୀ ଅଛି, କିନ୍ତୁ ଅନ୍ତିମ ରିପୋର୍ଟ ଆଜି ଯାଏଁ ସାର୍ବଜନୀନ ହୋଇନି। ବାକି ୨ଟି କମ୍ପାନୀର ପୁରୁଣା/ନୂଆ ନାମ ସରକାରୀ ଭାବେ ପ୍ରକାଶ କରାଯାଇନାହିଁ। ଅଭିଯୋଗ ଯେ କ୍ରାଇମବ୍ରାଞ୍ଚ ତଦନ୍ତରେ ପ୍ରଭାବଶାଳୀ ଲୋକଙ୍କୁ ଘଷ୍ଟ ଘୋଡାଇବାକୁ ନାମ ଲୁଚାଯାଇଛି। ଜାହାଜରେ ୨୦-୨୫ କୋଟିର ମାଲ୍ ଥିଲା। ଏହାକୁ ପଠାଉଥିବା ୩ଟି କମ୍ପାନୀ ମଧ୍ୟରୁ ସେଭେନ ହିଲ୍ସ ରେକ୍ଟର ମାଇନ୍ସ ଗୋଟିଏ, ଯାହା ସହ ବବି ଦାସଙ୍କ ପରିବାର ଲିଙ୍କ୍ ଅଭିଯୋଗ ହୋଇଛି। ବାକି ୨ଟି ନାମ ତଦନ୍ତ ରିପୋର୍ଟରେ ଅଛି, କିନ୍ତୁ ସାର୍ବଜନୀନ ହୋଇନାହିଁ।

## ମହାମାନ୍ୟ ଲିଗାସୀରୁ...

ଚନ୍ଦ୍ରବାବୁ ନାଇଡୁ ତିନି ଥର ମୁଖ୍ୟମନ୍ତ୍ରୀ ହେବାର ସୁଯୋଗ ପାଇଛନ୍ତି। ସେହିଭଳି ରାଜଶେଖର ରେଡ୍ଡୀଙ୍କ ମୃତ୍ୟୁ ପରେ ୱାଇଏସଆର କଂଗ୍ରେସରେ ଜଗନ୍ନ ରେଡ୍ଡୀ ଥରେ ମୁଖ୍ୟମନ୍ତ୍ରୀ ହେବା ସହ ଆନ୍ଧ୍ରରେ ମୁଖ୍ୟ ବିରୋଧି ଦଳର ଦାୟିତ୍ୱ ତୁଲାଉଛନ୍ତି। ମହାରାଷ୍ଟ୍ରରେ ଶିବସେନା ମୁଖ୍ୟ ବାଲ ଠାକରେଙ୍କ ପରେ ଉଦ୍ଧବ ଠାକରେ, ଆଦିତ୍ୟ ଠାକରେ ଓ ରାଜ ଠାକରେ ରାଜନୀତିରେ ସଫଳତା ପାଇବା ସହ ଦବ୍‌ଦବା ବଜାୟ ରଖିଛନ୍ତି। ତାମିଲନାଡୁ ଏଡିଏମକେର ଏମ୍‌ଜି ରାମଚନ୍ଦ୍ରନଙ୍କ ପରେ ଜୟଲଳିତା ଦଳର ମୁଖ୍ୟ ଭାବେ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏବେ ସେହି ଦଳ ଜୟଲଳିତାଙ୍କ ମୃତ୍ୟୁ ପରେ ତାଙ୍କ ରାଜନୈତିକ ଆଦର୍ଶକୁ ନେଇ ତାଙ୍କ ଦଳର ନେତାମାନେ ରାଜନୀତି ସଂଗ୍ରାମ ଜାରୀ ରଖିଛନ୍ତି। ଡିଏମକେର ମୁଖ୍ୟ ଭାବେ କରୁଣାନିଧି ଯେଉଁ ରାଜନୈତିକ ଦଳ ଗଢ଼ି ସଫଳତା ପାଇଥିଲେ ତାଙ୍କ ପୁଅ ଷ୍ଟାଲିନ ସେହି ଆଦର୍ଶକୁ ପାଥେୟ କରି ରାଜନୈତିକ ସଫଳତା ପାଇଛନ୍ତି। ଉତ୍ତର ପ୍ରଦେଶରେ ମୁଲାୟମ ଯାଦବଙ୍କ ଦଳ ସମାଜବାଦୀ ପାର୍ଟିରେ ତାଙ୍କ ପୁଅ ଅଖିଲେଶ ଯାଦବ ରାଜନୈତିକ ସଫଳତା ପାଇ ଥରେ ମୁଖ୍ୟମନ୍ତ୍ରୀ ହୋଇଥିବା ବେଳେ ଆଗକୁ ଶାସନ କ୍ଷମତାକୁ ଫେରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ବିଏସପିର କାଂସିରାମ ଯେଉଁ ରାଜନୈତିକ ଦଳ ଗଢ଼ିଥିଲେ ସେଥିରେ ତାଙ୍କ ସହ ଅନ୍ତରଙ୍ଗ ହୋଇ କାମ କରୁଥିବା ମାୟାବତୀ ମଧ ରାଜନୈତିକ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ। ସେହିପରି ବିହାରରେ ଯାଦବ ପରିବାରର ଲାଲୁ ପ୍ରସାଦ ଯାଦବ ଓ ତାଙ୍କ ପୁଅ ତେଜସ୍ୱୀ ଯାଦବ ବର୍ତ୍ତମାନ ରାଜନୀତିରେ ସକ୍ରିୟ ରହିଛନ୍ତି। ଏହା କେବଳ ଗୋଟିଏ ଦଳରେ ନୁହେଁ, ବିଜେପି ସମେତ ପ୍ରାୟ ସବୁ ଦଳରେ ଦେଖିବାକୁ ମିଳେ। ତେଣୁ ମହାମାନ୍ୟ ପ୍ରେତ ଲିଗାସୀକୁ ନେଇ ପରିବାର ବାଦ ରାଜନୀତି ମଧ ପଛରେ ପଡ଼ି ନାହିଁ। ଯେଉଁମାନେ ଏଥିରୁ ଦୁରେଇ ଯାଇ ଭିନ୍ନ ରାଜନୀତି କରିବା ଦିଗରେ ପ୍ରୟାସ କରିଛନ୍ତି ସେମାନଙ୍କ ମଧ୍ୟରେ ଅରବିନ୍ଦ କେଜରିୱାଲଙ୍କ ଭଳି ନେତାଙ୍କ ପାଇଁ ଦଳର ଅସ୍ତିତ୍ୱ ବଞ୍ଚାଇବା କଷ୍ଟକର ହୋଇ ପଡ଼ିଛି। ପରିବାରବାଦ ବା ବଂଶବାଦକୁ ନେଇ ସବୁ ଦଳ ପରସ୍ପରକୁ ସମାଲୋଚନା କରୁଥିଲେ ବି ନିଜ ଦଳରେ ସମାନ ପ୍ରଥା ଜାରି ରଖିଛନ୍ତି। ଗଣତନ୍ତ୍ରରେ ଶେଷ ନିଷ୍ପତ୍ତି ଜନତାଙ୍କର। ପରିବାର ହେଉ ବା ବାହାର ଲୋକ, କାମ ଓ ପରଫମାନ୍ସ ହିଁ ଅସଲ ମାପକାଠି ହେବା ଦରକାର।

## କେଜ୍ରିୱାଲଙ୍କ ଉପରେ...

ପରେ ଆପ୍‌ରେ ହଇଚଇ ସୃଷ୍ଟି ହୋଇଛି । ଏହାରି ମଧ୍ୟରେ, ସ୍ୱାତୀ ମାଲିୱାଲ ଏକ୍ସରେ ପୋଷ୍ଟ କରି ଆପ୍ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି । ସ୍ୱାତୀ ମାଲିୱାଲ ଏକ୍ସରେ ଲେଖିଛନ୍ତି, '୨୦୦୬ ମସିହାରେ, ମୁଁ ମୋର ଚାକିରି ଛାଡି ଦେଶ ସେବା କରିବାର ପଥ ବାଛିଥିଲି। ମୁଁ ପ୍ରତ୍ୟେକ ପର୍ଯ୍ୟାୟରେ ସମ୍ପୂର୍ଣ୍ଣ ସଚ୍ଚୋଟତା ଏବଂ ସମର୍ପଣର ସହିତ ଅବଦାନ ଦେଇଥିଲି, ୮ ବର୍ଷ ଧରି ଆରଟିଆଇ ଆନ୍ଦୋଳନ, ଆନ୍ନା ଆନ୍ଦୋଳନ, ଆମ ଆଦମୀ ପାର୍ଟି ଗଠନ ଏବଂ ଦିଲ୍ଲୀ ମହିଳା କମିଶନରେ ନିଷ୍ଠାର ସହିତ କାର୍ଯ୍ୟ କରିଥିଲି। ଆଜି ବହୁତ ଦୁଃଖର ସହିତ ମୋତେ କହିବାକୁ ପଡୁଛି ଯେ, ଅରବିନ୍ଦ କେଜ୍ରିୱାଲଙ୍କ ନିର୍ଦ୍ଦେଶରେ ଆପ୍, ନୀତି, ମୂଲ୍ୟବୋଧ ଏବଂ ସଚ୍ଚୋଟ ରାଜନୀତିରୁ ବିଚ୍ୟୁତ ହୋଇଛି।' ମାଲିୱାଲ ଆହୁରି ଲେଖିଛନ୍ତି, 'କେଜ୍ରିଓ୍ୱାଲଙ୍କ ନିର୍ଦ୍ଦେଶରେ ତାଙ୍କ ବାସଭବନରେ ମୋତେ ନିର୍ମମ ଆକ୍ରମଣ ଏବଂ ଦୁର୍ବ୍ୟବହାର କରାଯାଇଥିଲା। ସେ ତାଙ୍କ ସହଯୋଗୀଙ୍କୁ ସୁରକ୍ଷା ଦେବା ପାଇଁ ଯଥାସମ୍ଭବ ଚେଷ୍ଟା କରିଥିଲେ ଏବଂ ତାଙ୍କୁ ଉଚ୍ଚ ପଦବୀରେ ବସାଇ ପୁରସ୍କୃତ କରିଥିଲେ। ସେ ମୋତେ ବରବାଦ୍ କରିବାକୁ ଧମକ ଦେଇଥିଲେ ଏବଂ ଯଥାସମ୍ଭବ ଚେଷ୍ଟା କରିଥିଲେ। କେଜ୍ରିୱାଲଙ୍କ ପୃଷ୍ଠପୋଷକତାରେ ଆମ ଆଦମୀ ପାର୍ଟିରେ ବ୍ୟାପକ ଦୁର୍ନୀତି, ମହିଳାଙ୍କ ବିରୁଦ୍ଧରେ ଉତ୍ପୀଡ଼ନ ଏବଂ ଆକ୍ରମଣ ଘଟଣା, ଗୁଣ୍ଡାମାନଙ୍କୁ ପ୍ରୋତ୍ସାହନ ଏବଂ ପଞ୍ଜାବର ପ୍ରତାରଣା ଏବଂ ଲୁଟକୁ ଦୃଷ୍ଟିରେ ରଖି, ମୁଁ ଆଜି ଦଳ ଛାଡିବାକୁ ନିଷ୍ପତ୍ତି ନେଇଛି। ମୁଁ ଏକ ସଂସଦୀୟ କମିଟି ବୈଠକ ପାଇଁ ଇଟାନଗରରେ ଥିଲି। ଆଜି ରାତିରେ ଦିଲ୍ଲୀ ଫେରିବା ପରେ ମୁଁ ଏହି ବିଷୟରେ ବିସ୍ତୃତ ଆଲୋଚନା କରିବି।'

## ଆପ୍ ଛାଡ଼ିଲେ...

ଦୂର କରିବା ନାଁରେ ଗଠିତ ଏହି ଦଳ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କ ହାତରେ ଅଛି। ଆମ୍ ଆଦମୀ ପାର୍ଟିର ଦୁଇ-ତୃତୀୟାଂଶ ସାଂସଦ ବିଜେପିରେ ଯୋଗ ଦେଉଛନ୍ତି। ସେ କହିଛନ୍ତି, 'ମୁଁ ମୋ ରକ୍ତ ଏବଂ ଝାଳ ଦେଇ ଆମ୍ ଆଦମୀ ପାର୍ଟି ପାଇଁ କାମ କରିଛି । ମୁଁ ଘୋଷଣା କରୁଛି ଯେ, ଆମ୍ ଆଦମୀ ପାର୍ଟି ଛାଡୁଛି। ମୁଁ ଏହି ଦଳର ପ୍ରତିଷ୍ଠାତା ସଦସ୍ୟ ଥିଲି। ହୁଏତ ମୋ ଅପେକ୍ଷା ଏହି ଦଳକୁ କେହି ଭଲ ଭାବରେ ଜାଣିପାରିବେ ନାହିଁ। ଏବେ ଆମ୍ ଆଦମୀ ପାର୍ଟି ଆଉ ପୁରୁଣା ଦଳ ନୁହେଁ। ମୁଁ ଗୋଟିଏ ବର୍ଷ ପାଇଁ ଦଳୀୟ କାର୍ଯ୍ୟକଳାପରୁ ଦୂରେଇ ରହିଥିଲି କାରଣ, ମୁଁ ସେମାନଙ୍କ ଅପରାଧ ସହିତ ନଥ ସନ୍ଦୀପ ପାଠକ କହିଛନ୍ତି, 'ମୁଁ କେବେ ଭାବି ନଥିଲି ଯେ, ମୋ ଜୀବନରେ ଏହି ପରିସ୍ଥିତି ସୃଷ୍ଟି ହେବ । କିନ୍ତୁ ଏହା ଘଟିଛି । ଆଜି, ମୁଁ ଆମ ଆଦମୀ ପାର୍ଟି ସହିତ ସମ୍ପର୍କ ଛିନ୍ନ କରୁଛି । ମୁଁ ଏକ କୃଷକ ପରିବାରରୁ ଆସିଛି । ମୁଁ କେବଳ ଗୋଟିଏ ଉଦ୍ଦେଶ୍ୟ ନେଇ ରାଜନୀତିରେ ପ୍ରବେଶ କରିଛି: ଦେଶ ପାଇଁ କିଛି ବଡ଼ କରିବି । ଦେଶ ସେବା କରିବା ଲକ୍ଷ୍ୟରେ ମୁଁ ଆମ ଆଦମୀ ପାର୍ଟିରେ ଯୋଗ ଦେଇଥିଲି । ମୁଁ ସବୁବେଳେ ଅରବିନ୍ଦ କେଜ୍ରିୱାଲଙ୍କୁ ପ୍ରଥମ ସ୍ଥାନ ଦେଇଥିଲି । ମୁଁ ଏପର୍ଯ୍ୟନ୍ତ ଯାହା ନିଷ୍ପତ୍ତି ନେଇଛି, ମୁଁ ଦଳ ସହିତ ଏହାକୁ ମୋର ସର୍ବୋଚ୍ଚ ପ୍ରାଥମିକତା ଭାବରେ ନେଇଛି । ମୁଁ ସମ୍ପୂର୍ଣ୍ଣ ସଚ୍ଚୋଟତାର ସହିତ କାମ କରିଛି । ଦେଶରେ ରାଜନୈତିକ ଦଳ ରହିବା ଉଚିତ। ମୋର ପଥ ଆଜିଠାରୁ ଭିନ୍ନ।' ନିକଟରେ ରାଘବ ଚଡାଙ୍କ ସ୍ଥାନରେ ଅଶୋକ ମିତ୍ତଲଙ୍କୁ ରାଜ୍ୟସଭାରେ ଇଇଚର ଉପନେତା ନିଯୁକ୍ତ କରାଯାଇଥିଲା। ଏବେ, ଅଶୋକ ମିତ୍ତଲ ଏବଂ ରାଘବ ଚଡ଼ା ଆପ୍ ଛାଡ଼ିଛନ୍ତି । ସୂଚନାଯୋଗ୍ୟ, କିଛି ଦିନ ପୂର୍ବରୁ ଅଶୋକ ମିତ୍ତଲଙ୍କ ବାସଭବନରେ ଚଢାଉ କରାଯାଇଥିଲା । ସେପଟେ ରାଜ୍ୟସଭାରେ ସାଧାରଣ ଲୋକଙ୍କ ପ୍ରସଙ୍ଗ ଉଠାଇ ଚର୍ଚ୍ଚାକୁ ଆସିଥିଲେ ରାଘବ ଚଡ଼ା । କିନ୍ତୁ ଆମ ଆଦମୀ ପାର୍ଟି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଇ ତାଙ୍କୁ ରାଜ୍ୟସଭାର ଉପନେତା ପଦରୁ ହଟାଇ ଦେଇଥିଲା । ଏହା ପରେ ରାଘବ ଚଢ଼ାଙ୍କ ଉପରେ ଅନ୍ୟ ନେତାମାନେ ସାଂଘାତିକ ଅଭିଯୋଗ କରିଥିଲେ । ଆପ୍ ଦଳ ମଧ୍ୟରେ ପରିସ୍ଥିତି ଖରାପ ହୋଇଥିଲା, ରାଘବ ଚଢ଼ା ଦଳ ଛାଡ଼ିପାରନ୍ତି ବୋଲି ଚର୍ଚ୍ଚା ହେଉଥିଲା । ଏବେ ରାଘବ ଚଢ଼ା ଆପ୍ ଛାଡ଼ିଛନ୍ତି ଏବଂ ବିଜେପିରେ ବିଲୟ ନେଇ ଘୋଷଣା ବି କରିଛନ୍ତି ।

## ପ୍ରେମ ପାଇଁ...

କହିଛନ୍ତି, କୌଣସି ଗୁଣି ଗାରେଡ଼ି ନୁହେଁ। ବରଂ ପ୍ରେମିକ କାଳୁ ପ୍ରଧାନଙ୍କୁ ଝିଆରୀ ନିବେଦିତା ପାତ୍ର ବିବାହ କରିବାକୁ ନିଷ୍ପତ୍ତି ନେଇଥିଲା। ଯାହାକୁ ବିରୋଧ କରିଆସୁଥିଲେ ସୁଧୀର। ତେଣୁ ଏହି ବିବାଦରୁ ହିଁ ଝିଆରୀ ନିବେଦିତା ତାଙ୍କୁ ରାସ୍ତାରୁ ହଟାଇବା ପାଇଁ ଷଡ଼ଯନ୍ତ୍ର ରଚିଥିଲେ। ସୁଧୀର ପାତ୍ରଙ୍କ ଝିଅ କହିଛନ୍ତି, "ବିଶ୍ୱାସ ହେଉନି ନିବେଦିତା ଓ ତୁଷାର(ସୁଧୀରଙ୍କ ପୁତୁରା) ଏମିତି କରିଥିବେ। ବାପା ଓ ଦାଦାଙ୍କ ଭଲ ସମ୍ପର୍କ ଥିଲା। ଉଭୟଙ୍କ ପାଖରେ ସମାନ ସମ୍ପତ୍ତି ଥିଲା। ନିଜ ପୁଅଝିଅ ଭଳି ତୁଷାର ଓ ନିବେଦିତାଙ୍କୁ ଭଲ ପାଉଥିଲେ। ନିବେଦିତାଙ୍କ ପାଇଁ ଭଲ ବିବାହ ପ୍ରସ୍ତାବ ଖୋଜିଥିଲେ। ବାପାଙ୍କ ସହ ରହି ସବୁ କାମ ଶିଖିଥିଲେ ତୁଷାର। ଦାଦାଙ୍କ ମୃତ୍ୟୁ ପରେ ସମ୍ପତ୍ତି ସେମାନଙ୍କ ନାଁରେ କରି ଦେଇଥିଲେ ବାପା। ନିବେଦିତା ପ୍ରେମ ବିବାହ କରିବାକୁ ଚାହୁଁଥିଲେ। ବାପା ଜାଣିବା ପରେ ବାସ୍ ସେକଥା ତାଙ୍କୁ ପଚାରିଥିଲେ। ହେଲେ ସେମାନେ ଏତେ ବଡ଼ କାଣ୍ଡ ଘଟାଇଛନ୍ତି।" ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସୁଧୀରଙ୍କ ଝିଅ ଦାବି କରିଛନ୍ତି। ସେ ଆହୁରି କହିଛନ୍ତି ଯେ "ଈର୍ଷା ପାଇଁ ମୋ ବାପାଙ୍କୁ ମାରିଦିଆଯାଇଛି। ଦାଦାଙ୍କ ମୃତ୍ୟୁ ପରେ ଖୁଡ଼ି କହିଥିଲେ ତୁମକୁ ଶାନ୍ତିରେ ବଞ୍ଚିବାକୁ ଦେବୁନି। ଏବେ ସେମାନେ ସମସ୍ତେ ବାପାଙ୍କୁ ମାରି ଦେଇଛନ୍ତି।" ଅପରପକ୍ଷେ ହତ୍ୟାର ଗୁମର ଖୋଲିବା ପାଇଁ ଗିରଫ ୯ ଅଭିଯୁକ୍ତଙ୍କ ମଧ୍ୟରୁ ୫ ଜଣଙ୍କୁ ରିମାଣ୍ଡରେ ନେବାକୁ ବ୍ରହ୍ମପୁର ଔଗରଉ ଗ୍ରାମାଞ୍ଚଳ କୋର୍ଟ ଅନୁମତି ଦେଇଛନ୍ତି। ସେମାନେ ହେଲେ ବିହାରୀ ଅପରାଧୀ ସୂର୍ଯ୍ୟପ୍ରତାପ ସିଂ ସହ ନାରାୟଣ ପ୍ରଧାନ, କାଳୁ ପ୍ରଧାନ, ଜିତୁନ ପଲେଇ ଓ ଆଶିଷ ମହାପାତ୍ର। କାଳୁ ପ୍ରଧାନ ହେଉଛନ୍ତି ମୁଖ୍ୟ ଅଭିଯୁକ୍ତ ନିବେଦିତା ପାତ୍ରଙ୍କ ବୟଫ୍ରେଣ୍ଡ। ସେହିପରି ତୁଷାର ପାତ୍ର ହେଉଛନ୍ତି ନିବେଦିତାଙ୍କ ଭାଇ ତଥା ମୃତ ସୁଧୀର ପାତ୍ରଙ୍କ ପୁତୁରା। ନିବେଦିତା ଓ ତାଙ୍କ ବୟଫ୍ରେଣ୍ଡ କାଳୁ ପ୍ରଧାନ ମିଶି ଏହି ଅପହରଣ ଓ ହତ୍ୟାକାଣ୍ଡର ଷଡ଼ଯନ୍ତ୍ର କରିଥିଲେ। ଏହି ଷଡ଼ଯନ୍ତ୍ରରେ ତୁଷାର ପାତ୍ର ମଧ ସାମିଲ ଥିଲେ। ଅନ୍ୟ ଅଭିଯୁକ୍ତଙ୍କ ମଧ୍ୟରୁ ନାରାୟଣ ପ୍ରଧାନ ନାଁରେ ଡବଲ ମର୍ଡର ମାମଲା ରହିଛି। ଜିତୁନ ପଲାଇ ନାଁରେ ଏନ୍‌ଡିପିଏସ୍ ଓ ଦୁଷ୍କର୍ମ ମାମଲା ରହିଛି। ସୂର୍ଯ୍ୟ ପ୍ରତାପ ନାଁରେ ମଧ ପୂର୍ବରୁ ୪ରୁ ୫ ମାମଲା ରହିଛି। ଅଭିଯୁକ୍ତମାନେ ଜମି ବ୍ୟବସାୟୀ ସୁଧୀର ପାତ୍ରଙ୍କୁ ଅପହରଣ କରି ପିଟି ପିଟି ମାରିବା ପରେ ଫିଙ୍ଗି ଦେଇଥିଲେ। ସେମାନେ ତାଙ୍କୁ ଧମକାଇବାକୁ ବନ୍ଧୁକ ବ୍ୟବହାର କରିଥିଲେ। ହତ୍ୟାକାଣ୍ଡ ପାଇଁ ଆର୍ଥିକ କାରବାର ହୋଇଛି। ଏହି ଘଟଣା ପଛରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି, ତାହା ଜାଣିବା ପାଇଁ ତଦନ୍ତ ଜାରି ରହିଥିବା ପୁଲିସ କହିଛି।

## ଶକ୍ତି ଏ ସପ୍ତାହର

**୨୬ ଅପ୍ରେଲ - ୦୨ମଇ'୨୦୨୬**

ମେଷ ରାଶି: ବହୁତ ଦିନ ପରେ, ଆପଣ ଏହି ସପ୍ତାହରେ ଆପଣଙ୍କର ଶକ୍ତି ଏବଂ ପଦବୀ ଫେରି ପାଇବେ। କାର୍ଯ୍ୟକ୍ଷେତ୍ରରେ ସମ୍ପର୍କ ଏବେ ବି କ୍ଷତିଗ୍ରସ୍ତ ହେବ ଅନେକ ସହକର୍ମୀ ଆପଣଙ୍କ ବିରୁଦ୍ଧରେ ରହିବେ। ବ୍ୟକ୍ତିଗତ ଭାବରେ, ଆପଣଙ୍କ କାର୍ଯ୍ୟକ୍ଷେତ୍ରରେ ଅନିୟମିତତା ଯୋଗୁଁ ଆପଣଙ୍କ ପରିବାର ବହୁତ ଅସୁବିଧାର ସମ୍ମୁଖୀନ ହୋଇଛି। ଆପଣଙ୍କ ପରିବାର ସଦସ୍ୟମାନେ ଆପଣଙ୍କ ସଫଳତା ପାଇଁ ଅପେକ୍ଷା କରିଛନ୍ତି ଏବଂ ସେମାନେ ଏଥିପାଇଁ କିଛି ପୂଜାପାଠ କରିବେ। ଏହି ସପ୍ତାହରେ ଆପଣ ଏକ ବିଚାରାଧୀନ ଦେୟ ପାଇବେ ଏହା ଏକ ବିଚାରାଧୀନ ଦରମା ରାଶି ହୋଇପାରେ।

ବୃଷ ରାଶି: ଆପଣ ଆପଣଙ୍କ ବୃତ୍ତିଗତ ଜୀବନରେ ଯାହା ଆଶା କରିଆସୁଛନ୍ତି ତାହା ପାଇବେ, ଏହା ଏକ ନୂତନ ଚାକିରି, ନିଯୁକ୍ତି କିମ୍ବା ଆର୍ଥିକ ଲାଭ ହୋଇପାରେ। ଏହା ଆପଣଙ୍କୁ ବହୁତ ଦିନ ପରେ ପ୍ରଦାନ କରାଯିବ। ଏହା ଆପଣଙ୍କ ପରିବାର ସହିତ ଏକ ଭଲ ସମୟ, ଆପଣ କାହାର ସ୍ୱାସ୍ଥ୍ୟ ଯାଞ୍ଚ ଯୋଗୁଁ ଭ୍ରମଣ କରିବେ। ଆପଣ ଆପଣଙ୍କ ଘରୁ ବାହାର କୌଣସି ସ୍ଥାନରେ ସମ୍ପର୍କୀୟଙ୍କୁ ଭେଟିବେ। ଏହି ସପ୍ତାହରେ ଆପଣ ପରିବାରର ସଦସ୍ୟଙ୍କ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଭାବପ୍ରବଣ ହେବେ। ଆର୍ଥିକ ଲାଭ ହେବ କିନ୍ତୁ ଆପଣ ନିଶ୍ଚିତ ଭାବରେ ଆଶା କରିଥିବେ। ଆର୍ଥିକ ଭାବରେ ଜିନିଷଗୁଡ଼ିକ ସୁଗମ ହେବ।

ମିଥୁନ ରାଶି: ଆପଣ ଯେଉଁ ପରିବର୍ତ୍ତନ ପାଇଁ ଚାହୁଁଥିଲେ ତାହା ହେବ କିନ୍ତୁ ଫଳାଫଳ ସମ୍ପୂର୍ଣ୍ଣ ଭିନ୍ନ ହେବ। ଆର୍ଥିକ କ୍ଷତି ସହିବା ପାଇଁ ନିଯୁକ୍ତି କିମ୍ବା ପ୍ରକଳ୍ପ ପ୍ରତ୍ୟାହାର କରାଯିବ। ଏହି ସପ୍ତାହ ମଧ୍ୟରେ ଆପଣ ନେଇଥିବା ନିଷ୍ପତ୍ତି ପାଇଁ ଆପଣଙ୍କ ପରିବାର ଆପଣଙ୍କୁ ବିଚାର କରିବେ। ଆପଣଙ୍କ ପିଲାମାନେ କିମ୍ବା ପରବର୍ତ୍ତୀ ପିଢ଼ି ଆପଣଙ୍କ କାର୍ଯ୍ୟଦକ୍ଷତା ପାଇଁ ଆପଣଙ୍କ ଆଡ଼କୁ ଚାହିଁବେ। ଆପଣ କାହାକୁ ଋଣ ଦେଇଥିବା ଟଙ୍କା ପରିଶୋଧ କରିବାରେ ବିଳମ୍ବ ହେବ ଏବଂ ସେଥିପାଇଁ ଆପଣ କାହାକୁ ଆର୍ଥିକ ସାହାଯ୍ୟ ମାଗୁବେ।

କର୍କଟ ରାଶି: ଯଦିଓ କେହି ଆପଣଙ୍କୁ ଅପାଙ୍କ ମତାମତ କିମ୍ବା ପରାମର୍ଶ ମାଗୁଛନ୍ତି, ତଥାପି ଆପଣଙ୍କୁ ନିଜକୁ ସଂଯତ ରଖିବାକୁ ପଡିବ। ଆପଣ ସହଜରେ ଦୋଷାରୋପ ଏବଂ ଯୁକ୍ତିତର୍କରୁ ବାହାରକୁ ଆସିପାରିବ, ତେଣୁ ମାନସିକ ଚାପ ଅନାବଶ୍ୟକ ଭାବରେ ରହିବ ଏବଂ ଏହା ଆପଣାକୁ ନିଦ ଏବଂ ହଜମ କମ କରିବ। ଆପଣ ଲୋକମାନଙ୍କୁ ଏଡ଼ାଇ ରହିବ ଏବଂ କାହା ବିରୁଦ୍ଧରେ ଗୁଜବ କରିବ। ଭାବପ୍ରବଣ ହେବା ପରେ ଆପଣ ଟଙ୍କା ଋଣ ଦେବାକୁ ଯାଉଥିବାରୁ ଆର୍ଥିକ ସମସ୍ୟା ଆପଣଙ୍କୁ ହଇରାଣ କରିବ।

ସିଂହ ରାଶି: ଆପଣ ଅଭିଜ୍ଞ ବ୍ୟକ୍ତିଙ୍କଠାରୁ ପରାମର୍ଶ ନେବେ। ଆପଣ ସେହି ବ୍ୟକ୍ତି କିମ୍ବା ସଂଗଠନକୁ ସାମୂହିକ ଭାବରେ ପରିଦର୍ଶନ କରିବାକୁ ଯୋଜନା କରିବେ। ଆପଣଙ୍କ ମଧ୍ୟରୁ ଅନେକ ପରିବାର ସମ୍ପତ୍ତି, ବିବାହ କିମ୍ବା ଆଇନଗତ ଦଲିଲ ସହିତ ଜଡିତ ଯେକୌଣସି ଡକ୍ୟୁମେଣ୍ଟ ପଞ୍ଜୀକରଣ କରିବେ। ଦମ୍ପତି ପରସ୍ପର ସହିତ ଅନଲାଇନରେ ସମୟ ବିତାଇବେ କିମ୍ବା ପରସ୍ପର ସାମ୍ନାରେ ବସି ଭୋଜନ କରିବେ। ଏହି ସପ୍ତାହରେ ଟଙ୍କା ଆପଣଙ୍କ ଚିନ୍ତାର ବିଷୟ ହେବ ନାହିଁ। ଅନେକ ଦେୟ ଏବଂ ନିବେଶ ସଫଳତାର ସହ କରାଯିବ।

କନ୍ୟା ରାଶି: ଆପଣଙ୍କର କାର୍ଯ୍ୟ ଜୀବନ ବ୍ୟସ୍ତବହୁଳ ହେବ ଏବଂ ଆପଣ ଅତିରିକ୍ତ ପ୍ରୟାସ କରିବେ ଏବଂ ଚାପ ଆପଣଙ୍କ କାର୍ଯ୍ୟଦକ୍ଷତାକୁ ହ୍ରାସ କରିବ। ଆପଣ ଅନ୍ୟ କୌଣସି କାର୍ଯ୍ୟସ୍ଥଳକୁ ସ୍ଥାନାନ୍ତରିତ ହୋଇପାରନ୍ତି। ପରିବାର ବିଶେଷକରି ଜୀବନସାଥୀ ସହାୟକ ହେବେ। ପ୍ରେମୀମାନେ ସେମାନଙ୍କ ସପ୍ତାହକୁ ଉପଭୋଗ କରିବେ। ଏକାଠି ଆପଣ ଏକ ଦୂର ସ୍ଥାନକୁ ଯାତ୍ରା କରିପାରିବେ। ଆପଣଙ୍କର ଖର୍ଚ୍ଚ-ଚୋରି ସ୍ୱଭାବ ଆପଣଙ୍କୁ ଏପରି ସ୍ଥାନରେ ମଧ ଖର୍ଚ୍ଚ କରିବାକୁ ବାଧ କରିବ ଯାହାର ସେ ଏହି ସପ୍ତାହରେ ଅନୁତାପ କରିବେ। ଏହି ସପ୍ତାହରେ କିଛି ଆପଣଙ୍କୁ ଶାନ୍ତି ଏବଂ ଖୁସି ଦେବ ନାହିଁ।

ତୁଳା ରାଶି: ବୃତ୍ତିଗତ ଜୀବନରେ କିଛି ପରିବର୍ତ୍ତନ ଆପଣଙ୍କୁ ଚକିତ କରିବ, ଏହାକୁ ସମ୍ଭାଳିବା ବହୁତ କଷ୍ଟକର ହେବ। ଏହା ହଠାତ୍ ଘଟିବ। କେହି ଆପଣଙ୍କୁ ରକ୍ଷା କରିପାରିବେ ନାହିଁ କିନ୍ତୁ ଏହି ସପ୍ତାହ ପରେ ଜିନିଷଗୁଡ଼ିକ ଆପଣଙ୍କ ସପକ୍ଷରେ ହେବା ଆରମ୍ଭ ହେବ। ଆପଣଙ୍କ ପରିଚିତ ବ୍ୟକ୍ତିଙ୍କ ଯତ୍ନ ନେବେ ଯିଏ ଆପଣଙ୍କୁ ଅସୁବିଧାରୁ ବାହାର କରିବାରେ ସାହାଯ୍ୟ କରିପାରିବେ। ଆପଣଙ୍କ ପରିବାର କିଛି ପାଳନ କରିବା ପାଇଁ ଆପଣଙ୍କ ଉପସ୍ଥିତି ପାଇଁ ଅପେକ୍ଷା କରିବେ। ଆପଣଙ୍କ ପାଖରେ ଯେତେ ଥାଉନା କାହିଁ, ଆପଣ ସେହି ଜିନିଷଗୁଡ଼ିକ ବିଷୟରେ ଚିନ୍ତା କରିବେ ଯାହା ଆପଣଙ୍କ ପାଖରେ ଏପର୍ଯ୍ୟନ୍ତ ନାହିଁ ଏବଂ ଆପଣ ଦୁଃଖିତ ହେବେ।

ବିଛା ରାଶି: ଆପଣ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପାଳନ କରୁଛନ୍ତି। ଆପଣ ଆପଣଙ୍କର ଯୋଜନା ଉପରେ ସନ୍ଦେହ କରୁଛନ୍ତି କାରଣ ଆପଣଙ୍କର ବହୁତ କାମ ଅଛି ଏବଂ ଆପଣ ପ୍ରତିକୂଳ ପରିସ୍ଥିତିରେ ଚୁପ୍ ରହିବାକୁ ପସନ୍ଦ କରିବେ। କେହି ଜଣେ ବିଶେଷ ଭାବରେ ପରିବାର ପକ୍ଷରୁ ଆପଣଙ୍କ ଉପରେ ପ୍ରଭାବ ପକାଇବାକୁ ଚେଷ୍ଟା କରିବେ। ସେହି ବ୍ୟକ୍ତି ଆପଣଙ୍କୁ ନିର୍ଦ୍ଦେଶ ଦେବେ ଏବଂ ଆପଣଙ୍କୁ ଆପଣଙ୍କ ନିଜ ଘରେ ଆପଣଙ୍କର ସ୍ଥିତି ଦେଖାଇବାକୁ ଚେଷ୍ଟା କରିବି। ପୁଣି, କେହି ଜଣେ ଆପଣଙ୍କ ବିରୁଦ୍ଧରେ ବିଚାର କରିବେ କିନ୍ତୁ ଆପଣ ଏହି ବିଷୟରେ କିଛି କହିବେ ନାହିଁ। ଆର୍ଥିକ ଦୃଷ୍ଟିରୁ ସ୍ୱାଧୀନ ରହିବେ କିନ୍ତୁ ଆପଣ ଖର୍ଚ୍ଚ କରିବେ ନାହିଁ।

ଧନୁ ରାଶି: ବୃତ୍ତିଗତ ସଫଳତା ମିଳିବ, ଆପଣ ଆପଣଙ୍କର ସ୍ୱପ୍ନ ପୂରଣ କରିବେ ଏବଂ ଯେଉଁମାନେ ନୂତନ ଚାକିରି ପାଇଁ ଆବେଦନ କରିଛନ୍ତି ସେମାନେ ସଫଳ ହେବେ। କିଛି ସହକର୍ମୀ ଆପଣଙ୍କୁ ଏକ ଉଦାହରଣ ଭାବରେ ଦେଖିବେ। ଏହି ସପ୍ତାହରେ ଆପଣଙ୍କ ଜୀବନ ମଜା ଏବଂ ଉତ୍ସବ ପରିପୂର୍ଣ୍ଣ ରହିବ। ଆପଣ ପରିବାର ସହିତ କିଣାକାଟାରେ ବ୍ୟସ୍ତ ରହିବେ। ଦମ୍ପତି ଭବିଷ୍ୟତ ଯୋଜନା ପାଇଁ ଯୁକ୍ତିଯୁକ୍ତ ନିଷ୍ପତ୍ତି ନେବେ। ଆର୍ଥିକ ପ୍ରଚୁରତା ରହିବ। ଆପଣ ଆର୍ଥିକ ପୁରସ୍କାର ପାଇବେ। ଆର୍ଥିକ ସ୍ଥିରତା ଆପଣଙ୍କୁ ଆପଣଙ୍କ ବନ୍ଧୁମାନଙ୍କ ସହିତ ଉତ୍ସବ ପାଳନ କରିବାକୁ ବାଧ କରିବ।



ମେଘା
ହରୋସକୋପିଷ୍ଟ ଏବଂ ଫରଚ୍ୟୁନ ଟେଲର
(ବୈଦିକ ଆଷ୍ଟ୍ରୋଲୋଜି)
ମୋ: ୯୦୭୮୧୬୩୩୭୭

ମକର ରାଶି: ଭାବପ୍ରବଣ ହୋଇ ଆର୍ଥିକ ନିଷ୍ପତ୍ତି ନେବାରୁ ଦୂରେଇ ରୁହନ୍ତୁ। କେହି ଜଣେ ଆପଣଙ୍କ ଉଦାର ଆଚରଣର ଫାଇଦା ନେଇପାରନ୍ତି। କମ୍ କଥା ହେବାକୁ ଚେଷ୍ଟା କରନ୍ତୁ ଏବଂ ବୃତ୍ତିଗତ ଭାବରେ ସୀମା ସ୍ଥିର କରନ୍ତୁ। ପରିବାର ଦୃଷ୍ଟିରୁ ଆପଣଙ୍କ ରାସ୍ତାରେ ପରିବର୍ତ୍ତନ ଆସୁଛି। ସମ୍ପର୍କ ପ୍ରେମପୂର୍ଣ୍ଣ ଭାବରେ କ୍ଷତିଗ୍ରସ୍ତ ହେବ। ଆପଣ ଅନଲାଇନରେ ଯାହାଙ୍କୁ ଭେଟିଥିବେ ସେ ଏକଦମ ମିଳିବେ ନାହିଁ ମାନେ ତାର କୌଣସି ଚିହ୍ନ ଦେଖାଯିବ ନାହିଁ, ଯେପରି ସେହି ବ୍ୟକ୍ତି କେବେ ଅସ୍ତିତ୍ୱରେ ନଥିଲା କିଛି ସନ୍ଦେହ ଯୋଗୁଁ ଆପଣ ବହୁତ ଚିନ୍ତନ ପରେ ଆର୍ଥିକ ନିଷ୍ପତ୍ତି ନେବେ।

କୁମ୍ଭ ରାଶି: ଆପଣଙ୍କ ପାଇଁ ଏକ ନୂତନ ସୁଯୋଗ ଆସିବ ଏହା ଏକ ସ୍ୱପ୍ନର ଚାକିରି ହୋଇପାରେ। ବୃତ୍ତିଗତ ଭାବରେ ଆପଣଙ୍କର ମହତ୍ତ୍ୱାକାଂକ୍ଷା ଏକ ନୂତନ ସ୍ତରକୁ ବୃଦ୍ଧି ପାଇବ। ପରିବାରକୁ ବିଶେଷ ଭାବରେ ସମୁଦ୍ର କୂଳକୁ ବାହାରକୁ ଯିବାକୁ କୁହନ୍ତୁ। ପ୍ରିୟଜନଙ୍କ ସହିତ ଭ୍ରମଣ ଆପଣଙ୍କୁ ଖୁସି କରିବ। ପ୍ରେମୀମାନେ ଖୁସି ହେବେ ଏବଂ ବହୁତ ଖର୍ଚ୍ଚ ହେବ। ପରିବାର ପାଇଁ ସମ୍ପତ୍ତି କିଣିବାକୁ କିମ୍ବା ଛୁଟିରେ ଯିବା ପାଇଁ ଖୁବ ଖର୍ଚ କରି ଏକ କାଉଠିକି ଯିବାପାଇଁ ଯୋଜନା ବଣେୟିବେ। ଆର୍ଥିକ ଅଭାବ ରହିବନାହିଁ।

ମୀନ ରାଶି: ଆପଣଙ୍କର କୌଣସି ତାଲିମ କିମ୍ବା ଉଚ୍ଚ ପାଠ୍ୟକ୍ରମ ପ୍ରବେଶିକା ଆପଣଙ୍କୁ ଭବିଷ୍ୟତ ପାଇଁ ଆପଣଙ୍କର ରିଜ୍ୟୁମର ମୂଲ୍ୟ ବୃଦ୍ଧି କରିବାରେ ସାହାଯ୍ୟ କରିବ ।ପାରିବାରିକ ଜୀବନ ଭଲ ରହିବ। ଦୀର୍ଘ ସମୟରୁ ଆପଣଙ୍କୁ କଷ୍ଟ ଦେଉଥିବା ସମ୍ପର୍କର ଅନ୍ତ ଘଟିବ। ଦମ୍ପତି ସେମାନଙ୍କର ଭାବନା ପ୍ରକାଶ କରିବାକୁ ମୁକ୍ତ ଅନୁଭବ କରିବେ। ଏହି ସପ୍ତାହରେ ଆପଣଙ୍କର ବକେୟା ରାଶି କୌଣସି ବ୍ୟକ୍ତି ପନରୁଦ୍ଧାର କରିବା କଷ୍ଟକର ହେବ ।ଆପଣ କିଛି ପେଇଶା ପାଇବେ କିନ୍ତୁ ସମସ୍ତ ନୁହେଁ।

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)



## ପ୍ରମୁଖ ଖବର ଏ ସପ୍ତାହର

- ଭାରତ ସବୁଠାରୁ ବଡ଼ ପ୍ରତିରକ୍ଷା ଚୁକ୍ତି କରିବାକୁ ଯାଉଛି। ଏହାଦ୍ୱାରା ଭାରତୀୟ ନୌସେନା ଆହୁରି ଶକ୍ତିଶାଳୀ ହେବ।
- ପ୍ରଧାନମନ୍ତ୍ରୀ ମୋଦିଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ନିର୍ବାଚନ କମିଶନଙ୍କ ନୋଟିସ୍ ପାଇଛନ୍ତି। ୨୪ ଘଣ୍ଟାରେ ଜବାବ ମଗାଯାଇଛି।
- ତାମିଲନାଡୁରେ ଗୋଟିଏ ପର୍ଯ୍ୟାୟରେ ମତଦାନ। ୫ କୋଟି ଭୋଟର ୪,୦୨୩ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରୁଛନ୍ତି।
- ପଶ୍ଚିମବଙ୍ଗରେ ନିର୍ବାଚନୀ ହିଂସା। ଟିଏମସି ଓ ବିଜେପି କର୍ମୀ ମୁହାଁମୁହିଁ।
- ସିଟି ଗ୍ୟାସ୍ ବିତରଣ ନୀତିକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରି।
- ଓଡ଼ିଶା କଂଗ୍ରେସର ବରିଷ୍ଠ ନେତା ଅମିୟ ପାଣ୍ଡବ ଦଳ ଛାଡିଲେ।
- ଚାନ୍ଦବାଲି ବାଲିଆପାଳ ବ୍ରିଜ କାମ ବେଳେ ମାଟି ବୋଝେଇ ଟ୍ରାକ୍ଟର ନଦୀକୁ ଖସିପଡିବାରୁ ଡ୍ରାଇଭରଙ୍କ ମୃତ୍ୟୁ।
- ରତ୍ନଭଣ୍ଡାର ଚାବି ପ୍ରସଙ୍ଗରେ ଆଇନ ମନ୍ତ୍ରୀ ଗର୍ଜିଲେ, ବିଜେଡି ନେତା ପ୍ରଣବ ପ୍ରକାଶ ଦାସ (ବି)ଙ୍କୁ କଡ଼ା ଜବାବ ଦେଲେ।
- ଆଇପିଏଲରେ ବିରାଟ କୋହଲିଙ୍କ ବ୍ୟାଟ୍ ଗର୍ଜୁଛି। ସେ ରେକର୍ଡ ପରେ ରେକର୍ଡ କରି ଇତିହାସ ରଚୁଛନ୍ତି।
- ଇରାନ ନଯିବାକୁ ଭାରତୀୟଙ୍କୁ କେନ୍ଦ୍ର ସରକାରଙ୍କ ପରାମର୍ଶ। ଦେଶ ଛାଡିବା ସହ ଦୂତାବାସ ସହ ଯୋଗାଯୋଗରେ ରହିବାକୁ ଅପିଲ।
- ଇସ୍ରାଏଲ-ଲେବାନନ୍‌ରେ ୩ ସପ୍ତାହ ପାଇଁ ଟ୍ରମ୍ପଙ୍କ ଅସ୍ତ୍ରବିରତି ଘୋଷଣା। ଆଲୋଚନା ପାଇଁ ଉଭୟ ନେତାଙ୍କୁ ହ୍ୱାଇଟ ହାଉସ ନିମନ୍ତ୍ରଣ ।
- ତାଲା ଭାଙ୍ଗି ମନ୍ଦିରରେ ପଶି ଦୁର୍ବୃତ୍ତ ମା' ରାମଚଣ୍ଡିଙ୍କ ସୁନା ଗହଣା ନେଇଗଲେ।
- ବ୍ୟବସାୟୀ ସୁଧୀର ପାତ୍ରଙ୍କୁ ହତ୍ୟା ମାମଲାର ମାଷ୍ଟରମାଇଣ୍ଡ ସୁରଟରୁ ଗିରଫ।
- ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଭୁବନେଶ୍ୱର ଓ କଟକ ସମେତ ପଶ୍ଚିମ ଓଡ଼ିଶାର ଅନେକ ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି।
- ରାଘବ ଚଡ୍ଢାଙ୍କ ସମେତ ୭ ଜଣ ରାଜ୍ୟସଭା ସାଂସଦ ଆପ ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି।
- ପଶ୍ଚିମବଙ୍ଗ ଏବଂ ତାମିଲନାଡୁ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ରେକର୍ଡ ସଂଖ୍ୟକ ମତଦାନ ।
- ଇରାନ ଏବଂ ଆମେରିକା ମଧ୍ୟରେ ଚାଲିଥିବା ତିକ୍ତତାକୁ କମ୍ କରିବା ପାଇଁ ପାକିସ୍ତାନରେ ଏକ ଗୁରୁତ୍ୱପୂର୍ଣ୍ଣ କୂଟନୈତିକ ଆଲୋଚନା ହେବାର ସମ୍ଭାବନା।
- ଆଇପିଏଲ ୨୦୨୬: ବିରାଟ କୋହଲି ଆଇପିଏଲ ଇତିହାସରେ ୮୦୦ ଚୌକା ମାରିଥିବା ପ୍ରଥମ ବ୍ୟାଟସମ୍ୟାନ ହୋଇ ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି।
- ଆରବିଆଇ ପକ୍ଷରୁ ପେଟିଏମ ପେମେଣ୍ଟ ବ୍ୟାଙ୍କର ବ୍ୟାଙ୍କିଙ୍ଗ ଲାଇସେନ୍ସ ରଦ୍ଦ କରାଯାଇଛି।

# ବିବାହର ୨ବର୍ଷ ପରେ ମଧ୍ୟ 'ସିଚ୍ୟୁଏସନଶିପ୍'ରେ ଅଛନ୍ତି ରକୁଲ-ଜ୍ୟାକି



ମୁମ୍ବାଇ, ୨୫।୦୪: ରକୁଲ ପ୍ରୀତ ସିଂହ ଏବଂ ଜ୍ୟାକି ଭଗନାନି ବିଟାଉନ୍ର କ୍ୟୁଟେଷ୍ଟ କପଲ। ଅନେକ ବର୍ଷ ଧରି ସମ୍ପର୍କରେ ରହିବା ପରେ ୨୦୨୪ ମସିହାରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଜ୍ୟାକି ଏକ ସମୟରେ ଚର୍ଚ୍ଚାକୁ ଆସିଥିଲେ ଯେତେବେଳେ ସେ ରକୁଲ ସହିତ ତାଙ୍କ ବିବାହକୁ 'ସିଚ୍ୟୁନସିପ୍' ବୋଲି ବର୍ଣ୍ଣନା କରିଥିଲେ । ଏହା ଏପରି ଏକ ଶବ୍ଦ ଯାହା ସାଧାରଣତଃ ଏକ ଭିନ୍ନ ଅର୍ଥ ବହନ କରେ। ଏହି ମନ୍ତବ୍ୟ ଏକ ସାଧାରଣ କଥାବାର୍ତ୍ତା ସମୟରେ ଦିଆଯାଇଥିଲା ଯେଉଁଥିରେ ରକୁଲ ଏବଂ ଜ୍ୟାକି ଉଭୟ ସହଜ ଏବଂ ସ୍ପଷ୍ଟ ଭାବରେ ସେମାନଙ୍କର ସମ୍ପର୍କ ବିଷୟରେ କହିଥିଲେ। ଏହି ଶବ୍ଦକୁ ଏହାର ପାରମ୍ପରିକ ଅର୍ଥରେ ବ୍ୟବହାର କରିବା ପରିବର୍ତ୍ତେ, ସେମାନେ ଏହାକୁ ହାଲୁକା ଭାବରେ ବ୍ୟବହାର କରି ସେମାନଙ୍କର ସମ୍ପର୍କକୁ ସହଜ ଭାବେ ବର୍ଣ୍ଣନା କରିଥିଲେ। ଜ୍ୟାକି ଭଗନାନି କହିଛନ୍ତି ଯେ ରକୁଲ ପ୍ରୀତଙ୍କ ସହ ତାଙ୍କର ସମ୍ପର୍କ 'ସିଚ୍ୟୁନସିପ' ର ଏକ ରୂପ। ଏକ ସାକ୍ଷାତକାରରେ, ଜ୍ୟାକି ମନ୍ତବ୍ୟ ଦେଇଥିଲେ, 'ରକୁଲ ଏବଂ ମୁଁ ବିବାହିତ, କିନ୍ତୁ ଆମର ସମ୍ପର୍କ ଏକ ପ୍ରକାର ସିଚ୍ୟୁନସିପ- ଅର୍ଥାତ୍ ଆମେ ପରସ୍ପର ପାଇଁ ହିଁ ଗଢା ହୋଇଛୁ, ଯାହା ପାଇଁ ଆମେ ବିବାହ କରିଥିଲୁ। କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଯେ ମୁଁ ତାଙ୍କ ସହିତ ସମ୍ପୂର୍ଣ୍ଣ ଭାବରେ ଯେକୌଣସି ବିଷୟରେ ଖୋଲାଖୋଲି ଭାବରେ କଥା ହୋଇପାରିବି।' ବିବାହ କରିବାର ନିଷ୍ପତ୍ତି ବିଷୟରେ ମନେ ପକାଇ ସେ ସେମାନଙ୍କ ଜୀବନର ସେହି ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ସେମାନଙ୍କ ମଧ୍ୟରେ ଥିବା ସ୍ୱଚ୍ଛତା ବିଷୟରେ କହିଥିଲେ। 'ଆମେ ପରସ୍ପରକୁ କହିଥିଲୁ, 'ଆମେ ଆଉ ୨୦ କିମ୍ବା ୨୧ ବର୍ଷ ବୟସର ନୁହଁ। ଆମେ ଦୁହେଁ ଜୀବନରେ ଅନେକ ଉତ୍ଥାନ-ପତନ ଦେଖିଛୁ।' ବ୍ୟକ୍ତିଗତ ଭାବରେ, ମୁଁ ଜଣେ ଖୁସି ବ୍ୟକ୍ତି। ମୁଁ ମୋ ଜୀବନରେ କୌଣସି ଶୂନ୍ୟସ୍ଥାନ ପୂରଣ କରିବା ପାଇଁ କାହାକୁ ଖୋଜୁନାହିଁ; କାରଣ ଯଦି ମୁଁ ଦୁଃଖିତ ଅନୁଭବ କରୁଛି, ମୋ ଜୀବନରେ କିଏ ପ୍ରବେଶ କରେ, ମୁଁ ଦୁଃଖିତ ରହିବି। ଏବଂ ତୁମେ ମଧ୍ୟ ବ୍ୟକ୍ତିଗତ ଭାବରେ ଖୁସି। ଏକାଠି ହୋଇ ଆମେ ଆହୁରି ଖୁସି।' ୨୧ ଫେବୃଆରୀ, ୨୦୨୬ ରେ ଏହି ଦମ୍ପତି ସେମାନଙ୍କର ଦ୍ୱିତୀୟ ବିବାହ ବାର୍ଷିକୀ ପାଳନ କରିଥିଲେ। ତାଙ୍କ ସ୍ୱାମୀଙ୍କୁ ଶୁଭ ବାର୍ଷିକୀ କାମନା କରି ରକୁଲ ଲେଖିଥିଲେ, 'ମୋ ଜୀବନର ପ୍ରେମକୁ ଶୁଭ ଦ୍ୱିତୀୟ ବାର୍ଷିକୀ। ତୁମେ ସବୁକିଛି ଯାହା ମୁଁ କେବେ ସ୍ୱପ୍ନ ଦେଖିଥିଲି, ଏବଂ ଆହୁରି ବହୁତ କିଛି। ତୁମ ସହିତ ରହିବା ଘର ପରି ଅନୁଭବ ହୁଏ। ତୁମେ ମୋର ସାହାର, ମୋର ସବୁଠାରୁ ଭଲ ବନ୍ଧୁ ଏବଂ ମୁଁ ଜାଣିଥିବା ସବୁଠୁ ଭଦ୍ର ବ୍ୟକ୍ତି। ମୁଁ ତୁମ ଉପରେ ଅତ୍ୟନ୍ତ ଗର୍ବିତ, ଏବଂ ତୁମର ଉତ୍ସାହ ଏବଂ ଜୀବନ ପ୍ରତି ଆଗ୍ରହ... ତୁମର ଦୟା ଏବଂ ସ୍ଥିରତା ମୋତେ ପ୍ରତ୍ୟେକ ଦିନ ପ୍ରେରଣା ଦିଏ। ମୋ ଜୀବନକୁ ହସ, ପ୍ରେମ ଏବଂ ସାହସିକତାରେ ଭରି ଦେବା ପାଇଁ ଧନ୍ୟବାଦ। ଏକାଠି ଆହୁରି ଅନେକ ସୁନ୍ଦର ସ୍ମୃତି ସୃଷ୍ଟି କରିବା ପାଇଁ ଏଠାରେ ଅଛି। ମୁଁ ତୁମକୁ ଶବ୍ଦ ବାହାରେ ଭଲ ପାଏ ।

## ମାଓଗଡ଼ରେ ଜନ୍ମଦିନ ପାଳିଲେ ତେନ୍ଦୁଲକର

ମାଲକାନଗିରି, ୨୫/୦୪ (ଜେଏନଏସ) : ଛତିଶଗଡ ମାଓ ମୁକ୍ତ ହେବା ପରେ ଲାଲ୍ ଗଡରେ ପାଦ ରଖିଲେ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର ଓ ତାଙ୍କ ପରିବାର । ମାଲକାନଗିରି ଛତିଶଗଡ଼ ସିମାନ୍ତ ଦନ୍ତେୱାଡା ଜିଲ୍ଲାର ଛିନ୍ଦନାର ଗାଁରେ ସଚିନ ତେନ୍ଦୁଲକର ଏକ କ୍ରୀଡା ବିପ୍ଲବର ମୂଳଦୁଆ ପକାଇଛନ୍ତି । ସଚିନ ଏବଂ ମାନଦେସି ଫାଉଣ୍ଡେସନ ବନ ଅଞ୍ଚଳର ଯୁବକମାନଙ୍କ ଭବିଷ୍ୟତକୁ ବୃଦ୍ଧି କରିଛି । ସ୍ଥାନୀୟ କ୍ରୀଡା ପ୍ରତିଭା ପାଇଁ ମୌଳିକ କ୍ରୀଡା ସୁବିଧା ଯୋଗାଇବା ପାଇଁ ଫାଉଣ୍ଡେସନ ପ୍ରତିବଦ୍ଧ । ଛାତ୍ର ଜୀବନରେ ପ୍ରତିଭା ସହିତ ଶୃଙ୍ଖଳା ଏବଂ କଠିନ ପରିଶ୍ରମ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ତେନ୍ଦୁଲକର କହିଛନ୍ତି । ଛିନ୍ଦନାର ଗାଁର ସ୍ୱାମୀ ଆତ୍ମନନ୍ଦ ହିନ୍ଦୀ ମାଧ୍ୟମ ଉଚ୍ଚ ବିଦ୍ୟାଳୟ ଏକ ଐତିହାସିକ ପରିବର୍ତ୍ତନ ଦେଖିଛି । କ୍ରିକେଟର କିମ୍ବଦନ୍ତୀ ସଚିନ ତେନ୍ଦୁଲକର ଏବଂ ମାନଦେସି ଫାଉଣ୍ଡେସନ ଦ୍ୱାରା ନିର୍ମିତ ବହୁ-କ୍ରୀଡା ଗ୍ରାଉଣ୍ଡର ଉଦଘାଟନ କରିଥିଲେ । ଏହି ଅବସରରେ ସଚିନଙ୍କ ସହ ମାନଦେସି ଫାଉଣ୍ଡେସନର ପ୍ରତିଷ୍ଠାତା ଚେତନା ସିହ୍ନା ମଧ୍ୟ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ସଚିନ, ସାରା ଓ ସୋନିଆ ଉତ୍ସାହର ସହି ବିଭିନ୍ନ କ୍ରୀଡାରେ ଅଂଶଗ୍ରହଣ କରିଥିଲେ, ଯାହା ଆଦିବାସୀ ପିଲାଙ୍କ ମନବଳ ବୃଦ୍ଧି କରିଥିଲା । ଟଗ୍-ଅଫ୍-ୱାର୍, ଭଲିବଲ୍, ଦୌଡ଼ ଏବଂ ଖୋ-ଖୋ ଭଳି ଆକର୍ଷଣୀୟ ଖେଳ ଆୟୋଜନ କରାଯାଇଥିଲା । ଗ୍ରାଉଣ୍ଡ ଉଦଘାଟନ କରିବା ପରେ ସଚିନ୍ ତେନ୍ଦୁଲକର ଦେଶର ଯୁବ ପ୍ରତିଭାକୁ ଆଗକୁ ବଢ଼ାଇବା ପାଇଁ ତାଙ୍କର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇ କହିଥିଲେ ଯେ ଭବିଷ୍ୟତର ଚାମ୍ପିଅନ୍ ସୃଷ୍ଟି କରିବା ପାଇଁ କେବଳ ବ୍ୟକ୍ତିଗତ ଆଗ୍ରହ ଯଥେଷ୍ଟ ନୁହେଁ ତୃଣମୂଳ ସ୍ତରରେ ଆଧୁନିକ ଏବଂ ଦୃଢ଼ କ୍ରୀଡା ସୁବିଧା ଅତ୍ୟନ୍ତ ଜରୁରୀ । ସଚିନ୍ ନିଜକୁ କ୍ରିକେଟ୍ ପିଚ୍ ପର୍ଯ୍ୟନ୍ତ ସୀମିତ ରଖି ନଥିଲେ, ବରଂ ଭଲିବଲ୍ ଏବଂ ଅନ୍ୟାନ୍ୟ ଖେଳର ଗୁରୁତ୍ୱ ବିଷୟରେ ମଧ୍ୟ ଆଲୋଚନା କରିଥିଲେ । ଦୁର୍ଗମ ଅଞ୍ଚଳର ୫୦ ଟି ଗାଁରେ ଖେଳ ପଡ଼ିଆ ବିକଶିତ କରାଯାଉଛି । ଯେଉଁ ଠାରେ କ୍ରିକେଟ ସହିତ ଫୁଟବଲ୍ ଏବଂ କବାଡି ଭଳି ଖେଳକୁ ମଧ୍ୟ ପ୍ରୋତ୍ସାହିତ କରାଯିବ । ଛାତ୍ରଛାତ୍ରୀଙ୍କୁ ଖେଳ ଓ ଅଧ୍ୟୟନ ମଧ୍ୟରେ ସନ୍ତୁଳନ ବଜାୟ ରଖିବାକୁ ଅନୁରୋଧ କରିଥିଲେ । ଏହି ଅବସରରେ ସଚିନ ତେନ୍ଦୁଲକର ଜନ୍ମଦିନକୁ ପାଳନ କରିବା ପାଇଁ ସହ କେକ୍ କାଟିଥିଲେ ।

## କେସିଙ୍ଗାରୁ ଭୁବନେଶ୍ୱରକୁ ସିଧା ଟ୍ରେନ ଚଳାଚଳ ନେଇ ରେଳମନ୍ତ୍ରୀଙ୍କୁ ସାକ୍ଷାତ କଲେ କଳାହାଣ୍ଡି ଏମପି



କେସିଙ୍ଗା, ୨୫/୦୪ (ଜେଏନଏସ) : କଳାହାଣ୍ଡି ଏମପି ମାଳବିକା ଦେବୀ ବିଭିନ୍ନ ୨୦ ଦଫା ଦାବି ନେଇ ରେଳମନ୍ତ୍ରୀ ଅଶ୍ୱିନି ବୈଷ୍ଣବଙ୍କୁ ଦିଲ୍ଲୀସ୍ଥିତ ବାସଭବନରେ ବୁଧବାର ସାକ୍ଷାତ କରିଛନ୍ତି। ପ୍ରଥମେ କେସିଙ୍ଗାରୁ ଭୁବନେଶ୍ୱରକୁ ସିଧା ଟ୍ରେନ ଚଳାଚଳ କରିବା ସହ ନର୍ଲାରେ ଲୋକୋ ମୋଟିଭ ମରାମତି ଫେକ୍ଟୋରି ସ୍ଥାପନ କରିବାକୁ ଦାବି ଜଣାଇଛନ୍ତି। ସେ ଆହୁରି ମଧ୍ୟ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ନର୍ଲା ରୋଡ଼ ଷ୍ଟେଶନରେ ଗତ କୋଭିଡ ସମୟରେ ରହୁଥିବା ବିଶାଖାପାଟଣା ନିଜାମୁଦ୍ଦି ସମତା ଏକ୍ସପ୍ରେସ, ବିଳାଶପୁର ତୁରୁପତି,ସେହିପରି ରୁପ୍ରା ରୋଡ଼ ଷ୍ଟେସନରେ ମଧ୍ୟ ଉକ୍ତ ଟ୍ରେନ ରହଣି ପାଇଁ ଦାବି କରିଛନ୍ତି। ଧନବାଡ଼ ଏଲେପି,ଅହମ୍ମଦାବା ପୁରୀ,ସମ୍ବଲପୁର ନାଂଦେଡ,ଏବଂ ନୂଆପଡାରେ ସମତା ଟ୍ରେନ ରହଣି ପାଇଁ ଦାବି କରିଛନ୍ତି। ସେହିପରି ଦେପୁରରେ ରେଳ ଷ୍ଟେଶନରେ ଜୁନାଗଡ଼ -ଭୁବନେଶ୍ୱର ଟ୍ରେନ ୨ମିନିଟ ରହଣି ପାଇଁ ଦାବି କରିଛନ୍ତି। ନର୍ଲା ରୋଡ଼େର ଓଭର ବ୍ରିଜ ନିର୍ମାଣ କରିବା ସହ ଭୁବନେଶ୍ୱରରୁ ରାୟଗଡା-କୋରାପୁଟ-ଭାୟା ଟିଟିଲାଗଡ ଦେଇ ଏକ ଟ୍ରେନ ଚଳାଚଳ କରିବାକୁ ଦାବି କରିଛନ୍ତି। ଭବାନୀପାଟଣାରୁ କେସିଙ୍ଗା ୩୦କିମି ଟ୍ରେନ ଲାଇନକୁ ଯଥା ଶୀଘ୍ର ନିର୍ମାଣ କରିବାକୁ ଏକ ସ୍କେଚ ସହ ମନ୍ତ୍ରୀଙ୍କୁ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି। କେସିଙ୍ଗା ଓ ଭବାନୀପାଟଣାରେ ୧୦୦ରୁ ଉର୍ଦ୍ଧ୍ୱ ରାଇସ ମିଲ ରହିଛି । ଧାନ ଓ ଚାଉଳ ନେବା ଆଣିବାରେ ଅସୁବିଧା ହେଉଛି, ତେଣୁ ରାଇସକୁ ଟ୍ରେନ ଲାଇନ ସଂଯୋଗ କରିବାକୁ ଦାବି କରିଛନ୍ତି। ସେହିପରି ଉତକେଲା ଏୟାର ଲାଇନକୁ ଉଡାନ ଯୋଜନା ରୁସିଧାସଳଖ ଏକ ଟ୍ରେନ ଲାଇନ ସଂଯୋଗ କରିବାକୁ ଏମପି ଦାବି କରିଛନ୍ତି।ଏହିପରି କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର ଜିଲାର ଅନେକ ରେଳପଥକୁ ସଂଯୋଗ କରିବାକୁ ୨୦ଦଫା ଦାବିପତ୍ର ରେଳ ମନ୍ତ୍ରୀ ଅଶ୍ୱିନି ବୈଷ୍ଣବଙ୍କୁ ଦାବି କଳାହାଣ୍ଡି ଏମପି ମାଳବିକା ଦେବି ଦାବି କରିଥିବାର ଜଣାପଡ଼ିଛି।

## ଗିରଫ ହେଲେ ପୂର୍ବତନ କ୍ରିକେଟରଙ୍କ ଶଳା-ଶ୍ୱଶୁର



ମୁମ୍ବାଇ,୨୫।୦୪: ପୂର୍ବତନ ଭାରତୀୟ କ୍ରିକେଟର ଏବଂ ତୃଣମୂଳ କଂଗ୍ରେସ ଏମପି ୟୁସୁଫ ପଠାନଙ୍କ ଶ୍ୱଶୁର ଘର ଘରେ ଉତ୍ତେଜନା ଦେଖାଦେଇଛି। ମୁମ୍ବାଇ ପୋଲିସ ୟୁସୁଫ ପଠାନଙ୍କ ଶ୍ୱଶୁର ଖାଲିଦ ଖାନ, ତାଙ୍କ ଶଳା ଏବଂ ଅନ୍ୟ ଜଣେ ସମ୍ପର୍କୀୟଙ୍କୁ ଗିରଫ କରିଛି। ବାଇକୁଲା ଅଞ୍ଚଳରେ ଜଣେ ଯୁବକ ଏବଂ ତାଙ୍କ ସମ୍ପର୍କୀୟଙ୍କୁ ଆକ୍ରମଣ କରିବା ଅଭିଯୋଗରେ ୟୁସୁଫ ପଠାନଙ୍କ ଶ୍ୱଶୁର ଏବଂ ଶଳାଙ୍କୁ ଗିରଫ କରାଯାଇଛି। ଶନିବାର ରାତି ପ୍ରାୟ ୯ଟା ବେଳେ ଏକ ଚଳନ୍ତା କାରରୁ ପାଣି ଛିଟା ପଡ଼ିବାକୁ ନେଇ ଏକ ସାମାନ୍ୟ ବିବାଦ ପରେ ପରିସ୍ଥିତି ଆହୁରି ଖରାପ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ, ମାମଲା ହିଂସାତ୍ମକ ହୋଇ ଝଗଡ଼ା ହୋଇଥିଲା। ଏହି ଘଟଣା ଘଟିଥିଲା ଯେତେବେଳେ ଜଣେ ସ୍ଥାନୀୟ ବାସିନ୍ଦା ୟୁସୁଫ ଖାନ ତାଙ୍କ କାରରେ ଘରକୁ ଯାଉଥିଲେ; ଗାଡିଟି ରାସ୍ତାରେ ଥିବା ଏକ ଗାତରେ ପଡିଥିଲା, ଯାହା ଫଳରେ ସୋଏବ ଖାନଙ୍କ ଉପରେ ପାଣି ଛିଟା ପଡ଼ିଥିଲା। ଯଦିଓ ୟୁସୁଫ ଖାନ ତୁରନ୍ତ ତାଙ୍କ କାରକୁ ଅଟକାଇ କ୍ଷମା ମାଗିଥିଲେ, ସୋଏବ ତାଙ୍କୁ ଗାଳି ଦେଇଥିଲେ ଏବଂ ଏକ ବାଉଁଶ ବାଡ଼ିରେ କାରର ୱିଣ୍ଡସିଲ୍ଡ ଭାଙ୍ଗି ଦେଇଥିଲେ, ଯାହା ଫଳରେ ୟୁସୁଫ ଆହତ ହୋଇଥିଲେ। ଏହା ପ୍ରକୃତ ଝଗଡ଼ାର ଆରମ୍ଭ ହୋଇଥିଲା ଏବଂ ଶେଷରେ ପୋଲିସକୁ ଖବର ଦିଆଯାଇଥିଲା। ରିପୋର୍ଟରୁ ଜଣାପଡୁଛି ଯେ ଘଟଣାଟି ଶନିବାର ରାତି ପ୍ରାୟ ୯ଟାରେ ଘଟିଥିଲା। ୩୦ ବର୍ଷୀୟ ୟୁସୁଫ ଖାନ ଘରକୁ ଫେରୁଥିବା ସମୟରେ ତାଙ୍କ କାର ପାଣି ଭର୍ତ୍ତି ଏକ ଗାତ ଦେଇ ଚାଲିଗଲା। ଏହା ଫଳରେ ସୋଏବ ଖାନ (୩୫)ଙ୍କ ଉପରେ ପାଣି ଛିଟା ପଡ଼ିଲା। ସୋଏବ ଖାନ ହେଉଛନ୍ତି ୟୁସୁଫ ପଠାନଙ୍କ ସମ୍ପର୍କୀୟ। ୟୁସୁଫ ଖାନ ଦାବି କରିଛନ୍ତି ଯେ ସେ ତୁରନ୍ତ ତାଙ୍କ ଗାଡିକୁ ଅଟକାଇ କ୍ଷମା ମାଗିଥିଲେ, କିନ୍ତୁ ପରିସ୍ଥିତି ବଚସାରେ ପରିଣତ ହୋଇଥିଲା। ଅଭିଯୋଗ ହୋଇଛି ଯେ ସୋଏବ ଖାନ ତାଙ୍କୁ ଗାଳି ଦେଇଥିଲେ, ତାଙ୍କ କାରର ୱିଣ୍ଡସିଲ୍ଡକୁ ବାଉଁଶ ବାଡ଼ିରେ ଭାଙ୍ଗି ଦେଇଥିଲେ ଏବଂ ତାଙ୍କୁ ଶାରୀରିକ ଆକ୍ରମଣ କରିଥିଲେ। ଏହା ପରେ, ୟୁସୁଫ ଖାନ ଘରକୁ ଯାଇ ତାଙ୍କ ପରିବାରର ପରାମର୍ଶ ଅନୁଯାୟୀ ପୋଲିସ ସହିତ ଯୋଗାଯୋଗ କରିବାକୁ ନିଷ୍ପତ୍ତି ନେଇଥିଲେ। ତଥାପି, ପୋଲିସ ଷ୍ଟେଶନକୁ ଯାଉଥିବା ସମୟରେ, ସେ ଖଲିଦ ଖାନ – ଓରଫ ମାକାଲିକ – ଯିଏ କି ୟୁସୁଫ ପଠାନଙ୍କ ଶ୍ୱଶୁର, ଖାଲିଦ, ତାଙ୍କ ପୁଅ ଉମରଶାଦ ଖାନ (୩୫), ସୋଏବ ଖାନ ଏବଂ ଶାହବାଜ ପଠାନ ନାମକ ଅନ୍ୟ ଜଣେ ଅଭିଯୁକ୍ତଙ୍କ ସହିତ ପୁଣି ଥରେ ୟୁସୁଫ ଖାନ ଏବଂ ତାଙ୍କ ପରିବାର ସହିତ ଝଗଡ଼ା କରିଥିଲେ। ପରବର୍ତ୍ତୀ ସମୟରେ, ପୋଲିସ ଏହି ମାମଲା ସହିତ ଜଡିତ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ଦ୍ରୁତ ଗତିରେ କାର୍ଯ୍ୟ କରି ବାଇକୁଲା ପୋଲିସ ଖାଲିଦ ଖାନ, ଉମରଶାଦ ଖାନ ଏବଂ ସୋଏବ ଖାନଙ୍କୁ ଗିରଫ କରିଛି। ତଥାପି, ଅଭିଯୁକ୍ତ ଶାହବାଜ ପଠାନ ଫେରାର ଅଛି, ଏବଂ ପୋଲିସ ବର୍ତ୍ତମାନ ତାଙ୍କୁ ଖୋଜୁଛି। ଗିରଫ ହୋଇଥିବା ତିନି ଅଭିଯୁକ୍ତଙ୍କ ବିରୁଦ୍ଧରେ ଆକ୍ରମଣ ଏବଂ ଗୁରୁତର ଆଘାତ ଦେବାର ଏକ ମାମଲା ରୁଜୁ କରାଯାଇଛି, ଏବଂ ରିପୋର୍ଟ ଅନୁଯାୟୀ କୋର୍ଟ ସେମାନଙ୍କୁ ମେ ୨ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି।

## ସର୍ବଭାରତୀୟ ସ୍ତରରେ ୪୯ତମ ସ୍ଥାନରେ ଶୁଭଶ୍ରୀ




କେନ୍ଦ୍ରାପଡ଼ା, ୨୫/୦୪ (ଜେଏନଏସ) : କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ମଙ୍ଗଳପୁର ଗ୍ରାମର ନାରାୟଣ ସ୍ୱାଇଁ ଓ ଭାରତୀ ସ୍ୱାଇଁଙ୍କ ନାତୁଣୀ ତଥା ପ୍ରଦୀପ୍ତ ଓ ଗୀତାଞ୍ଜଳୀଙ୍କ କନ୍ୟା ସୁଶ୍ରୀ ଶୁଭଶ୍ରୀ ସ୍ୱାଇଁ ସର୍ବ ଭାରତୀୟ ସ୍ତରରେ ପିଜି ଆଇଆଇଟିରେ ୪୯ତମ ସ୍ଥାନରେ ଉତ୍ତିର୍ଣ୍ଣ ହୋଇଛନ୍ତି। ସୂଚନାଯୋଗ୍ୟ କି, ସର୍ବଭାରତୀୟ ପିଜି ଆଇଆଇଟିରେ ୪୯ କ୍ରମିକ ନଂ ରେ ଶୁଭଶ୍ରୀଙ୍କ ନାମ ସ୍ଥାନ ପାଇଛି। ସେ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଭୂ ବିଜ୍ଞାନରେ ସର୍ବଶ୍ରେଷ୍ଠ ଛାତ୍ରୀ ଭାବେ ପୁରସ୍କୃତ ହୋଇଥିଲେ। ଏହି କୃତିତ୍ୱ ପାଇଁ ସେ ତାଙ୍କର ବାପା ମା, ଜେଜେ ବାପା, ଜେଜେ ମା, ଅଧ୍ୟାପକ-ଅଧ୍ୟାପିକା, ତଥା ପିତାଙ୍କର ବନ୍ଧୁ ପଦ୍ମନାଭ ପତ୍ରୀ ଓ ଦିଲ୍ଲୀପ ଗାହଣଙ୍କୁ ଶ୍ରେୟ ବୋଲି ବିବେଚିତ କରିଛନ୍ତି। ସର୍ବୋପରି ଇଶ୍ୱରଙ୍କ ନିକଟରେ ଏହି ସଫଳତା ପାଇଁ ପ୍ରଣାମ କରିଛନ୍ତି।

# ଘରୋଇ ଗ୍ରାଉଣ୍ଡରେ ଟାଇଟନ୍ସକୁ ଭେଟିବ ଆରସିବି: ଫୋକସରେ ବିରାଟ ଏବଂ ଗିଲ୍



ବେଙ୍ଗାଲୁରୁ, ୨୫/୦୪ : ଆଇପିଏଲର ୩୪ତମ ଲିଗ୍ ମ୍ୟାଚରେ ଶୁକ୍ରବାର ମୁହାଁମୁହିଁ ହେବେ ଡିଫେଣ୍ଡିଂ ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଗୁଜୁରାଟ ଟାଇଟନ୍ସ । ଘରୋଇ ଗ୍ରାଉଣ୍ଡରେ ଗୁଜରାଟକୁ ଭେଟିବ ଆରସିବି । ଏହି ମ୍ୟାଚ ଜରିଆରେ ଭାରତୀୟ କ୍ରିକେଟର୍ କିଙ୍ଗ୍ ବିରାଟ କୋହଲି ଓ ପ୍ରିନ୍ସ ଶୁଭମନ ଗିଲ୍ ନିଜ ନିଜର ଦବଦବା ଜାହିର କରିବାକୁ ଉଦ୍ୟମ କରିବେ । ନିଜ ନିଜର ଶେଷ ମ୍ୟାଚରେ ପରାଜିତ ହୋଇଥିବା ଉଭୟ ଦଳ ବିଜୟଧାରାକୁ ଫେରିବା ପାଇଁ ତତ୍ପର ରହିଥିବାରୁ ଏକ ସଂଘର୍ଷପୂର୍ଣ୍ଣ ମୁକାବିଲା ଦେଖିବାକୁ ମିଳିପାରେ ।

ବେଙ୍ଗାଲୁରୁ ଗତ ୧୮ ତାରିଖରେ ଅନୁଷ୍ଠିତ ମ୍ୟାଚରେ ଦିଲ୍ଲୀଠାରୁ ପରାଜିତ ହୋଇଥିଲା। ଦିଲ୍ଲୀର ଶୃଙ୍ଖଳିତ ବୋଲିଂ ଓ ଚତୁର ରଣନୀତି ଆଗରେ ବେଙ୍ଗାଲୁରୁ ଫେଲ ମାରିଥିଲା। ଗୁଜରାଟ ଦଳ ମଧ୍ୟ ଚତୁର ରଣନୀତି ପାଇଁ ପରିଚିତ । ଆଶିଷ ନେହରାଙ୍କ ଅଧିନରେ ଗିଲଙ୍କ ଦଳ ସର୍ବଦା ଶୃଙ୍ଖଳିତ ପ୍ରଦର୍ଶନ ଉପରେ ଗୁରୁତ୍ୱ ଦେଇ ଆସିଛି । ଫଳରେ ଉଭୟ ଦଳର ରଣନୀତି ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିବା ନିଶ୍ଚିତ। ଖାଲି ସେତିକି ନୁହେଁ, ଉଭୟ ଦଳର ପେସ୍ ବୋଲିଂ ବିଭାଗ ମଧ୍ୟରେ ମଧ୍ୟ ଏକ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ ।

ଏହି ମ୍ୟାଚକୁ ନେଇ ପୂର୍ବାନୁମାନ କରିବା କଷ୍ଟକର । ଉଭୟ ଦଳ ପରସ୍ପରକୁ ୬ ଥର ଭେଟିଛନ୍ତି ଓ ୩ଟି ଲେଖାଏଁ ମ୍ୟାଚ ଜିତିଛନ୍ତି । ଗତବର୍ଷ ଗୁଜରାଟ ୬ ୱିକେଟରେ ବେଙ୍ଗାଲୁରୁକୁ ହରାଇଥିଲା । ଏଥର ବେଙ୍ଗାଲୁରୁ ପରାଜୟର ପ୍ରତିଶୋଧ ନେବାକୁ ଚେଷ୍ଟା କରିବ । କୋହଲି ଗୋଟିଏ ଛକା ମାରିଲେ ୩୦୦ ଆଇପିଏଲ୍ ଛକା କ୍ଲବରେ ସାମିଲ ହେବେ । ପୂର୍ବରୁ କେବଳ କ୍ରିସ ଗେଲ ଓ ରୋହିତ ଶର୍ମା ଏହି କ୍ଲବରେ ରହିଛନ୍ତି ।

ବେଙ୍ଗାଲୁରୁ ଦଳରେ ପରିବର୍ତ୍ତନ ସମ୍ଭାବନା ନାହିଁ । ମାତ୍ର ଗୁଜରାଟ ନିଜର ଚୂଡାନ୍ତ ଏକାଦଶରେ ପରିବର୍ତ୍ତନ କରିପାରେ । ଫର୍ମ ହରାଇଥିବା ଶାହରୁଖ ଖାନ କିମ୍ବା ରାହୁଲ ତେୱାତିଆଙ୍କ ସ୍ଥାନରେ କୁମାର କୁଶାଗ୍ରଙ୍କୁ ଖେଳିବାକୁ ସୁଯୋଗ ମିଳିପାରେ । ଗୁଜରାଟ ମଧ୍ୟ ଫର୍ମରେ ରହିଥିବା ଜାସନ ହୋଲ୍‌ଡରଙ୍କୁ ଇମ୍ପାକ୍ଟ ପ୍ଲେୟାର ଭାବେ ଖେଳାଇବା ଆଶା କରାଯାଉଛି ।

ଚିନ୍ନାସ୍ୱାମୀ ପିଚ୍ ବ୍ୟାଟିଂ ପାଇଁ ଅନୁକୂଳ ରହିବ । ଛୋଟ ବାଉଣ୍ଡାରୀ ଓ ଦ୍ରୁତ ଆଉଟ୍ ଫିଲ୍ଡ ଯୋଗୁଁ ବିଶାଳ ସ୍କୋର ହେବା ଏକ ପ୍ରକାର ନିଶ୍ଚିତ । ରାତ୍ରିରେ ମ୍ୟାଚ ଖେଳାଯାଉଥିବାରୁ ଟସ ବିଜୟୀ ଦଳ ଫିଲ୍ଡିଂ ନିଷ୍ପତ୍ତି ନେବା ଆଶା କରାଯାଉଛି ।

ଫୁଲ ଡମ୍ବରୁ ବୃଦ୍ଧାଶ୍ରମରେ ସହାୟତା କରିବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ବିଶେଷ ମୋବାଇଲ ନଂ- ୭୬୦୮୮୬୪୬୫୬, ୭୩୨୬୮୩୫୯୩୫ରେ ଯୋଗାଯୋଗ କରିବାକୁ ଅନୁରୋଧ




Published by Sarada Prasanna Swain, at Aitalanga, Athantar, Near Narayani Temple, Bbsr, Khordha, Odisha-752102 and Owned by Sri Bijay Kumar Patnaik at Plot No-492, K1, Kalinga Nagar, Ghatikia, Bhubaneswar,Khordha,Odisha 751003, and Printed by Lalat Kishore Bhanj ,Mayur Printers, Plot No-D1/ 1, section-A, Zone-D,Mancheswar Industrial Estate, Khordha, Odhisha, 752102, Mobile Number-0674-3573358, Email-janabartadigital@gmail.com
ସମ୍ପାଦକ: ଶୁଭେନ୍ଦୁ ରାୟ ମହାପାତ୍ର
Editor: Suvendu Ray Mohapatra